



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-346 ♦BHUBANESWAR ♦SATURDAY ♦14 JUNE 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୪୬ ♦ଭୁବନେଶ୍ୱର ♦ଶନିବାର ♦୧୪ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ମଧ୍ୟପ୍ରାଚ୍ୟ ଥରହର



- ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ
- ୩୩୦ ବୋମାବର୍ଷା କଲେ ୨୦୦ ଲଢୁଆ ବିମାନ
- ପରମାଣୁ କେନ୍ଦ୍ର ସମେତ ୬ ସାମରିକ ଠିକଣା ଧ୍ୱଂସ
- ଇରାନର ୨୦ ପ୍ରମୁଖ ସେନା କମାଣ୍ଡର ନିହତ
- ୬ ପ୍ରମୁଖ ପରମାଣୁ ଓ ସାମରିକ ବୈଜ୍ଞାନିକ ମୃତ
- ଇସ୍ରାଏଲ ଉପରେ ଇରାନ୍‌ର ଶହେରୁ ଊର୍ଦ୍ଧ୍ୱ ଡ୍ରୋନ ମାଡ଼
- ପରମାଣୁ ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ: ଟ୍ରମ୍ପ
- ଆମେରିକାର ଚେତାବନୀକୁ ଇରାନ୍‌ର ବେଖାତିର୍

■ **ତେହରାନ, ୧୩।୬ (ଏଜେନ୍ସି):** ଶୁକ୍ରବାର ପ୍ରତ୍ୟୁଷରେ ମଧ୍ୟପ୍ରାଚ୍ୟରେ ଅପ୍ରତ୍ୟାଶିତ ଘଟଣା ଘଟିଛି। ଏହା ପୁଣି ଯୁଦ୍ଧର ନିଆଁକୁ କୁହୁଳାଇ ଦେଇଛି। ଦୁଇ ଦୁଇଟି ଯୁଦ୍ଧ ଲାଗି ରହିଥିବାବେଳେ ପୃଥିବୀକୁ ଆଉ ଏକ ଯୁଦ୍ଧର କଳାବାଦଲ ଘେରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ଦିନକ ପରେ ମଧ୍ୟପ୍ରାଚ୍ୟ ଥରି ଉଠିଛି। ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ପରେ ଏହି ଭୟାବହ ସ୍ଥିତି ସୃଷ୍ଟି ହୋଇଛି। ଅପରେସନ 'ରାଇଜିଂ ଲାୟନ' ଅଧିନରେ ଭାରତୀୟ ସମୟ ୫ଟା ୧୫ରେ ୨୦୦ରୁ ଅଧିକ ଲଢୁଆ ବିମାନ ଇରାନରେ ଜୋରଦାର ଏୟାର ଷ୍ଟ୍ରାଇକ କରିଛି। ଇରାନର ୧୨ ପ୍ରଦେଶର ୬ଟି ଠିକଣାକୁ ନିଶାଣ କରି ବୋମାବର୍ଷା କରାଯାଇଛି। ୩୩୦ରୁ ଅଧିକ ବୋମାମାଡ଼ରେ ଇରାନ ଥରି ଉଠିଛି। ଆକ୍ରମଣ ଏତେ ଭୟାବହ ଥିଲା ଯେ ରାତିରେ ଦିନର ଭ୍ରମ ସୃଷ୍ଟି ହୋଇଛି। ଏହି ବିଧ୍ୱଂସକ ଆକ୍ରମଣରେ ୪ଟି ପରମାଣୁ କେନ୍ଦ୍ର, ବାଲିଷ୍ଟିକ କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ସମେତ ୬ଟି ସାମରିକ ଠିକଣା ଧ୍ୱଂସ ହୋଇଯାଇଛି। ଏହି ଆକ୍ରମଣ ଇରାନ ପାଇଁ କାଳ ପାଲଟି ଯାଇଛି। ବିପୁଳ କ୍ଷୟକ୍ଷତି ହୋଇଛି। ଯାହାକୁ ଭରଣା କରିବା ଇରାନ ପକ୍ଷେ ସମ୍ଭବ ହେବ ନାହିଁ। ଏହି ଏୟାର ଷ୍ଟ୍ରାଇକରେ ୭୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ୩୨୦ରୁ ଅଧିକ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୃତକଙ୍କ ମଧ୍ୟରେ



ଇରାନ ରିଭୋଲ୍ୟୁସନାରୀ ଗାର୍ଡ କ୍ରସ୍ (ଆଇଆରଜିସି) ମୁଖ୍ୟ ତଥା ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇଙ୍କ ଘନିଷ୍ଠ ଜେନେରାଲ ହୋସେନ ସଲାମୀ, ସଶସ୍ତ୍ର ବାହିନୀ ମୁଖ୍ୟ ମହମ୍ମଦ ବାଘେରୀଙ୍କ ସମେତ ୨୦ ପ୍ରମୁଖ କମାଣ୍ଡରଙ୍କ ଜୀବନ ଯାଇଛି। ୬ ଜଣ ପ୍ରମୁଖ ପରମାଣୁ ଏବଂ ସାମରିକ ବୈଜ୍ଞାନିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହୋଇଛି।

ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଚରମରେ ପହଞ୍ଚାଇ ଦେଇଛି। ଏହାକୁ ନେଇ ଇରାନ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି। ▶ପୃଷ୍ଠା-୭

**ଅହମଦାବାଦ ବିମାନ ଦୁର୍ଘଟଣା** ଦରପୋଡ଼ା ଶବ ଦେଖି ଠକିଯାଉଛି ଆଖି

# ଶବାଗାରରେ ଆତ୍ମୀୟ ଖୋଜା

## ୨୭୦ ମୃତଦେହ ଉଦ୍ଧାର

## ଚିହ୍ନଟ ହୋଇପାରୁନି ୨୬୩



■ **ଅହମଦାବାଦ, ୧୩।୬ (ଏଜେନ୍ସି):** ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଭୟଙ୍କର ଦୁର୍ଘଟଣାରୁ କେବଳ ଜଣେ ମାତ୍ର ରୋଗୀ ଜୀବିତ ବଞ୍ଚି ଯାଇଛନ୍ତି। ଏହି ବିମାନରେ ୧୨ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଏମାନଙ୍କ ମଧ୍ୟରେ ରାଜସ୍ଥାନର ୧୩ ଜଣ, ମଧ୍ୟପ୍ରଦେଶ, ହରିୟାଣା ଏବଂ ବିହାରର ଜଣେ ଲେଖାଏଁ ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ଘଟଣାସ୍ଥଳରୁ ୨୭୦ ମୃତଦେହ ଉଦ୍ଧାର କରାଗଲାଣି। ମାତ୍ର ମୃତଦେହ ଚିହ୍ନଟ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ସମସ୍ତ ମୃତଦେହ ଜଳି ଯାଇଥିବାରୁ ଏହାକୁ ଚିହ୍ନଟ କରିବା କଷ୍ଟସାଧ ହୋଇପଡ଼ିଛି। ସେହିପରି ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ମୃତଦେହ ବି ଚିହ୍ନଟ ହୋଇପାରି ନାହିଁ। ମୃତକଙ୍କୁ ଚିହ୍ନଟ ଲାଗି ତାଙ୍କ ପରିବାର ସଦସ୍ୟଙ୍କ ଡିଏନ୍‌ଏ ପରୀକ୍ଷା କରାଯାଉଛି। ଏହାର ରିପୋର୍ଟ ଆସିବା ପରେ ୭ ଜଣଙ୍କୁ ଚିହ୍ନଟ କରାଯାଇ ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ୨୨୦ ଜଣଙ୍କ ଡିଏନଏ ନମୁନା ସଂଗ୍ରହ କରାଯାଇଛି। ଅହମଦାବାଦ ହସ୍ପିଟାଲ ବାହାରେ ମୃତକଙ୍କ ସମ୍ପର୍କୀୟଙ୍କ ଗହଳି ଲାଗି ରହିଛି। ନିଜ ସମ୍ପର୍କୀୟଙ୍କୁ ଚିହ୍ନଟ କରିବା ପାଇଁ ସେମାନେ ଦିନରାତି ଚାହିଁ ରହିଛନ୍ତି।

ଏହି ବିମାନ ଦୁର୍ଘଟଣାର ଯାଞ୍ଚରେ ୮ଟି ଏଜେନ୍ସି ଲାଗିଛି। ଏଗୁଡିକ ମଧ୍ୟରେ ଗୁଜରାଟ ପୁଲିସ, ଏନଆଇଏ, ଏଏଆଇବି, ଡାଇରେକ୍ଟୋରେଟ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ), ୟୁନାଇଟେଡ କିଙ୍ଗଡମ ଏୟାର ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ରାଞ୍ଚ (ୟୁକେ-ଏଏଆଇବି), ମିଳିତ ଜାତିସଂଘର ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (ଏନଟିଏସବି), ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ସାମିଲ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଘଟଣାସ୍ଥଳ ଗସ୍ତ କରିଛନ୍ତି। ସେ ଆହତଙ୍କୁ ଭେଟିଛନ୍ତି।

## ହଷ୍ଟେଲ୍ ଛାତରୁ ମିଳିଲା ବ୍ଲାକ୍ ବକ୍ସ

■ **ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଅହମଦାବାଦ୍ ବିମାନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୬୫ଜଣ ଯାତ୍ରୀଙ୍କ ମୃତ ହେଦ ଉଦ୍ଧାର କରାଯାଇଛି। ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମଳିନଥିବା ବେଳେ ବିମାନର ବ୍ଲାକ ବକ୍ସ ହଷ୍ଟେଲ ଛାତ ଉପରେ ମିଳିଛି। ବିମାନର ବ୍ଲାକ୍ସ ବକ୍ସ କୁହାଯାଉଥିବା ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର)କୁ ଦୁର୍ଘଟଣାସ୍ଥଳରେ ଥିବା ମେଡିକାଲ ହଷ୍ଟେଲର ଛାତ ଉପରେ ମିଳିଛି ବୋଲି ଶୁକ୍ରବାର ଏୟାର କ୍ରାଫ୍ଟ ଆକସିଡେଣ୍ଟ ବ୍ୟୁରୋ (ଏଏଆଇବି) ସୂଚନା ଦେଇଛି। ଏବେ ଖୁବ୍‌ଶୀଘ୍ର ବିମାନର ଦୁର୍ଘଟଣାର ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ଆଶା କରାଯାଉଛି।

## ମହିଳା ଜନଜାଗରଣ ସମାବେଶରେ ସରକାରଙ୍କୁ ବିଜେଡିର ନିଶାଣ

# ଓଡ଼ିଶାରେ ମହିଳା ଅସୁରକ୍ଷିତ

- ଏକ ବର୍ଷରେ ଦୁଷ୍କର୍ମ, ଅପହରଣ, ହତ୍ୟାରେ ଅହେତୁକ ବୃଦ୍ଧି
- କ୍ଷୁଣ୍ଣ ହୋଇଛି ରାଜ୍ୟର ୭୦ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା
- ସୁଭଦ୍ରାରେ ଦିନକୁ ୨୭ ଟଙ୍କା ମହିଳାଙ୍କ ସ୍ୱାଭିମାନଙ୍କୁ ପରିହାସ



■ **ଯାଜପୁର, ୧୩।୬ (ସମିସ):** ଗତ ଏକ ବର୍ଷରେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳତାକୁ ନେଇ ବର୍ଷିଛି ବିଜେଡି। ଯାଜପୁରର ବରୁଆଁଠାରେ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନରେ ବିଜେଡି ରାଜ୍ୟରେ ବର୍ଦ୍ଧିତ ମହିଳା ବିରୋଧୀ ହିଂସା, ମହିଳାଙ୍କ ପ୍ରତି ଅନ୍ୟାୟ, ପ୍ରତିଶ୍ରୁତି ପାଳନରେ ସରକାରଙ୍କ ବିଫଳତା ଓ ସୁଭଦ୍ରା ସହାୟତା ପରିହାସକୁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି।

ଦଳର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି। ପ୍ରତିଦିନ ମହିଳାମାନେ ଦୁଷ୍କର୍ମ, ଅପହରଣ, ହତ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବାର ଖବର ପ୍ରତିଦିନ ଗଣମାଧମରେ ଶିରୋନାମା ପାଲଟୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହାଛଡା ନବୀନ ସରକାରଙ୍କ ସମୟରେ ମିଶନ ଶକ୍ତି ମାଧମରେ ସଶକ୍ତ ହୋଇଥିବା ୭୦ ଲକ୍ଷ ମହିଳା ମାନେ ଯେଉଁ ଅଥନୈତିକ ସ୍ୱାଧୀନତା ହାସଲ ହାସଲ କରିଥିଲେ, ତାହା ଆଜି ସରକାରଙ୍କ ଉଦାସୀନତା ଯୋଗୁ ବିପଦରେ ପଡିଛି। ରାଜ୍ୟ ସରକାର ମିଶନଶକ୍ତିର ଏସ୍‌ଏଚ୍‌ଜି ଗୁଡିକୁ ଅଣଦେଖା କରିବା ଯୋଗୁଁ ସ୍ୱାବଲମ୍ବୀ ମହିଳାମାନେ ଆଜି ସମ୍ମାନରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଏବେ ଦୈନିକ ୨୭ଟଙ୍କା ହିସାବରେ ଛଅ ମାସକୁ ୫ ହଜାର ଦେଇ ସରକାର ପରିହାସ କରିଛନ୍ତି । ▶ପୃଷ୍ଠା-୭

## ଓଡ଼ିଆ 'ଅସ୍ମିତା'ର ଝାଡ଼ଖଣ୍ଡୀ ପ୍ରୀତି

### ଓଡ଼ିଶା ସାରା ବୁଲୁଛି ଝାଡ଼ଖଣ୍ଡ 'ବିକାଶ ବାହନ'

■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ବୁଲୁଛି 'ବିକାଶ ବାହନ'। ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଏହି ବିକାଶ ବାହନ ଜରିଆରେ ରାଜ୍ୟ ସାରା ପ୍ରଚାର କରାଯାଉଛି। ଗେରୁଆ ରଙ୍ଗରେ ସୁସଜ୍ଜିତ ଗାଡ଼ିରେ ସରକାରୀ ଯୋଜନାଗୁଡ଼ିକର ପ୍ରଚାର କରାଯାଉଛି ଓ ଖୋଦ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଗାଡ଼ିରେ ଲଗାଯାଇଛି। ମାଇକ୍ ଜରିଆରେ ସରକାରଙ୍କ ତଥାକଥିତ ବିକାଶର ରେକଡରିଂ ଗୁଣଗାନ କରାଯାଉଛି।

**ଉପେକ୍ଷିତ ଓଡ଼ିଆ ଗାଡ଼ି ମାଲିକଙ୍କ ପେଟରେ ଲାତ**

ମାତ୍ର ବିଡ଼ମ୍ବନା ହେଉଛି ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର କୋଣ ଅନୁକୋଣରେ ଘୁରୁଥିବା ପ୍ରାୟତଃ ସବୁ ଗାଡ଼ି ଝାଡ଼ଖଣ୍ଡରୁ ଭଡ଼ାରେ ଅଣା ଯାଇଛି ଓ ଗାଡ଼ିଗୁଡ଼ିକରେ ହଳଦିଆ ନମ୍ବର ପ୍ଲେଟରେ ଝାଡ଼ଖଣ୍ଡ ନମ୍ବର ଲିଖିତ ରହିଛି । ଗୋଟିଏ ପଟେ ବିଜେପି ଓ ରାଜ୍ୟ ସରକାର ନିଜକୁ ଓଡ଼ିଆ ଅସ୍ମିତାର ▶ପୃଷ୍ଠା-୭

## ୧୬ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟରେ ଆସନ୍ତା ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବ। ଉତ୍ତର -ପଶ୍ଚିମ ବଙ୍ଗୋପସାଗରରେ ୧୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିସ୍ଥିତି ସୁହାଇଲେ ଏହା ପ୍ରଭାବରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ଏମିତି ହେଲେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ୧୪-୧୫ ତାରିଖ ଅର୍ଥାତ ପହିଲି ରଜ ଓ ରଜ ସଂକ୍ରାନ୍ତିରେ ମଧ୍ୟ ଏହି ସ୍ଥିତି ଜାରି ରହିବାର ▶ପୃଷ୍ଠା-୭


DADLS-31




**ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526


## ବାଇକ୍‌କୁ ଚାପିଦେଲା ଟ୍ରକ୍; ୩ ମୃତ



■ **କେନ୍ଦୁଝର, ୧୩।୬ (ସମିସ):** ସଦର ଥାନା ଶୁଆକାଟି ଫାଣ୍ଡି ଠାକୁରଡିହି ଛକ ବୁଲାଣି ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଶୁଆକାଟି ମାଇନିଂ ଛକ ମହେଶ୍ୱର ବାରିକଙ୍କ ପୁଅ ବିଭୁ (୧୫), ବାଦଲ ନାଏକ(୨୨), ସନତ ନାଏକ(୨୧)। ଫାଣ୍ଡି ଏସ୍‌ଆଇ ସୁରିନାରାୟଣ ପାତ୍ର ଘଟଣାସ୍ଥଳରୁ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକମାନେ ଏକ ବାଇକ୍‌ରେ ଶୁଆକାଟି ପଟୁ କେନ୍ଦୁଝର ଅଭିମୁଖେ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ▶ପୃଷ୍ଠା-୭

**ସରକାରଙ୍କ ଆଦିବାସୀ ପ୍ରୀତି ଏମିତି**

## ଜୁନ ଅଧା ହେଲାଣି; ମିଳିଲାନି ଛାତ୍ରବୃତ୍ତି

■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାର ଆଦିବାସୀଙ୍କ ପାଇଁ କୋଷାଗାର ମେଲା କରି ଦେଇଛନ୍ତି ବୋଲି କହୁଛନ୍ତି। ଆଦିବାସୀଙ୍କ କଲ୍ୟାଣ ପାଇଁ ଅର୍ଥର ଅଭାବ ହେବ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବଖାଣୁଛନ୍ତି। ମାତ୍ର ରାଜ୍ୟର ବିଭିନ୍ନ ଅନୁସୂଚୀତି ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ବୃତ୍ତିରାଶି ଦେବା ଲାଗି ସରକାରଙ୍କ ହାତ ଯାଉ ନାହିଁ। ଏହି ଅର୍ଥରାଶି ବୃଦ୍ଧି ନିମନ୍ତେ ତତ୍‌କାଳୀନ ବିଜେଡ଼ି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପକ୍ଷରେ ଯେତିକି ଅନୁଦାନ ମିଳିବା କଥା ସେତିକି ଠିକ୍ ସମୟରେ କେନ୍ଦ୍ର ସରକାର ନ ଦେଲେ ମଧ୍ୟ ପିଲାମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜ ପାଣ୍ଠିରୁ ତାହାକୁ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ। ମାତ୍ର ଏବେ ଶିକ୍ଷାବର୍ଷ ଆରମ୍ଭ ହେବାର ଦୁଇ ମାସ ପରେ ମଧ୍ୟ ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ ଅଧିକାଂଶ ଅନୁସୂଚୀତ ଜାତି ଓ ଜନଜାତି ▶ପୃଷ୍ଠା-୭

**କରଜ କରି ପ୍ରଧାନଶିକ୍ଷକ ଚଳାଉଛନ୍ତି ଛାତ୍ରାବାସ**

**୪ ଓଳି ଖାଦ୍ୟ, ତେଲ-ସାବୁନ ପାଇଁ ମାସକୁ ମାତ୍ର ୧୦୫୦**

# ଇରାନ ଉପରେ କାହିଁକି ଆକ୍ରମଣ କଲା ଇସ୍ରାଏଲ



ତେଲ ଆଭିଭ, ୧୩।୬ (ଏଜେନ୍ସି): ଇସ୍ରାଏଲ ପାହାନ୍ତିଆରେ ଆକ୍ରମଣ କରି ଇରାନକୁ ଦୋହଲାଇ ଦେଇଛି। ଏହି ଆକ୍ରମଣକୁ ଏଭଳି ଭାବେ ଗୋପନୀୟ ରଖା ଯାଇଥିଲା ଯେ ତାହାର ଟିକିଏ ହେଲେ ବି ସୂଚନା ଇରାନ ପାଇପାରି ନ ଥିଲା। କିନ୍ତୁ ଆମେରିକାକୁ ପ୍ରଥମେ ଜଣାଇ ଦିଆଯାଇଥିଲା। ପୂର୍ବରୁ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେଇ ଚାଲିଥିଲେ। ପରମାଣୁ ଚୁକ୍ତି ନ କଲେ ବଡ଼ ପରିଣତି ଭୋଗିବ ବୋଲି ଚେତାଇ ଦେଇଥିଲା। ଏହା ପରେ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ର, କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ଏବଂ ପ୍ରମୁଖ ନେତୃତ୍ୱଙ୍କୁ ନିଶାଣ କରି ଆକ୍ରମଣ କରିଥିଲା। କେହି କିଛି ବୁଝିବା ଆଗରୁ ଆଇଡିଏଫର ଲଢୁଆ ବିମାନ ରାମ, ସୌଫା, ଏବଂ ଏଡିଆର ଆଦି ଧ୍ୱଂସଲୀଳା ରଚି ଫେରି ଆସିଥିଲା। ଏବେ ଇସ୍ରାଏଲକୁ ଏହି ଅଭିଯାନ କରିବାର କ'ଣ ଆବଶ୍ୟକତା ପଡ଼ିଲା ବୋଲି ପ୍ରଶ୍ନ ଉଠୁଛି। ଏହା ପଛରେ ଇରାନ ପରମାଣୁ କାର୍ଯ୍ୟକ୍ରମ ବଡ଼ କାରଣ ରହିଛି। ଗତ ଫେବୃଆରୀରୁ ଆମେରିକା ଗୁଇନ୍ଦା ଏଜେନ୍ସି ସତର୍କ କରି ଆସୁଥିଲା। ଇରାନ ଆଣବିକ କାର୍ଯ୍ୟକ୍ରମ ସହ ଜଡ଼ିତ ଏକାଧିକ ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଆକ୍ରମଣ କରିପାରେ ବୋଲି କୁହାଯାଇଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଇରାନକୁ ପୂର୍ବରୁ ଅନେକ ଥର ଧମକ ଦେଇଥିଲେ।

କିଛି ଦିନ ତଳେ ଆମେରିକା ଗୁଇନ୍ଦା ରିପୋର୍ଟରେ କୁହାଯାଇଥିଲା ଯେ ଅକ୍ଟୋବରରେ ମିସାଇଲ ଉତ୍ପାଦନ କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇସ୍ରାଏଲ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି। ଇରାନରେ କ୍ଷମତା ପରିବର୍ତ୍ତନ କରି ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ମଧ୍ୟ ଇସ୍ରାଏଲ ଚାହୁଁଥିବା କୁହାଯାଇଥିଲା। ଆଜି ଇସ୍ରାଏଲ ଏହାକୁ ସତ କରି ଦେଖାଇଛି। ଯଦି ଇରାନ ଆଣବିକ ବୋମା ପାଇଯାଏ ତେବେ ତେଲ ଆଭିଭ ସବୁଠାରୁ ଅଧିକ କ୍ଷତି ସହିବ ବୋଲି ଇସ୍ରାଏଲ କହି ଆସୁଥିଲା। କାରଣ ଇରାନ ଇସ୍ରାଏଲର ଦୃଢ଼ ବିରୋଧୀ। ଇସ୍ରାଏଲକୁ ନିପାତ କରିବା ପାଇଁ ଇରାନ ଚାହୁଁଛି। ଦୀର୍ଘ ଦଶନ୍ଧି ଧରି ଇସ୍ରାଏଲ ବିରୋଧରେ ଛାୟା ଯୁଦ୍ଧ ଚଳାଇଛି। ହମାସ, ହୁତି ବିଦ୍ରୋହୀ ଏବଂ ହିଜବୁଲ୍ଲା ମାଧ୍ୟମରେ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଛି। ଏହି ଆତଙ୍କବାଦୀ ଗୋଷ୍ଠୀ ଗୁଡିକୁ ଇରାନ ସହାୟତା ଦେଉଛି। ଗାଜାରେ ଇସ୍ରାଏଲ ଆକ୍ରମଣ ପରଠାରୁ ଏହି ସଂଗଠନ ଗୁଡ଼ିକ ପାଲେଷ୍ଟାଇନ ସମର୍ଥନରେ ବାହାରିଛନ୍ତି। ସେମାନେ ଇସ୍ରାଏଲ ବିରୋଧରେ ନିଜର ଆକ୍ରମଣକୁ ଜୋରଦାର କରିଛନ୍ତି।

ଅନ୍ୟପକ୍ଷରେ ମିଳିତ ଜାତିସଂଘର ଆଣବିକ ୱାଚଡଗ ଗୁରୁବାର ଗୋଟିଏ ସଂକଳ୍ପ ପାରିତ କରିଥିଲା। ଏଥିରେ ଇରାନ ନିଜର ଆଣବିକ ନିରସ୍ତ୍ରୀକରଣ ଚୁକ୍ତିକୁ ଉଲ୍ଲଙ୍ଘନ କରିବା ସ୍ଥିତିରେ ରହିଛି ବୋଲି କୁହାଯାଇଥିଲା। ଏହାର ଜବାବରେ ଇରାନ ଆଣବିକ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଘୋଷଣା କରିଥିଲା। ଇରାନ ପରମାଣୁ କାର୍ଯ୍ୟକ୍ରମକୁ ଜୋରଦାର କରିବାରୁ ଇସ୍ରାଏଲ ଆକ୍ରମଣ କରିଥିଲା। ସବୁ ରାସ୍ତା ବନ୍ଦ ହୋଇ ଯାଇଥିବାରୁ ବାଧ୍ୟବାଧକତାରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଇସ୍ରାଏଲ ବିଦେଶମନ୍ତ୍ରୀ ଗିଦୋନ ସାର୍ କହିଛନ୍ତି। ଇରାନ ଅଟକିବାକୁ ଚାହୁଁ ନ ଥିଲା। ତେଣୁ ତାକୁ ରୋକିବାର ଆବଶ୍ୟକତା ଥିଲା।

## ଆକ୍ରମଣରେ କିଏ ହରାଇଛନ୍ତି ପ୍ରାଣ

ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ବହୁ ଉଚ୍ଚ ପଦରେ ଥିବା ଅଧିକାରୀ ପ୍ରାଣ ହରାଇଛନ୍ତି। ପ୍ରତି ଆକ୍ରମଣକୁ ଦେଖି ଇସ୍ରାଏଲ ନିଜ ଦେଶରେ ଏମର୍ଜେନ୍ସି ଜାରି କରିଛି। ସଂରକ୍ଷିତ ସେନାକୁ ମୁତୟନ ଆରମ୍ଭ କରିଛି। ସେନାକୁ ସତର୍କ କରି ରଖିଛି। ଇସ୍ରାଏଲ ଆଜି ତେହରାନ ସ୍ଥିତ ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ମୁଖ୍ୟାଳୟକୁ ନିଶାଣ କରି ଆକ୍ରମଣ କରିଥିଲା। ଏଥିରେ ଆଇଆରଜିସି ମୁଖ୍ୟ ତଥା ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ଜେନେରାଲ ହୋସେନ ସଲାମୀ ପ୍ରାଣ ହରାଇଛନ୍ତି। ସେ ୨୦୧୯ ଠାରୁ ଏହି ପଦରେ ରହିଥିଲେ। ଏହି ଅଭିଯାନରେ ମେଜର ଜେନେରାଲ ମହମ୍ମଦ ବାଘେରୀ ମଧ୍ୟ ନିହତ ହୋଇଛନ୍ତି। ସେ ସଶସ୍ତ୍ର ବାହିନୀର ମୁଖ୍ୟ ଥିଲେ। ସର୍ବୋଚ୍ଚ ନେତା ଖାମନେଇଙ୍କ ପରେ ସେ ଦ୍ୱିତୀୟ କ୍ଷମତା କେନ୍ଦ୍ର ଥିଲେ। ସେହିପରି ଖତମ ଏଲ- ଅନବିୟାର ମୁଖ୍ୟାଳୟରେ ହୋଇଥିବା ଆକ୍ରମଣରେ ଜେନେରାଲ ଘୋଲମ ଅଲି ରସିଦ ନିହତ ହୋଇଛନ୍ତି। ବାୟୁସେନା ମୁଖ୍ୟ ଅମିର ଅଲ୍ଲି ହାଜିଜାଦେହ ଏବଂ ପୂର୍ବତନ ଆଇଆରଜିସି କମାଣ୍ଡର ଅଲି ସାମଖାନୀ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେହିପରି ୬ ପରମାଣୁ ବୈଜ୍ଞାନିକଙ୍କ ଜୀବନ ମଧ୍ୟ ଯାଇଛି। ଏମାନଙ୍କ ମଧ୍ୟରେ ଅବଦୋଲହମିତ ମିନୋଚେହର, ଅହମଦରେଜା ଜୋଲଫାଘରି, ଅମିରହୋସେନ ଫେକି, ମୋତାଲେବିଲଜେଦହ, ମହମ୍ମଦ ମେହଦି ତେହରାଞ୍ଚି ଏବଂ ଫେରେଦୋନ ଅବାସି ସାମିଲ ଅଛନ୍ତି।

## ଇରାନକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ, ୧୩।୬(ଏଜେନ୍ସି): ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଆମେରିକା ଇରାନକୁ ଖୋଲାଖୋଲି ଭାବେ କହିଛି। ଇସ୍ରାଏଲ୍ ପାଖରେ ବିପଜ୍ଜନକ ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ରହିଛି। ତେଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇରାନ ଭୟଙ୍କର ପରିଣାମ ଭୋଗିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଇରାନରେ ଯେଉଁମାନେ ଏହି ଚୁକ୍ତିକୁ ବିରୋଧ କରୁଥିଲେ, ସେମାନେ ସମସ୍ତେ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏବେ ମଧ୍ୟ ଇରାନ ପାଖରେ ସୁଯୋଗ ରହିଛି ବୋଲି ଟ୍ରମ୍ପ ଏକ ପୋଷ୍ଟରେ ଉଲ୍ଲେଖ କରି ଏହି କଥା କହିଛନ୍ତି। ଆମେରିକାରେ ସବୁଠାରୁ ଘାତକ ତଥା ବିପଜ୍ଜନକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି। ଇସ୍ରାଏଲ ପାଖରେ ବିପୁଳ ପରିମାଣରେ ଏହି ଅସ୍ତ୍ରଶସ୍ତ୍ର ରହିଛି।

## ଇରାନ ହାତ ଛାଡ଼ିଦେଲା ହିଜବୁଲ୍ଲା



ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଛି। ପରମାଣୁ ଠିକଣାରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ ପରେ ଲେବାନନ ଇରାନକୁ ବଡ଼ ଝଟ୍‌କା ଦେଇଛି। ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ଇରାନର ହାତ ଛାଡ଼ି ଦେଇଛି। ଲେବାନନ ସରକାରଙ୍କ ତାଗିଦ ଯୋଗୁଁ ଏପରି ହୋଇଛି। ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲି ଦିଆଯିବ ନାହିଁ ବୋଲି ଲେବାନନ ସରକାର ସ୍ପଷ୍ଟ କରିଦେଇଛନ୍ତି। ଏହା ସହିତ ହିଜବୁଲ୍ଲାକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଇରାନ ସପକ୍ଷରେ ଯାଇ ଇସ୍ରାଏଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ହିଜବୁଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ପ୍ରତ୍ୟେକ ସ୍ଥିତିରେ ହିଜବୁଲ୍ଲା ଇରାନକୁ ସମର୍ଥନ ଦେଇଥାଏ। କିନ୍ତୁ ଚଳିତ ଥର ସ୍ଥିତି ବଦଳି ଯାଇଛି। ସାଉଦି ନ୍ୟୁଜ ଆଉଟଲେଟ୍ 'ଅଲ-ଅରବିୟା' ରିପୋର୍ଟ ଅନୁଯାୟୀ ଲେବାନନ ସରକାର ହିଜବୁଲ୍ଲାଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଏବେ ସଂଗଠନ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିବ ନାହିଁ। ଏବେ ସେହି ସମୟ ଚାଲି ଯାଇଛି। ଆଉ ନିଜେ ନିଷ୍ପତ୍ତି ନେଇ ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲିପାରିବ ନାହିଁ। ଏବେ ଯଦି ହିଜବୁଲ୍ଲା ଆକ୍ରମଣ କରିବ ତେବେ ସାରା ଦେଶକୁ ଏହାର ଫଳ ଭୋଗିବାକୁ ପଡ଼ିବ।

ଲେବାନନ ସରକାରଙ୍କ ଏହି ନିର୍ଦ୍ଦେଶ ପଛରେ ଇସ୍ରାଏଲ ଆକ୍ରମଣର ଭୟ ରହିଛି। ହିଜବୁଲ୍ଲା ଆକ୍ରମଣ କଲେ ଇସ୍ରାଏଲ ବେରୁତ ଏବଂ ଦକ୍ଷିଣ ଲେବାନନର ଅନେକ ଅଞ୍ଚଳକୁ ନିଶାଣ କରିପାରେ। ପୂର୍ବରୁ ଇସ୍ରାଏଲ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଛି। ଏଭଳି ସ୍ଥିତିରେ ସରକାର କୌଣସି ବିପଦକୁ ଆମନ୍ତ୍ରଣ ଦେବାକୁ ଚାହୁଁନାହାନ୍ତି। ଅନ୍ୟପଟେ ଲେବାନନ ଆର୍ଥିକ ଏବଂ ରାଜନୈତିକ ସଙ୍କଟ ଦେଇ ମଧ୍ୟ ଗତି କରୁଛି। ଦରଦାମ ବୃଦ୍ଧି, ବେକାରୀ, ସରକାରରେ ଅସ୍ଥିରତା ମଧ୍ୟରେ ସାମରିକ ସଂଘର୍ଷ ହେଲେ ସ୍ଥିତି ଅଧିକ ଉତ୍କଟ ହୋଇଯିବାର ସମ୍ଭାବନା ରହିଛି। ତେଣୁ ସରକାର ଭାବିଚିନ୍ତି ଏପରି ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟରେ ହିଜବୁଲ୍ଲା ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛି। ଏହାକୁ ବିପଜ୍ଜନକ ପଦକ୍ଷେପ କହିଛି। ଆମେରିକା ସମର୍ଥନରେ ଇସ୍ରାଏଲ ସୀମା ପାର କରିଦେଇଥିବା କୁହାଯାଇଛି। ଇସ୍ରାଏଲର ଏହି ପଦକ୍ଷେପ ଦ୍ୱାରା ଶାନ୍ତି ଏବଂ ସ୍ଥିରତା ପାଇଁ ଚାଲିଥିବା ପ୍ରୟାସ ପ୍ରଭାବିତ ହୋଇଛି। ତେବେ ଏହାର ଜବାବରେ ଇସ୍ରାଏଲ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ହିଜବୁଲ୍ଲା ସ୍ପଷ୍ଟ କରିଦେଇଛି।

## ଅହମଦାବାଦ ଦୁର୍ଘଟଣା

### ଜୀବନ ହରାଇଲେ ଭାଇ-ଭଉଣୀ



ଉଦୟପୁର, ୧୩।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରର ମାର୍ବଲ ବ୍ୟବସାୟୀ ସଞ୍ଜୀବ ମୋଦୀଙ୍କ ପୁଅ ଶୁଭ ଓ ଝିଅ ସଗୁନ୍ ଲଣ୍ଡନ ବୁଲିବାକୁ ଯାଉଥିଲେ। କିନ୍ତୁ ଏମାନଙ୍କର ଏହି ଯାତ୍ରା ଥିଲା ଶେଷଯାତ୍ରା। ଭାଇ- ଭଉଣୀ ଏମ୍‌ବିଏ କରିବା ପରେ ପିତାଙ୍କ ବ୍ୟବସାୟ ସମ୍ଭାଳୁଥିଲେ। ଦୁର୍ଘଟଣା ବିଷୟରେ ଜାଣିବା ପରେ ସଞ୍ଜୀବ ଅହମଦାବାଦ ଯାଇଛନ୍ତି। ସ୍ଥାନୀୟ ସହେଲୀ ନଗରସ୍ଥିତ ତାଙ୍କ ବାସଭବନକୁ ଉଦୟପୁର ଜିଲ୍ଲା କଲେକ୍ଟର ନମିତ ମେହେତା ଯାଇ ଘଟଣା ସଂକ୍ରାନ୍ତରେ ତାଙ୍କୁ ଓ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଆଖପାଖ ପଡୋଶୀ ମଧ୍ୟ ସେଠାରେ ପହଞ୍ଚିବାକୁ ଲାଗିଥିଲେ। ସେଠାରେ ଏବେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ପତ୍ନୀଙ୍କ ଅନ୍ତିମ ସଂସ୍କାର କରିବାକୁ ଆସିଥିଲେ, କିନ୍ତୁ...




ସୁରଟ, ୧୩।୬(ଏଜେନ୍ସି): ମୂଳତଃ ସୁରଟ ରହୁଥିବା ଅର୍ଜୁନ ପଟୋଲିଆ ପତ୍ନୀ ଓ ଦୁଇ ଝିଅଙ୍କ ସହ ୨୦୦୯ ରୁ ଲଣ୍ଡନରେ ରହିଆସୁଥିଲେ। ସେ ଲଣ୍ଡରେ ଏକ ବଡ଼ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୩ ବର୍ଷ ହେବ ତାଙ୍କ ପତ୍ନୀ ସର୍ଭାଇକାଲ କ୍ୟାନ୍ସରରେ ପୀଡିତ ଥିଲେ। ଗତ ମେ ୨୩ରେ ପତ୍ନୀଙ୍କ ପରଲୋକ ହୋଇଥିଲା। ଲଣ୍ଡନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିଲା। କିନ୍ତୁ ଅନ୍ତିମ ସଂସ୍କାର ପରେ ସେ କେତୋଟି ରୀତିନୀତି ପାଳନ କରିବାକୁ ସୁରତ ଆସିଥିଲେ। ଏହାକୁ ପୂରଣ କରି ଅର୍ଜୁନ ଲଣ୍ଡନ ଫେରୁଥିଲେ। କିନ୍ତୁ ତାଙ୍କର ଏହି ଯାତ୍ରା ମହାଯାତ୍ରାରେ ପରିଣତ ହୋଇଥିଲା।

### ବାନ୍ଧବୀଙ୍କ ସହ ନେଲେ ଶେଷ ନିଶ୍ୱାସ



ଅହମଦାବାଦ, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ଆଉ ଏକ ଦୁଃଖଦ ଖବରକୁ ନେଇ ଗୁଜରାଟରେ ଚର୍ଚ୍ଚା ହେଉଛି। ବିବାହ କରିବାକୁ ଯାଉଥିବା ଏକ ଯୋଡି ଏହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗୁଜରାଟର ଗଢ଼ଡା ତାଲୁକାର ଅଡତଲା ଗାଁରେ ରହୁଥିବା ୨୭ ବର୍ଷୀୟ ହାର୍ଦ୍ଦିକ ଦେବରାଜଭାଇ ଲଣ୍ଡନରେ ଆମାଜନରେ ଚାକିରି କରୁଥିଲେ। ସେ ଗ୍‌ତ ଦୁଇବର୍ଷ ହେବ ଲଣ୍ଡନରେ ରହୁଥିଲେ। ଲଣ୍ଡନରେ ରହୁଥିବା ବିଭୂତୀଙ୍କର ଗୋଟିଏ ମାସ ପୂର୍ବରୁ ନିର୍ବନ୍ଧ ହୋଇଥିଲା। ଏଥିପାଇଁ ରିତୀନୀତି ପାଳନ କରିବାକୁ ଦୁହେଁ ଗାଁକୁ ଆସିଥିଲେ। ଗୁରବାର ଦୁହେଁ ବିମାନରେ ଲଣ୍ଡନ ଫେରୁଥିଲେ। କିନ୍ତୁ ଦୁହେଁ ସାଥି ହୋଇ ଶେଷ ନିଶ୍ୱାସ ନେଇଥିଲେ।

### ଏମ୍‌ବିବିଏସ୍ ଆଡମିସନ କରିବାକୁ ଲଣ୍ଡନ ଯାଉଥିଲେ ପାୟଲ



ଅହମଦାବାଦ, ୧୩।୬ (ଏଜେନ୍ସି): ପିଲାଟି ବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲେ ପାୟଲ ଖଟିକ୍। ଲଣ୍ଡନର ଏକ ପ୍ରତିଷ୍ଠିତ କଲେଜ୍‌ରେ ସେ ଏମ୍‌ବିବିଏସ୍‌ରେ ଆଡମିସନ କରିବାକୁ ଯାତ୍ରା କରିଥିଲେ। ସେ ପରିବାର ସହିତ ଗୁଜରାଟ ହିମତ ନଗରରେ ରହୁଥିଲେ। କିନ୍ତୁ ମୂଳତଃ ସେ ଉଦୟପୁର ଜିଲ୍ଲାର ଗୋଗୁଁନ୍ଦାରେ ପୂର୍ବରୁ ରହୁଥିଲେ। ପଢ଼ିବାକୁ ତାଙ୍କର ଜବରଦସ୍ତ ଉତ୍ସାହ ଥିଲା। ଏହା ମଧ୍ୟ ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା। କିନ୍ତୁ ସେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଦୁର୍ଘଟଣା ବେଳେ ତାପମାତ୍ରା ୧, ୦୦୦ ଡିଗ୍ରୀ ଥିଲା



ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଟେକ୍ ଅଫ୍‌ର ମାତ୍ର ୩୦ ସେକେଣ୍ଡ ମଧ୍ୟରେ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ବେଳେ ବିମାନର ତାପମାତ୍ର ୧, ୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌କୁ ବୃଦ୍ଧି ପାଇଥିଲା। ବିମାନରେ ସେତେବେଳେ ୧.୨୫ ଲକ୍ଷ ଲିଟର ଇନ୍ଧନ ରହିଥିଲା। ଏହି ଇନ୍ଧନ ଜଳିବା ଫଳରେ ତାପମାତ୍ରରେ ଜବରଦସ୍ତ ବୃଦ୍ଧି ହୋଇଥିଲା। ଫଳରେ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଥାନ୍ତି। ଏପରିକି ଦୁର୍ଘଟଣା ସ୍ଥଳରେ ପକ୍ଷୀ ଓ କୁକୁର ଭଳି ଜୀବ ମଧ୍ୟ ବଞ୍ଚି ପାରି ନଥିଲେ। ଇନ୍ଧନ ଜଳିବା ଫଳରେ କାହାକୁ ଉଦ୍ଧାର କରିବା ଅସମ୍ଭବ ଥିଲା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ମୃତ ଦେହଗୁଡିକ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ବେଳେ, ସେଗୁଡିକୁ ଚିହ୍ନଟ କରିବାକୁ ଏବେ ଡିଏନ୍‌ଏ ଟେଷ୍ଟ କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ସିଭିଲ ହସ୍ପିଟାଲକୁ ୨୭୦ଟି ମୃତଦେହ ଅଣାଯାଇଥିବା ବେଳେ କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ କିଛି କୁହାଯାଇନାହିଁ।

## ଉଡ଼ାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ ହେବ: ଡିଜିସିଏ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଏଥର ଉଡାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ ହେବ। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ) ଶୁକ୍ରବାର ଏ ନେଇ ଆଦେଶ ଦେଇଛି। ଉଡାଣ ପୂର୍ବରୁ ୭୮୭ ଡ୍ରିମ୍‌ଲାଇନର ସୁରକ୍ଷା ଯାଞ୍ଚ ହେବ ବୋଲି କୁହାଯାଇଛି। ବୋଇଂ ୭୮୭-୮ ଓ ୭୮୭-୯ ବିମାନର ପ୍ରତ୍ୟେକ ଉଡାଣ ପୂର୍ବରୁ କଡ଼ାକଡ଼ି ଯାଞ୍ଚ ହେବ ବୋଲି ସ୍ପଷ୍ଟ କରାଯାଇଛି। ସବୁ ଯାଞ୍ଚ ରିପୋର୍ଟ ଡିଜିସିଏକୁ ପ୍ରଦାନ କରାଯିବ। ସେହିପରି ଏୟାର ଇଣ୍ଡିଆର ଜେନଏକ୍ସ ଇଞ୍ଜିନ ବାଲା ବୋଇଂ ୭୮୭-୮ ଓ ୭୮୭-୯ ବିମାନର ଅତିରିକ୍ତ ପରିଚାଳନା ତଥା ମେଣ୍ଟେନାନ୍ସ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଡିଜିସିଏର ଏହି ଆଦେଶ ତଥା ନିର୍ଦ୍ଦେଶ ଜୁନ୍ ୧୫ରୁ ଲାଗୁ ହେବ। ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ପାଖରେ ୨୬ଟି ୭୮୭-୮ ଓ ୭ଟି ୭୮୭-୯ ବିମାନ ରହିଛି। ଉଡାଣ ପୂର୍ବରୁ ଖାସ୍ କରି ୯ଟି ଗୁରୁତ୍ୱପୂର୍ଣ୍ଣ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବଞ୍ଚିଯାଇଥିବା ଏକ ମାତ୍ର ଯାତ୍ରୀ ରମେଶଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଅହମଦାବାଦ୍, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ବର୍ତ୍ତିଯାଇଥିବା ଏକାମାତ୍ର ଭାଗ୍ୟବାନ ଯାତ୍ରୀ ରମେଶ ବିଶ୍ୱାସ କୁମାରଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ ଶୁକ୍ରବାର ସିଭିଲ ହସ୍ପିଟାଲ ଯାଇ ତାଙ୍କୁ ଭେଟିଛନ୍ତି। ଉଭୟ ୧୦ ମିନିଟ ଧରି କଥା ହୋଇଥିଲେ। ମୋଦୀ ତାଙ୍କ ହାଲଚାଲ୍ ପଚାରି ବୁଝିଥିଲେ। ବିମାନରେ ରମେଶ ୧୧ଏ ସିଟ୍‌ରେ ବସିଥିଲେ। ଦୁର୍ଘଟଣା ପରେ ସେ ଘଟଣାସ୍ଥଳରୁ ଚାଲିଚାଲି ବାହାରକୁ ଆସିଥିଲେ। ମୋଦୀ ତାଙ୍କୁ କିପରି ଦୁର୍ଘଟଣା ହୋଇଥିଲା ବୋଲି ପଚାରିଥିଲେ। ବଞ୍ଚିଛି ବୋଲି ନିଜକୁ ବିଶ୍ୱାସ କରିପାରୁ ନାହିଁ ବୋଲି ରମେଶ କହିଥିଲେ। ସମ୍ପୂର୍ଣ୍ଣ ଦୁର୍ଘଟଣା ମୋ ଆଖି ସାମ୍ନାରେ ଘଟିଥିଲା। ମୋ ସିଟ୍ ବିମାନର ଯେଉଁ ଅଂଶରେ ଥିଲା ତାହା ବିଲ୍ଡିଂର ନିମ୍ନ ଭାଗରେ ମାଡ୍ ହୋଇଥିଲା। ବିମାନର ଉପର ଅଂଶରେ ନିଆଁ ଲାଗିଥିଲା। ଏଥିରେ ବହୁ ଲୋକ ଫସିଯାଇଥିଲେ। ବୋଧେ ମୁଁ ସିଟ ସହିତ ତଳକୁ ଖସି ପଡ଼ିଥିଲି ଓ ଯେମିତ ହେଉ ବାହାରିବାକୁ ଚେଷ୍ଟା କରିଥିଲି। ମୋ ଆଖି ସମ୍ନାରେ ଦୁଇଜଣ ଏୟାର ହଷ୍ଟେସ ଓ ଜଣେ ଅଙ୍କଲ ଓ ଆଣ୍ଟି ଜଳିଯାଉଥିଲେ ବୋଲି ରମେଶ କହିଛନ୍ତି। ସେ ଏହି ଦୁର୍ଘଟଣାର ବଞ୍ଚିବା ଏକ ବଡ଼ ଚମତ୍କାର ବୋଲି କୁହାଯାଇପାରେ।

## ବୋଇଂ ୭୮୭-୮ ଉଡ଼ାଣକୁ ବନ୍ଦ କରିପାରେ ଭାରତ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ କେନ୍ଦ୍ର ସରକାର ବୋଇଂ ୭୮୭-୮ ବିମାନର ଉଡାଣ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ସମ୍ଭାବନା ସୃଷ୍ଟି ହୋଇଛି। ସରକାର ଏହି ବିମାନର ଉଡାଣକୁ ବନ୍ଦ କରିପାରନ୍ତି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ସୁରକ୍ଷା ନେଇ ବିଶ୍ଳେଷଣ କରିବାକୁ ଆମେରିକାର ଏହି ବିମାନ କମ୍ପାନୀ ସହ ଭାରତ ଖୁବ୍‌ଶୀଘ୍ର ଆଲୋଚନା କରିବ। କେବଳ ସେତିକ ନୁହଁ ଏୟାର ଇଣ୍ଡିଆ ମଧ୍ୟ ନିଜର ବିମାନ ସଞ୍ଚାଳନ ପ୍ରକ୍ରିୟା ଓ ମାନ ନେଇ ଯାଞ୍ଚର ସମ୍ମୁଖୀନ ହେବ ବୋଲି କୁହାଯାଇଛି। ସେପଟେ ଏହି ଘଟଣା ନେଇ ବୋଇଂ ଏୟାର ଇଣ୍ଡିଆ ସହ ଯୋଗାଯୋଗ କରିଛି। ଏୟାର ଇଣ୍ଡିଆକୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ବୋଇଂ ପ୍ରସ୍ତୁତ ଅଛି ବୋଲି କହିଛି। ଯାତ୍ରୀ, କ୍ରିୟୁ ମେମ୍ବରଙ୍କ ସୁରକ୍ଷାକୁ ଆମେ ସବୁବେଳେ ପ୍ରାଥମିକତା ଦେଉଥାଉ ବୋଲି ବୋଇଂ ତରଫରୁ କୁହାଯାଇଛି।

## ଥାଇଲାଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ବ୍ୟାଙ୍କକ୍, ୧୩।୬(ଏଜେନ୍ସି): ଥାଇଲାଣ୍ଡର ଫୁକେଟ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆ ବିମାନ ଏଆଇ-୩୭୯ ଜରୁରୀ ଅବତରଣ କରିଛି। ଏହି ବିମାନରେ ବୋମା ଥିବାର ସୂଚନା ମିଳିଥିଲା। ବିମାନରେ ୧୫୬ଜଣ ଯାତ୍ରୀ ଥିଲେ। ଏହା ଫୁକେଟରୁ ଦିଲ୍ଲୀ ଯାତ୍ରା କରୁଥିଲା। କିନ୍ତୁ ଭାରତୀୟ ସମୟ ଅନୁସାରେ ସକାଳ ୯.୩୦ରେ ଅବତରଣ କରିଥିଲା। ବିମାନ ଆଣ୍ଡାମାନ ସାଗର ଉପରେ ଏକ ବଡ଼ ଚକ୍କର ଲଗାଇ ପ୍ରତ୍ୟାବର୍ତ୍ତନ କରିବା ସହ ୨୦ ମିନିଟ୍ ପରେ ଲ୍ୟାଣ୍ଡିଂ କରିଥିଲା। ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି କୁହାଯାଇଛି ଓ କାହାର କୌଣସି କ୍ଷତି ହୋଇନାହିଁ। ବୋମା ଧମକ ମିଳିବା ପରେ ଫୁକେଟ ବିମାନ ବନ୍ଦର ଏୟାରପୋର୍ଟ କଣ୍ଟିଜେନ୍ସି ପ୍ଲାନ (ଏସିପି) ଆକ୍ଟିଭେଟ୍ କରିଥିଲା। ଏହି ଧମକକୁ ନେଇ ସବୁ ଜରୁରୀ ପଦକ୍ଷେପ ନିଆଯାଇଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା: ବୀମା କମ୍ପାନୀକୁ ୨୪୯୦ କୋଟିର ଝଟ୍‌କା

■ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ସବୁଠାରୁ ବଡ଼ ବୀମା କ୍ଲେମ୍

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଅହମ୍ମଦାବାଦରେ ସମ୍ପ୍ରତି ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ କେବଳ ବହୁ ଜୀବନ ଯାଇଛି ତା' ନୁହେଁ, ବରଂ ଏହା ବୀମା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟ ଆଣିଛି। କାରଣ ଦୁର୍ଘଟଣା ଯୋଗୁ ବୀମା କମ୍ପାନୀକୁ ବୀମା କ୍ଲେମ୍ ବାବଦ ପ୍ରାୟ ୨୪୯୦ କୋଟିର ଝଟ୍‌କା ଲାଗିବାକୁ ଯାଉଛି। ଏହି ଦୁର୍ଘଟଣାରେ ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଛି। ସେଥିପାଇଁ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏହା ସବୁଠାରୁ ବଡ଼ ବୀମା କ୍ଲେମ୍ ହେବାକୁ ଯାଉଛି।



ଭିସ୍ତାରା ସହ ମିଶ୍ରଣ ପରେ ଏୟାର ଇଣ୍ଡିଆ ଏହାର ୩୦୦ ରୁ ଅଧିକ ବିମାନ ପାଇଁ ମୋଟ ୨୦ ବିଲିୟନ ଡଲାର (ପ୍ରାୟ ୧.୬୬ ଲକ୍ଷ କୋଟି ଟଙ୍କା)ର ବୀମା କଭର ନେଇଥିଲା। ସୂତ୍ର ଅନୁଯାୟୀ, ମୋଟ ବୀମା ଦାବିର ୫% ଭାରତର ଜିଆଇସି ଆର୍‌ଇ ଦେବ, ଅବଶିଷ୍ଟ ୯୫% ଅନ୍ତର୍ଜାତୀୟ ବୀମାକାରୀମାନଙ୍କୁ ଦେବାକୁ ପଡିବ। ଏହି ଦୁର୍ଘଟଣାରେ ବୀମା କ୍ଲେମ୍ ରାଶି ୨୦୦-୩୦୦ ନିୟୁତ ଡଲାର (୧୬୬୦ କୋଟିରୁ ୨୪୯୦ କୋଟି ଟଙ୍କା ପର୍ଯ୍ୟନ୍ତ) ହୋଇପାରେ। ତେବେ ମଣ୍ଟ୍ରିଆଲ୍ ଚୁକ୍ତିନାମା ଅନୁଯାୟୀ, ବିମାନ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁ କିମ୍ବା ଗୁରୁତର ଆଘାତ ହେଲେ, ବିମାନ କମ୍ପାନୀ କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ଦେଇଥାଏ। ଏହା ଯାତ୍ରୀଙ୍କ ବୟସ, ବୃତ୍ତି, ରୋଜଗାର ଏବଂ କୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଆଧାରରେ ନିର୍ଣ୍ଣୟ କରାଯାଏ।

୨୦୨୦ରେ କୋଝିକୋଡରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହି ସମୟରେ ବୀମା କମ୍ପାନୀଗୁଡ଼ିକ ଯାତ୍ରୀ ଦାୟିତ୍ୱ ଅଧୀନରେ ପ୍ରାୟ ୩୮ ନିୟୁତ ଡଲାର (ପ୍ରାୟ ୩୧୫ କୋଟି ଟଙ୍କା) ଦେଇଥିଲେ। ଏଥର ଅହମଦାବାଦ ଦୁର୍ଘଟଣାରେ କ୍ଷତି ବହୁତ ବଡ଼ ହୋଇଥିବାରୁ ମୋଟ ବୀମା କ୍ଲେମ୍ ୨,୪୯୦ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହେବାର ସମ୍ଭାବନା ଅଛି, ଯାହା ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ବୀମା କ୍ଲେମ୍ ହୋଇପାରେ।

# ପ୍ରକାଶ ପାଇଲା ପିଜି ମେଧା ତାଲିକା

## ପ୍ରଥମ ରାଉଣ୍ଡରେ ନାମ ଲେଖାଇବେ ୨୨,୨୨୬ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୩।୬(ସମିସ): ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଶୁକ୍ରବାର ମେଧା ତାଲିକା ପ୍ରକାଶ ପାଇଛି। ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ୨୨,୨୨୬ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୭,୩୨୩ଜଣ ଛାତ୍ର ଥିବାବେଳେ ଏହାର ପ୍ରାୟ ଦୁଇଗୁଣା ଅର୍ଥାତ୍ ୧୪,୯୦୨ ଜଣ ଛାତ୍ରୀ ରହିଛନ୍ତି। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମଲେଖାଇବାକୁ ଇଚ୍ଛୁକ ଥିବା ପିଲାମାନେ ଫ୍ରିଜ୍ ଅପସନ୍ ଦେଇ ଅନ୍‌ଲାଇନ୍‌ରେ ନାମଲେଖା ଫି’ ଦାଖଲ କରିବେ। ଏହାସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ୧୬ରୁ ୧୮ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଅପରପକ୍ଷରେ ଯେଉଁମାନେ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ଆଗ୍ରହୀ ଥିବେ ସେମାନେ ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ୍ ଦେଇ ଫି’ ଜମା କରିବେ। ସେମାନଙ୍କୁ ଶିକ୍ଷାନୁଷ୍ଠାନକୁ ଯିବାପାଇଁ ପଡ଼ିବ ନାହିଁ ବୋଲି କୁହାଯାଇଛି।

ଚଳିତବର୍ଷ ସମୁଦାୟ ୧୨୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୩୧,୧୫୪ଟି ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମଲେଖାଇବାକୁ ୬୨,୩୨୧ ଜଣ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୬,୯୭୬ ଜଣ ଯୋଗ୍ୟ ଆବେଦନକାରୀଙ୍କୁ ଚୟନ ପାଇଁ ବିଚାରକୁ ନିଆଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୪୧,୨୮୮ ଜଣ ଚଏସ୍ ଲକିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଅର୍ଥାତ୍ ୧୫,୬୮୮ ଜଣ ଆବେଦନ କରିଥିଲେ ମଧ୍ୟ ଚଏସ୍ ଲକିଂ ବା ଶିକ୍ଷାନୁଷ୍ଠାନ ଚୟନ କରିନାହାନ୍ତି। ପ୍ରଥମ ରାଉଣ୍ଡ ସରିବା ପରେ ୨୩ତାରିଖରେ ଦ୍ୱିତୀୟ ରାଉଣ୍ଡ ଓ ଜୁଲାଇ ୩ରେ ତୃତୀୟ ତଥା ଶେଷ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମଲେଖାଇବାକୁ ୱେଟିଂ ଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ଜୁଲାଇ ୧୦ ତାରିଖରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

**ଆବେଦନ ସତ୍ତ୍ୱେ ଚଏସ୍ ଲକିଂ କରିନାହାନ୍ତି ୧୫,୬୮୮**

ଭିନ୍ନ ଭିନ୍ନ ସାଇବର ଠକେଇ ଘଟଣା

# କ୍ରାଇମବ୍ରାଞ୍ଚ ପଞ୍ଝାରେ ୬ ସାଇବର ଠକ

କଟକ,୧୩।୬(ସମିସ): ଭିନ୍ନ ଭିନ୍ନ ଘଟଣାରେ ଅନଲାଇନ ପୁଞ୍ଜିନିବେଶ ନାଁରେ ଲୋଭ ଦେଖାଇ ଠକିଥିବା ମୋଟ ୬ଜଣ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫଙ୍କ ମଧ୍ୟରେ ଜଣେ ମହିଳା ସାଇବର ଠକ ରହିଥିବା ଜଣାପଡିଛି। ଇଣ୍ଟରନାସନାଲ ମେଟାଲ ଟ୍ରେଡିଂରେ ନିବେଶ କରି ଅଧିକ ଅର୍ଥ ପାଇବାର ପ୍ରଲୋଭନ ଦେଖାଇ ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ଠାରୁ ୭୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମହିଳା ସାଇବର ଠକ ଗିରଫ ହୋଇଛି। ଦୁର୍ଗାପୁର ଷ୍ଟିଲ ଟାଉନନିବାସୀ ଏହି ମହିଳା ଠକ ଅନୁଷ୍କା ମିତ୍ର(୨୪)ଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ନିକଟରୁ ଏକ ଆଇଫୋନ ସହ ଏଟିଏମ କାର୍ଡ ଆଦି ଜବତ କରାଯାଇଛି। ସେହିଭଳି ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ୧.୪କୋଟି ଟଙ୍କା ଠକେଇ ଘଟଣାରେ ଗିରଫଦାରୀ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ୯ଜଣ ଗିରଫ ହୋଇଥିବା ବେଳେ ଆଜି ଗୁଜୁରାଟରୁ ଆଉ ଦୁଇ ଜଣ ଏହି ଘଟଣାରେ ଗିରଫ ହୋଇଛନ୍ତି। ଗିରଫ ଦୁଇ ଜଣ ହେଲେ ଯୋଗେଶ ହରଜିଭାଇ(୨୩) ଓ କୋଟକ କୌଶିକ(୩୬)। ସେହିଭଳି ଭୁବନେଶ୍ୱରରେ ନିଜକୁ କ୍ରାଇମବ୍ରାଞ୍ଚ ଅଧିକାରୀ ଭାବେ ପରିଚୟ ଦେଇ ୧.୦୬କୋଟି ଟଙ୍କା ଠକେଇ ଘଟଣାରେ ଗୁଜୁରାଟରୁ ଦୁଇ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ବାଘେଲା ଅରବିନ୍ଦ(୨୪) ଓ ଗୋହଲି ଭାରତ(୨୪)।



ଗଞ୍ଜାମ ଛତ୍ରପୁରର ଜଣେ ଅଭିଯୋଗକାରୀଙ୍କୁ ନିବେଶ ନାମରେ ୫୦ଲକ୍ଷ ଠକେଇ ଘଟଣାରେ ଗୁଜୁରାଟରୁ ଖିକାନି ଧ୍ରୁବ ବିଜୟଭାଇ(୨୨) ନାମକ ଜଣେ ସାଇବର ଠକ ଗିରଫ ହୋଇଛନ୍ତି। ତଦନ୍ତକାରୀ ଟିମ ଉପରୋକ୍ତ ଘଟଣା ମାନଙ୍କରେ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି।

■ ଶ୍ରୀକ୍ଷେତ୍ରରେ ଲଜ୍ଜା

# ନାବାଳିକାକୁ ୩ ଦିନ ହୋଟେଲରେ ରଖି ଗଣଦୁଷ୍କର୍ମ

ପୁରୀ,୧୩।୬(ସମିସ): ଶ୍ରୀକ୍ଷେତ୍ରରେ ଲଜ୍ଜା। ଜଣେ ୧୪ ବର୍ଷର ନାବାଳିକାକୁ ୩ ଦିନ ଏକ ହୋଟେଲରେ ରଖି ଗଣଦୁଷ୍କର୍ମ କରିଛନ୍ତି ୩ ଯୁବକ। ଶୁକ୍ରବାର ସମୁଦ୍ରକୂଳ ଥାନା ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲିନୋଳିଆ ସାହି ଉପରସାହିର ଲେଙ୍କା ସୁନୀଲ ବେହେରା, ଗୌଡ଼ବାଡ଼ ସାହିର ଏଲ୍. ରାଜା ବେହେରା ଏବଂ ବି. ଗୌରାଙ୍ଗ ବେହେରା। ଶନିବାର ଅଭିଯୁକ୍ତମାନଙ୍କର ଡାକ୍ତରୀ ପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ସମୁଦ୍ରକୂଳ ଥାନାଧିକାରୀ କହିଛନ୍ତି।

ଗତ ୭ ତାରିଖ ଅପରାହ୍ଣରେ ନାବାଳିକା ପୁରୀ ହୋଟେଲ ନିକଟରେ ବୁଲୁଥିଲେ। ଏହି ସମୟରେ ତାକୁ ଜଳଖିଆ ଖାଇବାକୁ କହି ଅଭିଯୁକ୍ତ ଲେଙ୍କା ସୁନୀଲ ବଳିଆପଣ୍ଡାସ୍ଥିତ ଏକ ହୋଟେଲକୁ ନେଇ ଯାଇଥିଲେ। ସେଠାରେ ୩ଦିନ ରଖିଥିଲେ। ଲେଙ୍କା ସୁନୀଲ ଏବଂ ତାଙ୍କର ଦୁଇସାଙ୍ଗ ଏଲ୍. ରାଜା, ବି. ଗୌରାଙ୍ଗ ନାବାଳିକାକୁ ଗଣଦୁଷ୍କର୍ମ କରିଥିଲେ। ୯ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଲେଙ୍କା ସୁନୀଲ ନାବାଳିକାକୁ ଆଣି ଗାନ୍ଧୀ ପାର୍କ ନିକଟରେ ଛାଡି ଦେଇଥିଲା। ପୁଲିସ୍ ତଦନ୍ତ କରି ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜେରା ସମୟରେ ସେମାନେ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି। ଏଥିସହ ପୁଲିସ ନାବାଳିକାର ଡାକ୍ତରୀମାଇନା କରାଯାଇଛି। ଏନେଇ ଥାନାରେ ପୋକ୍ସୋ ଆଇନ ଅନୁଯାୟୀ ଏକ ମାମଲା (ନଂ.୧୪୯/୨୫) ରୁଜୁ କରାଯାଇଛି। ଶନିବାର ପୁଲିସ ୩ ଅଭିଯୁକ୍ତଙ୍କର ଡାକ୍ତରୀ ପରୀକ୍ଷା କରିବା ପରେ ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ମାନସ ଚକ୍ର କହିଛନ୍ତି।

# ସାତକୋଶିଆରେ ଦନ୍ତାହାତୀ ମୃତ

ଅନୁଗୋଳ, ୧୩।୬(ସମିସ): କିଛି ଦିନ ବ୍ୟବଧାନରେ ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ଣରେ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ରେଞ୍ଜ ବେହେରା ସହି ଗାଁ ନିକଟ ଜଙ୍ଗଲରେ ହାତୀ ମୃତଦେହ ଦେଖି ଗ୍ରାମବାସୀ ଟିକରପଡ଼ା ରେଞ୍ଜ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨/୪ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ତେବେ ହାତୀ ମୃତ୍ୟୁ ଖବର ବନ ବିଭାଗ ଜାଣିବା ପୂର୍ବରୁ ଗ୍ରାମବାସୀ ଜାଣିପାରିଛନ୍ତି। ବନ ବିଭାଗ ହାତୀ ମୃତ୍ୟୁ ସମ୍ପର୍କରେ ଜାଣି ନ ଥିଲା ନା ଜାଣିଶୁଣି ଖବରକୁ ଚାପିଦେବାକୁ ଉଦ୍ୟମ କରୁଥିଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



**ଘଟଣା ଲୁଚାଇବାକୁ ବନ ବିଭାଗର ଉଦ୍ୟମ !**

ଅଭୟାରଣ୍ୟ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଖଞ୍ଜା ଯାଇଥିଲେ ବି ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗହରା ହୋଇପଡୁଛି। ଜନସୁରକ୍ଷା ଏବଂ ଗଜରକ୍ଷା ଯୋଜନା କେବଳ ସରକାରୀ ଫାଇଲ ଭିତରେ ରହି ଯାଉଛି। ହାତୀ ସୁରକ୍ଷା ଯୋଜନା କେତେକ ଉଦାସୀନ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ବାଟବଣା ହେଉଛି। ହାତୀ ସୁରକ୍ଷା ପାଇଁ ଯୋଜନାରେ ଜଙ୍ଗଲ ମଧ୍ୟରେ ହାତୀ ଖାଦ୍ୟ ପାଇଁ ଚାରାରୋପଣ କରିବା, ହାତୀ ବିଚରଣ ପାଇଁ ପର୍ଯ୍ୟାପ୍ତ ଚାରଣ ଭୂମି, ଜଳାଶୟ ସୃଷ୍ଟି କରିବା, ଜଙ୍ଗଲକୁ ନିଆଁରୁ ସୁରକ୍ଷା ଦେବା, ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ସଚେତନ କରିବା, ହାତୀ ଗତିବିଧି ନିରୀକ୍ଷଣ କରିବା, ଗାଁ ଗାଁରେ ସ୍ୱେଚ୍ଛାସେବୀ ଗଜସାଥୀ ସୃଷ୍ଟି କରିବା ଇତ୍ୟାଦି ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ବି ବାସ୍ତବରେ ତାହା ବିଭଗୀୟ ଅଧିକାରୀଙ୍କ ପାଇଁ ଫଳଶୂନ୍ୟ ହେଉଛି।

# ହାତୀ ପାଦ ତଳେ ଗଲା ୩ ଜୀବନ

ବଡ଼ବିଲ/ଯୋଡ଼ା, ୧୩।୬(ସମିସ): କେନ୍ଦୁଝର ଜିଲ୍ଲାର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଆଜି ଦିନକରେ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ରୁଗୁଡ଼ି ଥାନା କେନ୍ଦୁଡ଼ିହି ଗ୍ରାମର ରୀନା ମୁଣ୍ଡା(୪୦) ଓ ତାଙ୍କ ସ୍ୱାମୀ ରାଜୁ ମୁଣ୍ଡା(୪୫)। ଅନ୍ୟ ଜଣେ ମୃତକଙ୍କ ନାମ ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ରୀନା ଓ ରାଜୁ ଆଜି ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଜଙ୍ଗଲ ଭିତରେ ସେମାନେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି କଚାଡ଼ିଦେବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ ବିଭାଗ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଆକ୍ରୋଶ ରଖି ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ

**■ କାଠ ଆଣିବାକୁ ଯାଇଥିବା ଦମ୍ପତିଙ୍କୁ ଦଳିଦେଲା ହାତୀ**

ରୁଣ୍ଡ ହୋଇଥିବା ଜଣାପଡ଼ିଛି। ଏବେ ବି ସ୍ଥାନୀୟ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ଗ୍ରାମବାସୀ ଓ ପୁଲିସ କର୍ମଚାରୀ ହାତାହାତି ହୋଇଥିବା ଜଣାପଡ଼ିଥିଲା ବେଳେ ପୁଲିସ୍ ପକ୍ଷରୁ କୌଣସି ସୂଚନା ସ୍ପଷ୍ଟ କରାଯାଇନାହିଁ। ଅନ୍ୟ ଏକ ଘଟଣା ଶୁକ୍ରବାର ସନ୍ଧ୍ୟାରେ କାଳିମାଟି ଅଞ୍ଚଳରେ ଘଟିଛି। ଜଣେ ଯୁବକ ବଜାରରୁ ଘରକୁ ଚାଲି ଚାଲି ଆସୁଥିବା ବେଳେ ସ୍ଥାନୀୟ ମହାପର୍ବତ ଅଞ୍ଚଳରୁ ଏକ ମାଈ ହାତୀ ଦୌଡ଼ି ଆସି ଯୁବକଙ୍କୁ ଦଳି ଦେଇଥିଲା। ତାଙ୍କ ପରିଚୟ ସଠିକ୍ ମିଳି ପାରିନାହିଁ। ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି।

■ ବି. ବାଲାକ୍ରିଷ୍ଣାଙ୍କ ପରଲୋକ

# ଏମ୍‌କେସିଜିକୁ ଶରୀର ଦାନ କଲେ ପରିବାରଲୋକ

ବ୍ରହ୍ମପୁର,୧୩।୬(ସମିସ): ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ନିବାସୀ ତଥା ମାନବବାଦୀ ହେତୁବାଦୀ ସଂଗଠନର ପ୍ରତିଷ୍ଠାତା ସଭ୍ୟ ବି.ବାଲାକ୍ରିଷ୍ଣାଙ୍କ ଗୁରୁବାର ୮୨ବର୍ଷ ବୟସରେ ପରଲୋକ ଘଟିଛି। ଛାତ୍ରଛାତ୍ରୀଙ୍କ ପଢ଼ିବା ପାଇଁ ସ୍ୱର୍ଗତ ବାଲାକ୍ରିଷ୍ଣାଙ୍କ ଶରୀର ଏମ୍‌କେସିଜି ମେଡ଼ିକାଲକୁ ଦାନ କରିଛନ୍ତି ପରିବାରବର୍ଗ। ଏହା ସହ ଦୃଷ୍ଟିବାଧିତ ଲୋକଙ୍କ ପାଇଁ ଚକ୍ଷୁଦାନ ମଧ୍ୟ କରାଯାଇଛି। କାର୍ଯ୍ୟରତ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ସଂଗଠନ ମାନବବାଦୀ ହେତୁବାଦୀ ସଂଗଠନ ଓ ଫ୍ରେଣ୍ଡସ ହେଲଫିଂ କ୍ଲବର ସହଯୋଗରେ ମେଡ଼ିକାଲର ଚକ୍ଷୁ ବିଭାଗକୁ ତାଙ୍କ ଚକ୍ଷୁ ମଧ୍ୟ ଦାନ କରିଥିଲେ। ପିତାଙ୍କ ଇଚ୍ଛା ପୂରଣ ପାଇଁ ତାଙ୍କର ଝିଅ ଇ. ଶ୍ରୁତି ଓ ଜ୍ୱାଇଁ ଇ. ଅଭିଳାଷ ଓ ନାତି ଇ. ଅଭିଳାଷ ସମେତ ପରିବାର ସଦସ୍ୟଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ମାନବବାଦୀ ହେତୁବାଦୀ ସଂଗଠନର ଉପ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜମ୍ମୁଲା ସୁରେଶ, ଡି. ମୋହନ ରାଓ, କେ.ବାସବା ରାଜୁ, ଯୁଧିଷ୍ଠିର ସାହୁ, ପ୍ରତାପ ପ୍ରଧାନ ଓ ଫ୍ରେଣ୍ଡସ ହେଲଫିଂ କ୍ଲବର ପୂର୍ବତନ ସଭାପତି କେ. ପୁରୁଷୋତ୍ତମ କୁମାର ଭଟ୍ଟ, ଇ. ଜଗଦୀଶ୍ୱର ରାଓ, ହରେକୃଷ୍ଣ ପାଣିଗ୍ରାହୀ, ଡି.ଜୀବନ କୁମାର, ବି.ଦନେଶ, ଇ.ବିଜୟ ଲକ୍ଷ୍ମୀ, ଇ.ଶଙ୍କର ରାଓ, ବି.ଲକ୍ଷ୍ମୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



# ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୧୧ ଟଙ୍କା ବଢ଼ାଇଲେ ସରକାର

## ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଓ ଟ୍ରେନିଂ ଭତ୍ତାରେ ବୃଦ୍ଧି

ଭୁବନେଶ୍ୱର,୧୩।୬(ସମିସ): ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭତ୍ତା ଓ ଗୃହରକ୍ଷୀଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଞ୍ଜୁରୀ ଦେଇଛନ୍ତି। ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତାରେ ୧୧ଟଙ୍କା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଗୃହରକ୍ଷୀମାନଙ୍କୁ ପୂର୍ବରୁ ଦୈନିକ କଲ୍-ଅପ୍ ଡ୍ୟୁଟି ଭତ୍ତା ବାବଦରେ ୬୧୨ ଟଙ୍କା ମିଳୁଥିବାବେଳେ ଏଣିକି ୬୨୩ ଟଙ୍କା ପାଇବେ। ସେହିପରି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ଦୈନିକ ଡ୍ୟୁଟି ଭତ୍ତା ୧୫୦ ଟଙ୍କା ଓ ଟ୍ରେନିଂ ଭତ୍ତା ୧୪୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବରୁ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୩୧ ଟଙ୍କା ଏବଂ ଦୈନିକ ଟ୍ରେନିଂ ଭତ୍ତା ପରିମାଣ ୨୮ ଟଙ୍କା ରହିଥିଲା। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲାରୁ ଲାଗୁ ହେବ।

# ୫ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ

ଭୁବନେଶ୍ୱର, ୧୩।୬(ସମିସ): ଏୟାରପୋର୍ଟ ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଚୋରା ବନ୍ଧୁକ କାରବାର କରୁଥିବା ୫ ଆନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ୟୁପିର ପ୍ରବୀନ କୁମାର ସିଂ, ଏମ୍‌ପିର ରାଘବେନ୍ଦ୍ର ସିଂ, ୟୁପିର ଅଭିଶେଷ ରାଜପୁର, ଇନ୍ଦ୍ରଜିତ ସିଂ ଏବଂ କଟକ ସାଲେପୁରର ଏସ୍.କେ ସାକିଲ। ସମସ୍ତଙ୍କ ମେଡ଼ିକାଲ ପରୀକ୍ଷା କରାଯିବା ପରେ କୋର୍ଟଚାଲାଣ କରାଯାଇଛି। ଏମାନେ ବିହାରରୁ ବନ୍ଧୁକ ଆଣି ଜଟଣୀରେ ଘରଭଡ଼ା ନେଇ ବେପାର ଚଳାଉଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ଆଜି ପୋଖରୀପୁଟ ଅଞ୍ଚଳରେ ଅତର୍କିତ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ,୧୮ ରାଉଣ୍ଡ ଜୀବନ୍ତ ଗୁଳିକୁ ଜବତ ହୋଇଛି।

ଅଭିଯୁକ୍ତମାନେ ଜଟଣୀରେ ଦୋକାନ ଖୋଲି ଏହି ବେଆଇନ କାରବାର ଚଳାଇଥିବା ବେଳେ ଗୋରୁ ବେପାରୀଠୁ ଆରମ୍ଭ କରି ପଥର ମାଫିଆ ସେମାନଙ୍କ ଗ୍ରାହକ ଥିଲେ। ସେହିପରି ବାଲିଘାଟ ମାଫିଆ ଓ ବ୍ରାଉନସୁଗାର ବେପାରୀମାନେ ମଧ୍ୟ ଏଠାରୁ ଚୋରାରେ ବନ୍ଧୁକ କିଣୁଥିଲେ।

ଏନେଇ ପୁଲିସ କମିଶନର ସୁରେଶ ଦେବଦତ୍ତ ଅଧିକ ସୂଚନା ଦେଇ କହିଛନ୍ତି ଯେ ବିହାରର ବଳିଆ ଅଞ୍ଚଳର ତିନି ମାଫିଆ ପ୍ରବୀର କୁମାର, ଅଭିଷେକ ଓ ଇନ୍ଦ୍ରଜିତ ବିହାରରୁ ବନ୍ଧୁକ ଭୁବନେଶ୍ୱର ଆଣୁଥିଲେ। ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ ଗ୍ରାହକଙ୍କ ସହ ବନ୍ଧୁକର ଦର ନିର୍ଧାରଣ ଓ ଗ୍ରାହକଙ୍କ ସହ ମୂଳଚାଲ କରୁଥିଲା। ସେହିପରି କଟକ ସାଲେପୁର ଏସ.କେ ସକିଲ ଗ୍ରାହକ ଯୋଗାଡ଼ କରୁଥିଲା। ଏମାନଙ୍କଠାରୁ ୬ ପ୍ରକାରର ବନ୍ଧୁକ ଜବତ ହୋଇଛି। ସେଗୁଡ଼ିକ ମଧ୍ୟରେ ୪ଟି ୭.୬୫ ଏମ୍‌ଏମ୍ ସେମି-ଅଟୋମେଟିକ ପିସ୍ତଲ ରହିଥିବା ବେଳେ ଗୋଟିଏ ୬ରାଉଣ୍ଡ ରିଭଲଭର୍ ଓ ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ ରହିଛି। ବିହାର ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଗଲେ ସବୁ ପଦାକୁ ଆସିବ ବୋଲି କମିଶନର୍ କହିଛନ୍ତି।

**ଜଟଣୀରେ ଖୋଲିଥିଲେ ବନ୍ଧୁକ ଦୋକାନ**

**୬ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଏବଂ କାର ଜବତ**

ଗୋଟିଏ ଦିନରେ ମହିଳାଙ୍କୁ ନେଇ ଦୁଇ ଦଳଙ୍କ ଶକ୍ତି ପ୍ରଦର୍ଶନ

# ବିଜେପିର ‘ଶକ୍ତି’ର ଜବାବରେ ବିଜେଡିର ଜାଗରଣ

ଭୁବନେଶ୍ୱର,୧୩।୬(ସମିସ): ମହିଳାଙ୍କୁ ନେଇ ଶୁକ୍ରବାର ରାଜ୍ୟରେ ଆୟୋଜନ ହୋଇଛି ଦୁଇ ଦୁଇଟି ବଡ଼ ସମାବେଶ। ବର୍ଷପୂର୍ତ୍ତି ଅବସରରେ ସରକାର କଟକରେ ‘ନାରୀ ଶକ୍ତି’ ସମାବେଶ ଆୟୋଜନ କରି ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ସଫଳ କାହାଣୀ କହି ବେଳେ ଲକ୍ଷପତି ଦିଦିର ସ୍ୱପ୍ନ ଦେଖାଇଛନ୍ତି। ଅନ୍ୟପଟେ ଯାଜପୁରରେ ବିଜେଡି ପକ୍ଷରୁ ଜାଗରଣ ଅଭିଯାନକୁ ଜୋରଦାର କରି ସରକାରଙ୍କ ପ୍ରତାରଣାର ଛବିକୁ ଅନାବରଣ କରାଯାଇଛି। ଏହି ସମାବେଶରେ ଦଳ ନିଜ ସରକାର ଓ ନବୀନ ପଟ୍ଟନାୟକ ମିଶନ ଶକ୍ତି ମାଧ୍ୟମରେ କିପରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ ଓ ବର୍ତ୍ତମାନ କିପରି ମହିଳା ହିଂସା ବୃଦ୍ଧି ପାଉଛି ତାହା ଦର୍ଶାଇଛି। ସମାବେଶରେ ବିଜେଡି ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ କରିଛି ରୋଡ଼ମ୍ୟାପ୍।

ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ବିଜେପି ସରକାରରେ ମହିଳାମାନେ ସବୁଠାରୁ ବେଶୀ ଉପେକ୍ଷାର ଶିକାର ହୋଇଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦୈନିକ ହାରାହାରି ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଇଛି। ନାବାଳିକାମାନେ ଯୌନ ଶୋଷଣର ଶିକାର ହୋଇ ଗର୍ଭବତୀ ହୋଇଛନ୍ତି। ଏପରିକି ଗତ ମାଟ୍ରିକ୍ ପରୀକ୍ଷା ସମୟରେ ବିଭିନ୍ନ ସ୍ଥାନରେ ପରୀକ୍ଷା କେନ୍ଦ୍ରରେ ମଧ୍ୟ ନାବାଳିକା ଝିଅମାନେ ସନ୍ତାନ ଜନ୍ମ କରିଥିବା ଖବର ମିଳିଛି। ଅନ୍ୟପକ୍ଷରେ ଦୁଷ୍କର୍ମ, ଅତ୍ୟାଚାରର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ରାଜ୍ୟରେ ଏକ ଅସ୍ୱସ୍ତିକର ପରିବେଶ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ମହିଳାମାନଙ୍କୁ ରାଜ୍ୟ ସରକାର ସବୁଠାରୁ ଉପେକ୍ଷା କରିଛନ୍ତି। ମିଶନଶକ୍ତି କାର୍ଯ୍ୟନିର୍ବାହୀ ସଦସ୍ୟାମାନଙ୍କୁ ବହିଷ୍କାର କରିବାକୁ ଯୋଜନା କରି ସେମାନଙ୍କ ପାଦରେ ବେଡ଼ି ପକାଇ ଦେଇଛନ୍ତି। ମିଶନଶକ୍ତି ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇଥିବା ରାଜ୍ୟର ୭୦ଲକ୍ଷ ମହିଳାଙ୍କ ସ୍ଥିତି ଏବେ ବିପନ୍ନ ହୋଇଛି। ସୁଭଦ୍ରା ଯୋଜନାରେ ୨ ବର୍ଷରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଭାଉଚର ଦେବାକୁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ବର୍ଷକୁ ୫ ହଜାର ଅର୍ଥାତ୍ ଦିନକୁ ୨୭ ଟଙ୍କା ଦେଇ ଲକ୍ଷପତି ହେବାର ସ୍ୱପ୍ନ ଦେଖାଇଛନ୍ତି। ଦିଲ୍ଲୀ ଓ ମହାରାଷ୍ଟ୍ରରେ ବିଜେପି ସରକାର ସେହି ରାଜ୍ୟର ମହିଳାମାନଙ୍କୁ ମାସିକ ଯଥାକ୍ରମେ ୨୫୦୦ ଓ ୨୧୦୦ ଟଙ୍କା ଦେଉଥିଲେ ମଧ୍ୟ ଓଡ଼ିଶାରେ ଏହା ନାମମାତ୍ର। ଅନ୍ୟପକ୍ଷରେ ମହିଳା, ବିଧବାମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ଏବେ ବି ସ୍ୱପ୍ନ ପାଲଟିଛି। ଯାହାକୁ ଅସ୍ତ୍ର କରି ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ଯୁଦ୍ଧଂ ଦେହି ଡ଼ାକରା ଦେଇଛି।

ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ମହିଳାଙ୍କ ଉପରେ ଫୋକସ୍ କରିଛନ୍ତି। ଯଦିଓ ପ୍ରତିଶ୍ରୁତି ମୁତାବକ ସୁଭଦ୍ରା ଯୋଜନାରେ ୨ ଟି କିସ୍ତିରେ ଦଳ ୫୦ ହଜାର ଟଙ୍କା ଦେବାରେ ବିଫଳ ହୋଇଛି, କିନ୍ତୁ ଏହି ଯୋଜନାକୁ ନେଇ ବ୍ରାଣ୍ଡିଂ କରିବା ଓ ଏହାକୁ ଏକ ଅନନ୍ୟ ଯୋଜନା ଭାବେ ଅବିହିତ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ କଟକରେ ଆୟୋଜିତ ନାରୀ ଶକ୍ତି ସମାବେଶରେ ନାରୀ ମାନଙ୍କ ସଶକ୍ତିକରଣ ପାଇଁ ‘ସୁଭଦ୍ରା’ ସବୁଠୁ ଯୁଗାନ୍ତକାରୀ ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ରାଜ୍ୟରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ଏତେ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ପ୍ରଥମ ବୋଲି ଉଲ୍ଲେଖ କରି ସରକାର ନିଜ ପିଠି ଥାପୁଡ଼େଇଛନ୍ତି। ସରକାରଙ୍କ ସଫଳତାର ପ୍ରଚାରକୁ ବିରୋଧୀ ଶାଣିତ ଆକ୍ରମଣ କରି ଭେଦ କରିବାକୁ ଯେଉଁ ଯୋଜନା ଆପଣାଇଛନ୍ତି, ତାହା ସଫଳ ହେଉଛି କି ନାହିଁ ତାହା ଉପରେ ନଜର ରହିଛି।

ଓଡିଶା ନଦୀ ସୁରକ୍ଷା ସମ୍ମିଳନୀରେ ଦାବି

# ଶ୍ୱେତପତ୍ର ସହ ନଦୀ ନୀତି ଆଣନ୍ତୁ ସରକାର

ଭୁବନେଶ୍ୱର,୧୩।୬(ସମିସ): ସଂପ୍ରତି ଓଡ଼ିଶାର ନଦୀଗୁଡିକର ସ୍ୱାସ୍ଥ୍ୟ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଜଳ ମାନବ ଡଃ ରାଜେନ୍ଦ୍ର ସିଂ କହିଛନ୍ତି। ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନ ଓ ଓଡିଶା ନଦୀ ସୁରକ୍ଷା ସମିତି ତରଫରୁ ଭୁବନେଶ୍ୱରଠାରେ ଆୟୋଜିତ ଓଡିଶା ନଦୀ ସୁରକ୍ଷା ସମ୍ମିଳନୀରେ ଯୋଗ ଦେଇ ଡଃ ସିଂ କହିଛନ୍ତି ଯେ ସରକାର ନଦୀ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ସେଗୁଡିକର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ। ସରକାର ତୁରନ୍ତ ଜଳସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନର କର୍ମୀ ତଥା ନାଗରିକ ସମାଜର ଏକ ମିଳିତ ସମ୍ମିଳନୀ ଆୟୋଜନ କରି ନଦୀ ସମସ୍ୟାଗୁଡିକୁ ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାର ଆବଶ୍ୟକ ରହିଛି ବୋଲି ଡଃ ସିଂ ମତ ଦେଇଛନ୍ତି।




ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଛନ୍ତି ଯେ ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ, ଠିକ୍ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନକୁ ସଂଯୋଜିତ କରି ଏକ ବ୍ୟାପକ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିବା ବେଳେ ବିଶିଷ୍ଟ ପ୍ରଶାସକ ଓ ଲେଖକ ସଂଜୀବ ହୋତା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିଭିନ୍ନ ନଦୀର ସ୍ୱାସ୍ଥ୍ୟ ଅବସ୍ଥାର ଅବନତିର କାରଣ ଖୋଜିବା ଏବଂ ଏହାର ନିରାକରଣ କରି ନଦୀ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

**ନଦୀଗୁଡ଼ିକର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଓଡ଼ିଶାର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ: ରାଜେନ୍ଦ୍ର ସିଂ**

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାରେ ନଦୀ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ନଦୀର ସମ୍ବଳ ଉପରେ ଅଧିକାର ମାଗିବା ପାଇଁ ସମସ୍ତେ ତତ୍ପର। ମାତ୍ର ବର୍ତ୍ତମାନ ପାଣି ଓ ଜମି ଉପରେ ନଦୀର ଅଧିକାର ସାବ୍ୟସ୍ତ କରିବାର ସମୟ ଉପନୀତ। ନଦୀ ଆନ୍ଦୋଳନର କର୍ମୀମାନେ ଏଥିପ୍ରତି ଧ୍ୟାନ ଦେବା ପାଇଁ ସେ ନିବେଦନ କରିଥିଲେ। ଦୟା ନଦୀର ପୁନରୁଦ୍ଧାର ସହିତ ସ୍ଲରି ପାଇପ ଲାଇନରେ ବୈତରଣୀ ପାଣିକୁ ବ୍ୟବହାର କରି ଲୁହା ଗୁଣ୍ଡ ପରିବହନକୁ ନିଷିଦ୍ଧ କରିବା, ଶିଳ୍ପ ସଂସ୍ଥା ଓ ସହରର ଆବର୍ଜନ ଇତ୍ୟାଦିକୁ ନଦୀକୁ ସିଧାସଳଖ ନ ପକାଇବା, ନଦୀର ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ ଦାୟିତ୍ୱ ଦେବା, ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ଓ ନଦୀ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ଜିଏ ଜମିର କନ୍‌ଭର୍‌ସନ୍ ଫି’ ୩ ପ୍ରତିଶତକୁ ହ୍ରାସ

ଭୁବନେଶ୍ୱର,୧୩।୬(ସମିସ): ସାଧାରଣ ପ୍ରଶାସନ ବିଭାଗର ଲିଜ୍ ଜମିକୁ ଫ୍ରି ହୋଲ୍ଡ କରିବା ପାଇଁ କନ୍‌ଭର୍‌ସନ୍ ଫି’ ହ୍ରାସ ହୋଇଛି। ସାଧାରଣ ପ୍ରଶସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏଣିକି କନ୍‌ଭର୍‌ସନ୍ ଫି’ ବାବଦକୁ ଜମି ବେଞ୍ଚ ମାର୍କ ମୂଲ୍ୟର ୩ ପ୍ରତିଶତ ଅର୍ଥ ଦେବାକୁ ପଡ଼ିବ। ପୂର୍ବରୁ ଏହି ବାବଦକୁ ୧୦ ପ୍ରତିଶତ ଅର୍ଥ ଦେବାକୁ ପଡୁଥିଲା। ପୂର୍ବରୁ ଏନେଇ କ୍ୟାବିନେଟ ନିଷ୍ପତ୍ତି ହୋଇଥିବା ବେଳେ ବିଡିଏ, ସିଡିଏ ଏବଂ ହାଉସିଂ ବୋର୍ଡ ଜମିକୁ ମଧ୍ୟ ଫ୍ରି ହୋଲ୍ଡ କରିବାକୁ କନ୍‌ଭର୍‌ସନ୍ ଫି’ ହ୍ରାସ ହୋଇ ସାରିଛି।

ବିଜ୍ଞପ୍ତି ଅନୁଯାୟୀ ଆବାସିକ ବ୍ୟବହାର ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇଥିବା ଜମିର କନଭରସନ ଫି ହ୍ରାସ ହୋଇଛି। ତେବେ କୌଣସି ଯୋଜନା ବିଚ୍ୟୁତି ବିନା ଅନୁମୋଦିତ କୋଠା ନିର୍ମାଣ କରାଯାଇଥିବା କ୍ଷେତ୍ରରେ ଏହି ଅର୍ଥ ୩ ପ୍ରତିଶତ ରହିବ। ମାତ୍ର ବିଚ୍ୟୁତି ଅନୁମତିପ୍ରାପ୍ତ ସୀମା ଅତିକ୍ରମ କରିଥିଲେ କନ୍‌ଭର୍‌ସନ୍ ଅନୁମତି ଦିଆଯିବ ନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତକରଣ ପରେ ହିଁ ଏହି ପ୍ରକାରର ମାମଲାକୁ ଗ୍ରହଣ କରାଯିବ। ତେବେ ଫ୍ରିହୋଲ୍ଡ ପାଇଁ ଆବେଦନ ଦାଖଲ କରିବା ସମୟରେ ଆବେଦନକାରୀଙ୍କୁ କୌଣସି ପ୍ରକାର ନିୟମ ବିଚ୍ୟୁତି ବିନା କୋଠା ନିର୍ମାଣ ସମ୍ପର୍କରେ ବିଏମ୍‌ସି/ବିଡିଏର ପ୍ରମାଣପତ୍ର ଦାଖଲ କରିବାକୁ ପଡିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ମିଳୁନି ବେତନ; ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ

# ଠିକା ସଂସ୍ଥା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ



ବାରିପଦା, ୧୩।୬(ସମିସ)

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସଠିକ ଭାବେ ବେତନ ନ ଦେଇ ଠିକା କମ୍ପାନୀ ଶୋଷଣ କରୁଛି। ଯାହାର ପ୍ରତିବାଦ ଜଣାଇ କର୍ମଚାରୀମାନେ ଶୁକ୍ରବାର ସକାଳୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ସେବା ବ୍ୟାଘାତ ହୋଇଥିଲା। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୧ ତାରିଖରୁ ନୂତନ ଭାବେ ଏମ୍ରି ଗ୍ରୀନ ହେଲ୍‌ଥ ସର୍ଭିସ ନାମକ ଏକ ଘରୋଇ କମ୍ପାନୀ ୧୦୮ ଆମ୍ବୁଲାନ୍ସ ସେବାକୁ ଟେଣ୍ଡର ନେଇଛି। ତେବେ ଏହି ଠିକା ସଂସ୍ଥାର

### କର୍ମଚାରୀଙ୍କୁ ଶୋଷୁଛି ଠିକା କମ୍ପାନୀ

ମନୋମୁଖୀ ଯୋଗୁଁ ଆମ୍ବୁଲାନ୍ସ କର୍ମଚାରୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ କର୍ମଚାରୀ ସଂଘ ବିରୋଧ କରି ପୂର୍ବରୁ ଆନ୍ଦୋଳନ କରିଥିଲେ। କିନ୍ତୁ ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ; ହେଲେ ଆଜିଯାଏ କୌଣସି ସମାଧାନ ହୋଇନାହିଁ। କର୍ମଚାରୀମାନେ କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟକୁ ଖାତିର ନ କରି ନିଜ ଜୀବନକୁ ପାଣି ଛଡ଼ାଇ ସେବା କରିଛନ୍ତି। ନୂତନ ସଂସ୍ଥା ଏବେ ମନଇଛା କାର୍ଯ୍ୟକରି ଠିକ ଭାବେ ବେତନ ଦେଉନାହିଁ ବୋଲି କର୍ମଚାରୀ ଅଭିଯୋଗ କରିଛନ୍ତି। ଗୁରୁବାର କିଛି କର୍ମଚାରୀଙ୍କୁ ବିଳମ୍ବରେ ବେତନ ମିଳିଥିବା ବେଳେ ଅନ୍ୟ କର୍ମଚାରୀଙ୍କୁ ବେତନ ମିଳିନାହିଁ। ଏଥିସହିତ ଯେଉଁମାନଙ୍କୁ ବେତନ ତାହା ମଧ୍ୟ ଠିକ୍‌ଭାବେ ଦିଆଯାଇନାହିଁ। ତତ୍କାଳୀନ ବିଜେଡ଼ି ସରକାର ସମୟରେ ଅତିରିକ୍ତ ୫ ହଜାର ଟଙ୍କାର ଭତ୍ତା ପ୍ରଦାନ ବ୍ୟବସ୍ଥା ଥିଲା; କିନ୍ତୁ ଏବେ ତାହା ଦିଆଯାଉନାହିଁ। ଏନେଇ ଅଭିଯୋଗ କଲେ ବି ଠିକା ସଂସ୍ଥା, ଜିଲ୍ଲା ପ୍ରଶାସନ କି ରାଜ୍ୟ ସରକାର ଶୁଣୁନାହାନ୍ତି। ତେଣୁ ଗୁରୁବାର କର୍ମଚାରୀମାନେ ରୋଗୀସେବା ବନ୍ଦ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରତିବାଦ ଜଣାଇଛନ୍ତି। କର୍ମଚାରୀମାନେ ଠିକା ସଂସ୍ଥା ବିରୋଧରେ ବିକ୍ଷୋଭ କରିଥିଲେ। ଫଳରେ ଆମ୍ବୁଲାନ୍ସ ସେବା ପ୍ରାୟ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବ୍ୟାଘାତ ହୋଇଥିଲା। ପରେ ଠିକା ସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ଆନ୍ଦୋଳନରତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ କରି ପୂର୍ବ ପରି ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିଲେ।

# ଶିଶୁ ଉଦ୍ୟାନରେ ରଜ ଉତ୍ସବ ଉଦ୍‌ଘାଟିତ



**ବାରିପଦା, ୧୩।୬(ସମିସ):** ବାରିପଦା ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନରେ ରଜ ମଉଜ ଅନୁଷ୍ଠାନ ପକ୍ଷରୁ ୩ ଦିନିଆ ରଜ ଉତ୍ସବ ଉଦଘାଟିତ ହୋଇଯାଇଛି। ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ୧୩ତମ ରଜ ମଉଜ ଉତ୍ସବ ଆୟୋଜନ କରାଯାଇଛି। ପୂର୍ବତନ ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାଙ୍ଗିରିପୋଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ପୂର୍ବତନ ବିଜେଡି ରାଜ୍ୟ ଉପସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ପ୍ରେମଜିତ ଦାସ, ବିସିଜେଡି ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ସମାଜସେବୀ ଗୌରବ ମୋଦି, କାଉନସିଲର ଗୀତା ବେହେରା, ଶ୍ରାବଣୀ ଦାସ, ଅନନ୍ତ ଦାସ, ସୁକେଶିନୀ ସେଠି, ରାଜ ଗୁପ୍ତା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଜୀତା ସିଂ, କିଶୋର ପାତ୍ର, ମିନା ପରିଡ଼ା, ଲୁଷି ସାହୁ, ସ୍ୱଦେଶା ମହାନ୍ତ, ସତ୍ୟସ୍ୱରୂପ ଦାସ, ଦେବବ୍ରତ ସେନାପତି, ଅଭିଜିତ କଳିଆ, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ମୟୂର ମଲ୍ଲିକ, ସୁଦର୍ଶନ ସାହୁ, ସୁରଜ, ଆୟୁଷ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଲିଟନ ପଟ୍ଟନାୟକ ଜଣାଇଛନ୍ତି। ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି ପବିତ୍ର ଗଣପର୍ବକୁ ଉପଭୋଗ କରିବାକୁ ସଭାପତି ଶ୍ରୀ ମହାନ୍ତି ଅନୁରୋଧ ଜଣାଇଛନ୍ତି। ଏହି ଅବସରରେ ମା', ଝିଅ, ବୋହୂ ଓ ପିଲାମାନଙ୍କୁ ନେଇ ପାରମ୍ପରିକ ଦୋଳି ଖେଳ, ନାଚ, ଗୀତ ଓ ପିଠା ମଉଜ ଆଦି ପାଳନ କରାଯିବ।

## ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଉଦ୍‌ଯାପିତ



**ବାରିପଦା, ୧୩।୬(ସମିସ):** ମୟୂରଭଞ୍ଜ ଜାତୀୟ ଯୁବ ପ୍ରକଳ୍ପ ଓ ଆଧାରର ମିଳିତ ସହଯୋଗରେ ୫ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଉଦଯାପିତ ହୋଇଯାଇଛି। ଯୁବ ପ୍ରକଳ୍ପର ଜିଲ୍ଲା ସଭାପତି କୁଞ୍ଜବିହାରୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉଦଯାପନୀ ସଭାରେ ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ଅଧ୍ୟାପକ ସମରେନ୍ଦ୍ର ବସା, ଅଶ୍ୱନୀ ମହାନ୍ତ, ଅଧ୍ୟାପିକା ରୋନାଲି ଦୁର୍ଗା, ଅଶୋକ ପୁଷ୍ଟି, ବାସୁଦେବ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିବିର ସଂଯୋଜିକା ରୂପାଲୀ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଧିକାରୀ ଓ ସୁପରଭାଇଜର ତାଲିମ ପାଇଁ ଜିଲ୍ଲାରୁ ୯ ମନୋନୀତ



**ବାରିପଦା, ୧୩।୬(ସମିସ):** ଜିଲ୍ଲା ପ୍ରଶାସନର ସୁପାରିସକ୍ରମେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ, ନୂଆଦିଲ୍ଲୀର ଆଇଆଇଆଇଡିଇଏମଠାରେ ତାଲିମ ନିମନ୍ତେ ଓଡ଼ିଶାର ୫୦ ଜଣ ବୁଥ ସ୍ତରୀୟ ଅଧିକାରୀ/ସୁପରଭାଇଜରଙ୍କୁ ପ୍ରଥମ ଦଫାରେ ମନୋନୀତ କରିଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୯ଜଣ ଅଧିକାରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବୁଥ ସୁପରଭାଇଜର ବୀରେନ୍ଦ୍ର କୁମାର ବାରିକ (ଯଶିପୁର), ରସାନନ୍ଦ ବେହେରା (ସାରସକଣା), ନିରଞ୍ଜନ ଗୋପ (ରାଇରଙ୍ଗପୁର), ବିଶ୍ୱଜିତ ମହାନ୍ତି(ବାଙ୍ଗରିପୋଷି), ରଜତ କୁମାର ମହାପାତ୍ର (ଉଦଳା), ସନ୍ତୋଷ କୁମାର ବେହେରା (ବଡ଼ସାହି), ସିଦ୍ଧେଶ୍ୱର ମିଶ୍ର (ବାରିପଦା), ପ୍ରସନ୍ନ କୁମାର ମହାନ୍ତ (ମୋରଡା) ଓ ବୁଥ ସ୍ତରୀୟ ଅଧିକାରୀ ମହମ୍ମଦ ଇମାଦ ହସେନ (କରଞ୍ଜିଆ)। ପ୍ରଥମ ଦଫା ତାଲିମ ପାଇଁ ମନୋନୀତ ହୋଇଥିବା ୯ ଜଣ ଅଧିକାରୀ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି।

## ୩ ଦିନିଆ ନୃତ୍ୟ ଶିବିର ଉଦ୍‌ଯାପିତ

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁରେଶ୍ୱରୀ ସମ୍ବର୍ଦ୍ଧିତ




**ବାରିପଦା, ୧୩।୬(ସମିସ):** ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପରେ ୩ ଦିନ ଧରି ଚାଲିଥିବା ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବରେ ଜୟଦୁର୍ଗା ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ ସୁରେଶ୍ୱରୀ ସାଗରୀକା ଜେନା, ସମାଜସେବୀ ସୁନିତା ଘିବେଲା, ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ, ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ରଣଜି ଖେଳାଳି ଲଲାଟେନ୍ଦୁ ବେହେରା, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କ ପ୍ରତିଭାର ବିକାଶ ପାଇଁ ଏଭଳି କର୍ମଶାଳା ବେଶ ସହାୟକ ହେବ ବୋଲି କହିଥିଲେ। ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିୟଗ୍ରାଫର ଏସକେ ସାହିଲ ଯୋଗଦେଇ ୩ଦିନ ଧରି ଶତାଧିକ ଶିବିରାର୍ଥୀଙ୍କୁ ନୃତ୍ୟଶିକ୍ଷା ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଡ଼ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ସହ ମେଡଲ ପ୍ରଦାନ କରାଯାଇଥିଲା। କର୍ମଶାଳା ପ୍ରଦର୍ଶନରେ ପ୍ରଥମ ସ୍ଥାନ ହାସଲ କରିଥିବା ସୃଷ୍ଟି ସାନଭି ପାତ୍ର, ଦ୍ୱିତୀୟ ଦିବ୍ୟଜ୍ୟୋତି ଏବଂ ତୃତୀୟ ସତ୍ୟପ୍ରକାଶ ବାରିକଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ମୟୂର କଳାଭୂମି ଅନୁଷ୍ଠାନର ଅର୍ଜୁନ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ ଦିଲ୍ଲୀପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ, ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ୮ ପ୍ରକଳ୍ପର ଶିଳାନ୍ୟାସ; ୯୩ ହିତାଧିକାରୀଙ୍କୁ 'ଆବାସ' ଗୃହ କାର୍ଯ୍ୟାଦେଶ ବଣ୍ଟନ

**ବାରିପଦା, ୧୩।୬(ସମିସ):** ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ସହରରେ ୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସହରବାସୀଙ୍କ ପାଇଁ ଏ ଗୁଡିକର ଅତ୍ୟନ୍ତ ଆବଶ୍ୟକତା ଥିବାରୁ ଏହି ପ୍ରକଳ୍ପକାର୍ଯ୍ୟ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଯେପରିକି ସହରରେ ବର୍ଷା ଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ପାଇଁ ଶ୍ରମ କାର୍ଯ୍ୟାଳୟ, ତୁଳସୀ ଚଉରା, ଷ୍ଟେସନ ବନ୍ଧ, ଦୋଳି ପଡ଼ିଆ ଏବଂ ଭଞ୍ଜପୁର ଷ୍ଟେସନ ନିକଟରେ ନାଳ ନିର୍ମାଣ ଓ ଶବ ସତ୍କାର ପାଇଁ ଦାରୋଗାଡାହି, ବାରୁଣୀ ଓ ବେଲଗଡ଼ିଆଠାରେ ଶ୍ମଶାନ ନିର୍ମାଣ କରାଯିବ। ୧୦ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଏହି ୮ଟି ପ୍ରକଳ୍ପର ଖୁବ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାପରେ ମନ୍ତ୍ରୀ ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପଠାରେ ସହରର ବିଭିନ୍ନ ୱାର୍ଡର ୯୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସଗୃହର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।



## ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ; ଲାଲବଜାର ବିଜୟୀ

**ବାରିପଦା, ୧୩।୬(ସମିସ):** ବାରିପଦା ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିନର ମ୍ୟାଚରେ ଲାଲବଜାର ୱାରିୟର୍ସ ଦଳ ୨୬ ରନରେ ପରି ଚ୍ୟାଲେଞ୍ଜର୍ସ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱାରିୟର୍ସ ୧୫ ଓଭରରେ ୮ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଦୀପକ କୁମାର ମହାତ ୫୦ ଓ ମନୁ ରାମ ୪୦ ରନ କରିଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ, ମେରି ଲୋକନାଥ ଓ ୟାସିନ ଆଲାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପରି ଚ୍ୟାଲେଞ୍ଜର୍ସ ୧୫ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରିପାରିଥିଲେ। ଦଳ ପକ୍ଷରୁ ମେରି ଲୋକନାଥ ୪୦ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦୀପକ କୁମାର ମହାତ ୪ଟି ଉଇକେଟ ହାସଲ କରିଥିଲେ। ଅତିଥି ଭାବେ ପୂର୍ବତନ କାଉନସିଲର ତଥା କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ ଓ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ଦେବୀଦତ୍ତ ମହାନ୍ତି ତଥା କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଉପସ୍ଥିତ ଥିଲେ।



# ସାନ୍ତାଳୀ ଶିକ୍ଷକଙ୍କୁ ସରକାରଙ୍କ ଉପେକ୍ଷା; ନିୟମିତ ଦାବି

**ବାରିପଦା, ୧୩।୬(ସମିସ):** ସାନ୍ତାଳୀ ଭାଷାଭାଷୀ ଶିକ୍ଷକମାନେ ରାଜ୍ୟ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି। ପ୍ରତିଶ୍ରୁତି ଦେଇ ମଧ୍ୟ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ ନକରି ପ୍ରତାରଣା କରିଛନ୍ତି; ଯାହାକୁ ନେଇ ସାନ୍ତାଳୀ ଭାଷା ଶିକ୍ଷକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଉକ୍ତ ଶିକ୍ଷକମାନେ ବହୁ ବର୍ଷ ହେବ ସାନ୍ତାଳୀ ଭାଷାଭାଷୀରେ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ତାଙ୍କ ପ୍ରତି ରାଜ୍ୟ ସରକାର ଉପେକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ନିୟମିତ କରିବାର ପ୍ରତିଶ୍ରୁତି ଦେଇ ବି କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହାକୁ ନେଇ ସେମାନେ ଆଜି ବି ଉପେକ୍ଷିତ ହୋଇ ରହିଛନ୍ତି। ବିଜେପି ସରକାର ରାଜ୍ୟରେ ସରକାର ଗଢିବାର ଏକ ବର୍ଷ ପୂର୍ତ୍ତିରେ



ଉତ୍ସବ ପାଳୁଥିବା ବେଳେ ତାଙ୍କ ପ୍ରତି ଦୃଷ୍ଟି ପଡୁନାହିଁ। ଯାହାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶିକ୍ଷକଙ୍କୁ ନିଯୁକ୍ତିର ୬ବର୍ଷ ପରଠାରୁ ଅଣତାଲିମପ୍ରାପ୍ତ ଶିକ୍ଷକ ମାନ୍ୟତା ପ୍ରଦାନ, ସମସ୍ତ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ କରିବା ଆଦି ୫ଦଫା ଦାବି ଉପସ୍ଥାପନ କରି ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଦାବି ପୂରଣ ନ ହେଲେ ମୟୂରଭଞ୍ଜ ଜିଲ୍ଲାରୁ ପଦଯାତ୍ରାରେ ବାହାରି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନିଜର ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଜି ପହିଲି ରଜ; ଜମିଲାଣି ପିଠାପଣା, ରଜପାନର ଆସର

ବାରିପଦା, ୧୩।୬(ସମିସ)

ଆଜି ପ୍ରଥମ ରଜ। ଫଳରେ ବାରିପଦା ସହରରେ ରଜକୁ ନେଇ ସବୁଠି ଉତ୍ସବର ମାହୋଲ। ଧୁମ୍‌ଧାମ୍ ମଧ୍ୟରେ ରଜ ପାଳିତ ହେଉଥିବା ବେଳେ ସହରରେ ମଉଜ ଆରମ୍ଭ ହୋଇଯାଇଛି। ଶୁକ୍ରବାରଠାରୁ ନୂଆ ଲୁଗାପଟା କିଣିବା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହିତ ଶନିବାର ପହିଲି ରଜ ଥିବାରୁ ରଜପାନ ପାଇଁ ଦୋକାନରେ ପ୍ରବଳ ଭିଡ। ରଜ ପର୍ବ ଏକ ନିଆରା ପର୍ବ; ଯାହାକି ବିଶେଷ କରି ଝିଅମାନଙ୍କ ବେଶ ମହତ୍ତ୍ୱପୂର୍ଣ୍ଣ। ସକାଳୁ ଉଠି ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ, ପିଠା ପଣା ଖାଇ ରଜ ଦୋଳି ଝୁଲି ଦିନକୁ ପାଳନ କରିଥାନ୍ତି। ତା'ସାଙ୍ଗକୁ ମିଠା ପାନ ବିନା ରଜ ପାଳନ ଅଧୁରା ରହିଥାଏ। ପରସ୍ପର ମଧ୍ୟରେ ଝିଅମାନେ ରଜ ପାନ ଖାଇ ନାଚ ଗୀତରେ ରଜପର୍ବକୁ ଆନନ୍ଦ ଉଲାସ ସହ ପାଳନ କରିଥାନ୍ତି। ତେବେ ରଜ ପାନ ପାଇଁ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଜ ସମୟରେ ବିଭିନ୍ନ ପାନ ଦୋକାନରେ ରଜପାନ ପାଇଁ ଅନେକ ଭିଡ଼ ଦେଖିବାକୁ ମିଳିଥିଲା। ରଜ ପାଇଁ ସ୍ପେଶାଲ ଫାୟାର ପାନ ସାଙ୍ଗକୁ ଅନ୍ୟାନ୍ୟ ମିଠା ପାନ ଯିଏ ଖାଇଛନ୍ତି ସେ କେବେ ଭୁଲି ନାହାନ୍ତି। ସୁଗନ୍ଧ, ନାନା ମିଠା ମସଲାକୁ ମିଠାପତ୍ର ପାନ ଖିଲି ମରାଯାଇ ଗ୍ରାହକ ଦିଆଯାଇଥାଏ; ଯାହାକି ପାଟିକୁ ଗଲେ ଏହି ରଜ ପାନର ସ୍ୱାଦ ମଧ୍ୟ ବେଶ ଫୁଟି ଉଠିଥାଏ। ତେବେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟି ରଖି ଦୋକାନରେ ଆହୁରି ଭଳି କି ଭଳି ରଜ ପାନ କରିଛନ୍ତି। ଫାୟାର ବ୍ରାଣ୍ଡ ପାନ ସହିତ ଲଡୁପାନ, ଚକଲେଟ ପାନ, ନବରତ୍ନ ପାନ, ଦିଲଖୁସ ପାନ, ଷ୍ଟବେରୀ, ପାଇନାପଲ ଓ ଆଇସ ପାନ ରହିଛି। ଯାହାର ମୂଲ୍ୟ ୧୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ବାରିପଦା ସହରରେ ରଜ ସ୍ପେଶାଲ ପାନ ପାଇଁ ଦୋକାନରେ ବେଶ ଲମ୍ବା ପାନ ତାଲିକା ରହିଛି। ଯାହାକୁ ନେଇ ପାନ ଦୋକାନରେ ରଜ ପାନ ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି। ରଜ ପାନ ପାଇଁ କଲିକତାରୁ ସ୍ପେଶାଲ ମସଲା ମଧ୍ୟ ଆସିଥିବାର ଦୋକାନୀ କହିଛନ୍ତି। ଶନିବାର ପହିଲି ରଜ ଥିବାବେଳେ ରବିବାର ରଜ ମଉଜ ଆହୁରି ଜମିବ।

**ଦୋକାନରେ ଭଳିକି ଭଳି ମିଠାପାନ ସମ୍ଭାର**



### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ମୃତ

# କ୍ଷତିପୂରଣ ଦାବିରେ ବାରିପଦା-ଉଦଳା ରାସ୍ତା ଅବରୋଧ

ସାନକେରକୋ/ବଡ଼ସାହି, ୧୩।୬(ସମିସ): ବଡ଼ସାହି ଥାନା ଅନ୍ତର୍ଗତ ନାଉପାଳ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ନାଉପାଳ ଗ୍ରାମର କୁନା ଓରଫ ଶ୍ରୀଧର ସିଂ ତାଙ୍କ ଘର ବାରିର ବାଡ଼ରେ ବିଦ୍ୟୁତ୍ ତାର ବିଛାଇଥିଲେ। ତାର ସମ୍ପର୍କରେ କେହି ଜାଣି ନ ଥିଲେ। ପଡୋଶୀ ଗଙ୍ଗାଧର ନାଏକଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ଶ୍ରୀଦିପ (୧୭) ଗାଈ ଆଣିବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ସଂଗେ ସଂଗେ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବଡ଼ସାହି ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଶୁକ୍ରବାର କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ରଖି ନାଉପାଳଠାରେ



ବାରିପଦା-ଉଦଳା ରାସ୍ତାରୋକ କରିଛନ୍ତି ସ୍ଥାନୀୟ ଲୋକେ। ରାସ୍ତାରୋକ ଅପରାହ୍ନ ପ୍ରାୟ ୨ଟାରୁ ଆରମ୍ଭ ହୋଇ ଅଦ୍ୟାବଧି ଚାଲୁ ରହିଛି। ଫଳରେ ଯାନବାହନ ଯାତାୟାତ ଠପ୍ ହୋଇଯାଇଛି। ଖବର ପାଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ତହସିଲଦାର କରୁଣାକର ଧଳ, ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଟାଟା ପାୱାର ଯନ୍ତ୍ରୀଙ୍କ ସହିତ ପୁଲିସ ଉପସ୍ଥିତ ରହି ଆଲୋଚନା ଜାରି ରଖିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

## ଚଳନ୍ତା ଟ୍ରେନ୍‌ରୁ ପଡ଼ି ଆହତ ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ, ୧୩।୬(ସମିସ): ବୁଧବାର ରାତିରେ ବାଙ୍ଗିରିପୋଷିରୁ ରୂପସା ଯାଉଥିବା ମେମୁଟ୍ରେନରୁ ପଡ଼ି ଗୁରୁତର ଆହତ ହୋଇଥିବା ଜଣେ ବୃଦ୍ଧଙ୍କ କଟକ ବଡଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଅଖରାଶୋଳ ଗ୍ରାମର ହରେକୃଷ୍ଣ ଧଳ(୬୦)। ସେ ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଚଢିବାକୁ ଉଦ୍ୟମକରି ଖସିପଡ଼ିଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବାରିପଦା ଏବଂ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ବହଳଦାରେ ଗଡ଼ିଲା ବିକାଶ ବାହନ ରଥ



ବହଳଦା, ୧୩।୬(ସମିସ): ବହଳଦା ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳୀ ସିଂହ ପତାକା ଦେଖାଇ ବିକାଶ ବାହନ ରଥ ପରିକ୍ରମା ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରିବ। ଏହି ରଥ ୨୧ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ। ଅନୁଷ୍ଠିତ ହେବାକୁ ଥିବା ସନ୍ଧ୍ୟା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଯୋଜନାର କାର୍ଡ, ପ୍ରମାଣପତ୍ର ଆଦି ପ୍ରଦାନ କରାଯିବା ସହିତ କୌଣସି ଯୋଜନାରେ ସାମିଲ ହେବାକୁଥିବା ହିତାଧିକାରୀଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ। ସରପଞ୍ଚ ଲକ୍ଷଣ ହାଁସଦା ଏବଂ ପିଇଓ ଦୀପକ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳି ସିଂହ, ବିଡିଓ ଶ୍ରୀ ଶରତ କୁମାର ମଲ୍ଲିକଙ୍କ ସହ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୬ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ଓ ୪ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବେତନଟୀ, ୧୩।୬(ସମିସ): ବେତନଟୀ ବ୍ଲକ ମିଶନଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଗୁରୁବାର ଆୟୋଜିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ଡ. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥିରୂପେ ଯୋଗଦେଇ ଉଦଘାଟନ କରିଥିଲେ। ବିଡିଓ ସୁଶାନ୍ତ କୁମାର ସୂତାର, ଏବିଡିଓ ଗଗନ ବିହାରୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ, ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା, ୩୭ନଂ ଜୋନ ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ରନାରାୟଣ ସିଂହ, ମିଶନଶକ୍ତି ବ୍ଲକ ସଂଯୋଜକ ରବୀନ୍ଦ୍ର ଚାନେ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ୨୦ଟି ଏସଏଚଜି ଗ୍ରୁପ ଅଂଶଗ୍ରହଣ କରିଥିଲେ। ରଘୁପୁର ପଞ୍ଚାୟତର ମା'ବୁଢୀ ବ୍ରାହ୍ମଣୀ ଏସଏଚଜି ଗ୍ରୁପ ପ୍ରଥମ, ଆଗ୍ରିଆ ପଞ୍ଚାୟତର ମା'ଗାୟତ୍ରୀ ଏସଏଚଜି ଗୋଷ୍ଠୀ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ।

## ହାତୀଙ୍କ ଖାଦ୍ୟ ସୁରକ୍ଷା ପାଇଁ ବାଉଁଶମଞ୍ଜି ବୁଣିବା ଅଭିଯାନର ଶୁଭାରମ୍ଭ



ବାରିପଦା, ୧୩।୬(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଅବସ୍ଥିତ ଚାକିଡି ଗ୍ରାମପଞ୍ଚାୟତ ଜଙ୍ଗଲରେ ବାଉଁଶମଞ୍ଜି ପ୍ରକ୍ଷେପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ, ବାରିପଦା ବନଖଣ୍ଡ ଅଧୀକାରୀ ଏ. ଉମା ମହେଶ, ପୂର୍ବତନ ପିସିସିଏଫ ଏବଂ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ମୁଖ୍ୟ ଡ.ଦେବବ୍ରତ ସ୍ୱାଇଁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ଶିମିଳିପାଳ ଦକ୍ଷିଣ ସହକାରୀ ବନ୍ୟ ସଂରକ୍ଷକ ସାମରେଶ ବିଶ୍ୱାଳ, ବାଙ୍ଗିରିପୋଷି, ଆରଓ ବଡଗାଁ ଓ ତାଳବନ୍ଧ ରେଞ୍ଜର, ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁ, ସେଭ ଏଲିଫେଣ୍ଟ ଫାଉଣ୍ଡେସନର ରଜନୀକାନ୍ତ ଜେନା, ହରିହର ଦାସ, ସ୍ୱାର୍ଡାର ମୋହନ ମୁର୍ମୁ, ହାଡିବନ୍ଧୁ ମୁର୍ମୁ, ପ୍ରଦୀପ ଦାସ ମହାପାତ୍ର, ସୁଧୀର ନାଏକ, ପୂର୍ଣ୍ଣ ନାଏକ ସମେତ ପଞ୍ଚାୟତର ୧୩ଟି ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହା ଏକ ଅଭିନବ କାର୍ଯ୍ୟକ୍ରମ। ଏଭଳି ଉଦ୍ୟମ ଜାରି ରହିଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସିବା କମିଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଏହାକୁ ଆହୁରି ବ୍ୟାପକ କରି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରାଯିବ ଏବଂ ଗଛ ମଧ୍ୟ ରୋପଣ କରାଯିବ ବୋଲି ଆରସିସିଏଫ ଡ ଗୋଗିନାନୀ କହିଥିଲେ। ବାରିପଦା ବନଖଣ୍ଡ ଅଧୀନ ହାତୀ ରହୁଥିବା ଜଙ୍ଗଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାରି ରହିବ ବୋଲି ଶ୍ରୀ ମହେଶ କହିଥିଲେ।

## ଚନ୍ଦ୍ରିକା କଳାବିକାଶ କେନ୍ଦ୍ରରେ ପ୍ରତିଯୋଗିତା



ଶୁଳିଆପଦା, ୧୩।୬(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ସାନଦେଉଳି ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ପରିସରରେ ଏକ ଘରୋଇ ଟିଭି ପକ୍ଷରୁ ଗୀତ/ନାଚ ଓ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗ୍ରାମରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଥର ଆମ ଅଞ୍ଚଳର ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରଙ୍କୁ ଲୋକଲୋଚନ ଆଣିବାର ଏହା ଏକ ପ୍ରୟାସ ବୋଲି ଆୟୋଜକ ମନୋଜ କୁମାର ବେହେରା କହିଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୀଟନାଶକ ଉପଚାରିତ ମଶାରି ବଣ୍ଟନ ଶୁଭାରମ୍ଭ

ମହୁଲଡିହା, ୧୩।୬(ସମିସ): ଠାକୁରମୁଣ୍ଡା ବ୍ଲକରେ ଔଷଧ ବୋଳା ମଶାରି ବଣ୍ଟନ କାର୍ଯ୍ୟକ୍ରମ ଭାଲିଆଡାଳ ପଞ୍ଚାୟତରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ମେଲେରିଆ ନିୟନ୍ତ୍ରଣ ଓ ମଶା ଦାଉରୁ ରକ୍ଷା ପାଇଁ କୀଟନାଶକ ଉପଚାରିତ ମଶାରୀ ବରଦାନ ସଦୃଶ ବୋଲି ସେ କହିଥିଲେ। ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସରପଞ୍ଚ ଜାହ୍ନବୀ ସଏ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଭାଲିଆଡାଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଗ୍ରାମ ଗୁଡିକ ପାଇଁ ମଶାରୀ ବଣ୍ଟନ କରାଯାଇଛି। ଏହା ପରେ ଅନ୍ୟ ଗ୍ରାମପଞ୍ଚାୟତରେ ମଶାରୀ ବଣ୍ଟନ କରାଯିବ ବୋଲି ଡାକ୍ତର ନାୟକ କହିଥିଲେ। ଆରତୀ ବେହେରା, ଗୋପୀନାଥ ଚାମ୍ପିଆ, ସତ୍ୟ ଦାସ, ଅଙ୍ଗନବାଡି ସୁପରଭାଇଜର ସରସ୍ୱତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ୧୬ରୁ ତିରିଂ ବ୍ଲକ ଜନପ୍ରତିନିଧିଙ୍କ ଧର୍ମଘଟ

ବହଳଦା/ତିରିଂ, ୧୩।୬ (ସମିସ): ତିରିଂ ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ରାଇରଙ୍ଗପୁର ବିଧାୟକଙ୍କ ଦ୍ୱାରା ପଞ୍ଚାୟତ ସ୍ତରର ଉନ୍ନୟନ ମୂଳକ କାର୍ଯ୍ୟରେ ହସ୍ତକ୍ଷେପ ବିରୋଧରେ ଆସନ୍ତା ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ ପରିସରରେ ଧର୍ମଘଟରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ତଥା ଜିଲ୍ଲା ପରିଷଦ ଜରିଆରେ ଗ୍ରାମସଭା, ପଲ୍ଲୀସଭାରେ ଅନୁମୋଦିତ ପ୍ରସ୍ତାବ ଜରିଆରେ ଗ୍ରାମାଞ୍ଚଳର ସମସ୍ୟାର ସମାଧାନ କରାଯିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରାଯିବା ନିମନ୍ତେ ବ୍ୟବସ୍ଥା ରହିଛି। ଏନେଇ ପଞ୍ଚାୟତ ସମିତି ଜିରିଆରେ ଗ୍ରାମପଞ୍ଚାୟତ ଗୁଡ଼ିକୁ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ। ହେଲେ ଏହି ବ୍ୟବସ୍ଥା ମଧ୍ୟରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଅନୈତିକ ଭାବେ ପଶିବା ସହ କିଛି ପ୍ରତିଶତ ନିଜ ହାତକୁ ଉନ୍ନୟନ ମୂଳକ କାର୍ଯ୍ୟ ନେଉଥିବା ଅଭିଯୋଗ କରିଛନ୍ତି ନିର୍ବାଚିତ ପ୍ରତିନିଧି। ଏପରିକି ବିଧାୟକ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ସମିତିରେ ବିଡିଓଙ୍କ ଜରିଆରେ ଏକ ଅଘୋଷିତ ଚୁକ୍ତି କରିଥିବା ମଧ୍ୟ ଜଣାପଡ଼ିଛି। ଯାହାକୁ ନେଇ ନିର୍ବାଚିତ ପ୍ରତିନିଧି ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜନକଲ୍ୟାଣକାରୀ ପ୍ରକଳ୍ପକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଏବଂ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟକ ପଞ୍ଚାୟତ ସମିତିରେ ବିକାଶ ବାହନ ରଥ ପରିକ୍ରମା କରାଯିବା କାର୍ଯ୍ୟକ୍ରମ ରହିଛି; କିନ୍ତୁ ବିଧାୟକ ଶ୍ରୀ ନାଏକଙ୍କ ହସ୍ତକ୍ଷେପ ମାମଲାର ସମାଧାନ କରା ନ ଗଲେ ବିକାଶ ବାହନ ରଥ ପରିକ୍ରମା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅସହଯୋଗ କରିବା ସହିତ ଆସନ୍ତା ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟକୁ ଓହ୍ଲାଇବାକୁ ବାଧ ହେବେ ବୋଲି କହିଛନ୍ତି। ଏନେଇ ତିରିଂ ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ଜିଲ୍ଲାପାଳ ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ୧୬ ତାରିଖ ସମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ ପରିସରରେ ଧର୍ମଘଟରେ ବସିବେ। ଏହି ଧର୍ମଘଟରେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ଉପାଧ୍ୟକ୍ଷା ପୂର୍ଣ୍ଣିମା ଗାଗରାଇ, ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜେମାମଣୀ ସୁଣ୍ଡି, କୁଲୁଘୁଟୁ ସରପଞ୍ଚ ଚାମ୍ପ୍ରା ହେମ୍ବ୍ରମ, ରେଙ୍ଗାଲବେଡା ସରପଞ୍ଚ ଦେବେଶ ମାଝୀ, ନାରାନପୁର ସରପଞ୍ଚ ଲିଟା ଟୁଡୁ, ଗିତିଲତା ସରପଞ୍ଚ ଭାଦା ସୋରେନ, ସାନଭୁଣ୍ଡୁ ସରପଞ୍ଚ ହୀରାମଣୀ ମୁର୍ମୁ ଏବଂ ବଡନାରାଣୀ ସରପଞ୍ଚ କଳ୍ପନା ମାର୍ଣ୍ଡି ପ୍ରମୁଖ ବହୁ ଜନପ୍ରତିନିଧି ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।



### ଆଜି ବିଶ୍ୱ ରକ୍ତଦାତା ଦିବସ

## ରଞ୍ଜନ ମହାନ୍ତଙ୍କୁ 'ରକ୍ତବୀର ସମ୍ମାନ'



**■ ୧୪ ଥାଲାସେମିଆ ରୋଗୀଙ୍କୁ ମାସକୁ ଦୁଇଟି ପକେଟ ଦେଉଛନ୍ତି ରକ୍ତ**

ମୋରଡ଼ା, ୧୩।୬(ସମିସ): ମୋରଡ଼ା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତ ଗୋରୁଡ଼ବସା ଗ୍ରାମର ରଞ୍ଜନ କୁମାର ମହାନ୍ତ ଅଞ୍ଚଳରେ 'ରକ୍ତବୀର' ଭାବେ ସମ୍ମାନିତ ହେବା ସହ ଘରେ ଘରେ ପରିଚିତ। ରକ୍ତଦାନ ପରି ଏକ ମହତ କାର୍ଯ୍ୟକୁ ଜୀବନର ଲକ୍ଷ୍ୟ ଭାବେ ସେ ଗ୍ରହଣ କରିଛନ୍ତି। ଗତ ୨୦୧୩ ମସିହାରେ ବିବେକାନନ୍ଦ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରି ବର୍ଷକୁ ଦୁଇଟି ମେଗା ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। କୌଣସି ବ୍ୟକ୍ତି ବା ରୋଗୀ ରକ୍ତ ପାଇଁ ହଇରାଣ ହେଉଥିବା ଖବର ପାଇବା ମାତ୍ରେ ସେ ଧାଇଁ ଯାଆନ୍ତି। ତେବେ ସେହି ବ୍ୟକ୍ତି ପରିଚିତ କି ଅପରିଚିତ ଥାଉ ତାଙ୍କ ପାଇଁ ସମସ୍ତେ ସମାନ। ୨୦୧୩ ମସିହାରୁ ସେ ନିଜେ ଆଜି ପର୍ଯ୍ୟନ୍ତ ରକ୍ତଦାନ କରିଚାଲିଛନ୍ତି। ଏପରିକି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଗଲେ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବିଭାଗ ଓ ଯୁବଗୋଷ୍ଠୀଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରନ୍ତି। ୩୦ବର୍ଷ ବୟସରେ ସେ ନିଜେ ବାରିପଦା ତଥା ଅନ୍ୟ ହସ୍ପିଟାଲରେ ୩୫ ଜଣଙ୍କୁ ରକ୍ତଦାନ କରିବା ସହ ତାଙ୍କର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କ ଦ୍ୱାରା ୧୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ରକ୍ତ ଯୋଗାଇଛନ୍ତି। ଏଥିସହିତ ବର୍ତ୍ତମାନ ପ୍ରତି ମାସ ୧୪ ଜଣ ଥାଲେସେମିଆ ରୋଗୀଙ୍କୁ ଦୁଇଟି ଲେଖାଏଁ ରକ୍ତ ପକେଟ ଯୋଗାଉଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ନେଇ ନାରାୟଣ ସେବା ଟ୍ରଷ୍ଟ ତରଫରୁ ମେ ୨୯ ତାରିଖରେ ତାଙ୍କୁ 'ରକ୍ତବୀର ସମ୍ମାନ'ରେ ସମ୍ମାନିତ କରାଯାଇଛି।

## ବେତନଟୀ ଉଡ଼ା କମିଟି ଗଠିତ

ବେତନଟୀ, ୧୩।୬(ସମିସ): ବେତନଟୀ ଉଡା କମିଟି ଗଠନ ସାଙ୍ଗକୁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପୂର୍ବକ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି। କମିଟି ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଭାବେ ସୁନୀଲ କୁମାର ଖଣ୍ଡେଲୱାଲ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ ଇଂ. ସୁଶାନ୍ତ ବଳ, ସିଦ୍ଧାର୍ଥ ଅଗ୍ରୱାଲ, ସାଧାରଣ ସମ୍ପାଦକ ଭାବେ ବିକାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଦେବୀପ୍ରସାଦ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ଗୋକୁଳଚନ୍ଦ୍ର ଭୂୟାଁ ପ୍ରମୁଖ ରହିଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିରେ ଅମରେନ୍ଦ୍ରନାଥ ଦାସ, ଡମ୍ବରୁଧର ନାୟକ, ଶ୍ରୀନିବାସ ବେହେରା, ରାମଚନ୍ଦ୍ର ନାଥ, ହେମେନ୍ଦ୍ର ବେହେରା, କରୁଣାକର ବେହେରା, ସନ୍ଦୀପ ବାରିକ, ଚିନ୍ମୟ ମହାନ୍ତ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ପ୍ରତିବର୍ଷ ଧାର୍ଯ୍ୟ ସମୟରେ ଉଡାପର୍ବ ପାଳନର ଆୟୋଜନ ସାଙ୍ଗକୁ ଚଣ୍ଡୀମନ୍ଦିର ପଡ଼ିଆରେ ଉଡାପର୍ବ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା। ଉଡାପର୍ବ ସମୟରେ ମାନସିକଧାରୀ ଏବଂ ଭକ୍ତାମାନଙ୍କ ରହିବା ସୁବିଧା ପାଇଁ ଲକ୍ଷ୍ମୀନାରାୟଣ ମନ୍ଦିର କମିଟି ସହିତ ଆଲୋଚନା କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଥିଲା।

## ଛଉ ପଡ଼ିଆରେ ବିକାଶ ମେଳା ଉଦ୍‌ଘାଟିତ



ବାରିପଦା, ୧୩।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଛଉ ପଡ଼ିଆରେ ବିକାଶ ମେଳା-୨୦୨୫ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ଷଡ଼ଙ୍ଗୀ, ଏସିଡ଼ିଓ ଶ୍ରୀ ଶାନ୍ତନୁ କୁମାର ନାୟକ, ଓରମାସର ଡେପୁଟି ସିଇଓ, ବିମାନ ମଲ, ଡିସିପିଓ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମେତ ବିଭିନ୍ନ ବିଭଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉଦଘାଟନ ପରେ ଅତିଥି ବୃନ୍ଦ ଜିଲ୍ଲପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଷ୍ଟଲ ପରିଦର୍ଶନ କରିଥିଲେ। ମେଳାରେ ବିଭିନ୍ନ ପ୍ରକାର ମୋଟ ୬୦ଟି ଷ୍ଟଲ ଖୋଲାଯାଇଛି। ମିଶନ ଶକ୍ତି ତରଫରୁ ପାରମ୍ପରିକ ଖାଦ୍ୟ ଉତ୍ସବ ଜନରେ ୨୫ଟି ଷ୍ଟଲରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ପସରା ଖୋଲା ଯାଇଛି। ଅନ୍ୟାନ୍ୟ ୩୫ଟି ଷ୍ଟଲରେ ବିଭିନ୍ନ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ହସ୍ତତନ୍ତ ବୟନ ସାମଗ୍ରୀ ଉପଲବ୍ଧ ହେଉଛି ଏବଂ ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପରିଚୟ ପୁସ୍ତିକା 'ସ୍ମୃତିସନନ୍ଦ' ଉନ୍ମୋଚିତ



ବାରିପଦା, ୧୩।୬(ସମିସ): ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗଠନ ମୟୂରଭଞ୍ଜ ଆନୁକୂଲ୍ୟରେ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ପରିଚୟ ପୁସ୍ତିକା 'ସ୍ମୃତିସନନ୍ଦ' ସଂଗଠନର ସଭାପତି ଡ.ଶଶିଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପୁସ୍ତିକା ପରବର୍ତ୍ତୀ ଶିକ୍ଷକ ସମାଜକୁ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ। ସଂଗଠନର ଉପଦେଷ୍ଟା ସନ୍ତୋଷ ମହାନ୍ତି, ସମ୍ପାଦକ କୁମାର କବି, ଯୁଗ୍ମ ସମ୍ପାଦକ ସୁଦର୍ଶନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାଗବତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ସଂଗଠନର ବହୁ ପରିଶ୍ରମ ଫଳରେ ଆଜି ଏ ପରିଚୟ ପୁସ୍ତିକା ପ୍ରକାଶ ସମ୍ଭବ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦିବଂଗତ ପୁରସ୍କୃତ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ବାସନ୍ତୀଲତା ମହାପାତ୍ର ଧନ୍ୟବଦା ଅର୍ପଣ କରିଥିଲେ।

### ଗଜାମ-ଗୋବିନ୍ଦପୁର ରାସ୍ତା ନିର୍ମାଣକୁ ନେଇ ଜନଅସନ୍ତୋଷ

# ନିମ୍ନମାନର କାମକୁ ବିରୋଧ ପରେ ପୁଣି ପିଚୁ ପକାଇଲେ ଠିକାଦାର

ଖୁଣ୍ଟା, ୧୩।୬(ସମିସ): ଉଦଳା-ବାରିପଦା ରାଜପଥର ଗଜାମ ଛକରୁ ଗୋବିନ୍ଦପୁର ଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଚଉଡା କରାଯାଉଛି; ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨୦୨୪ ମାର୍ଚ୍ଚ ମାସରୁ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ରାସ୍ତା ଶେଷ ହେବା କଥା; କିନ୍ତୁ ଏ ଯାଏ ନିର୍ମାଣ ଶେଷ ହୋଇନାହିଁ। ଏହି ରାସ୍ତା ପାଇଁ ୧ କୋଟି ୯ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ ରହିଥିବାବେଳେ ୮.୨୩୫ କିମି ପିଚୁ, ୩.୫୧୫ କିମି କଂକ୍ରିଟ ଏବଂ ୩୬ଟି ନାଳ ପୋଲ ରହିଛି। ଅତି ତରବରିଆଭାବେ ରାସ୍ତା ନିର୍ମାଣ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଙ୍କିଗଡ଼ି ଛକର ବାଙ୍କରେ ପିଚୁ ରାସ୍ତାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଏକ ବଡ ଅଶ୍ୱସ୍ତ ଗଛ ରହିଛି; ଯାହା ଯାନବାହନ ପ୍ରତି ବିପଦ ରହିଛି। ସେହିପରି ରାସ୍ତାର



ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଥିବାରୁ ଗ୍ରାମବାସୀ ବିରୋଧ କରିବାରୁ ସେହି ସ୍ଥାନରେ ପୁଣି ପିଚୁ ପକାଯାଉଛି। ସେହିପରି କଂକ୍ରିଟ ରାସ୍ତାକୁ ମଧ୍ୟ ନିମ୍ନମାନର କରାଯାଉଛି। କେଉଁଠି ରାସ୍ତାର ବହୁ ସ୍ଥାନରେ ମାଟି ଧୋଇଯାଇଛି ତ ଅନ୍ୟ କେଉଁଠି ରାସ୍ତାଧାରରେ ଖାଲ ରହିଛି। ଖୁଣ୍ଟା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ କାର୍ଯ୍ୟାଳୟରେ ଦୁଇ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ ଥିବାବେଳେ କପ୍ତିପଦା ବ୍ଲକର ଜେଇ ଲିପ୍ସା ଦେହୁରୀଙ୍କୁ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏ ନେଇ ଖୁଣ୍ଟା ଉପଖଣ୍ଡ ଅଧିକାରୀ ପ୍ରମୋଦ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ। ଖୁଣ୍ଟାରେ ସ୍ଥାୟୀ ଉପଖଣ୍ଡ ଅଧିକାରୀ ନ ରହିବାରୁ ଏହି ରାସ୍ତା ନିର୍ମାଣ ଗୋଳିଆ ପାଣି ସୁହାଇବା ସଦୃଶ ହୋଇଛି। ପ୍ରକାଶ ଥାଉକି ଉକ୍ତ ରାସ୍ତା ଉପରେ ଉଭୟ ଖୁଣ୍ଟା ଓ ଉଦଳା ବ୍ଲକର ୬ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ବହୁ ଆନ୍ଦୋଳନ ପରେ ଏହି ରାସ୍ତା ଆରଡ଼ି ଅଧୀନକୁ ଯିବା ସହିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉକ୍ତ ସଡକକୁ ତତ୍କାଳୀନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ୨୦୧୫ ମସିହା ଫେବୃୟାରୀ ୨୭ ତାରିଖରେ ଉଦ୍‌ଘାଟନ କରିଥିଲେ। ଗଜାମ-ଗୋବିନ୍ଦପୁର ରାସ୍ତାର ଅର୍ଦ୍ଧାଧିକ ନିର୍ମାଣ ସାରିଥିବା ବେଳେ ନିର୍ମାଣ ଜନିତ ତ୍ରୁଟି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ନିଷ୍ପତ୍ତିକୁ ନେଇ ଲୋକେ ସନ୍ଦେହ କରୁଛନ୍ତି।

# ସମ୍ପାଦକୀୟ



ଐତିହ୍ୟ ଉପରେ ବୋଝ ହୁଅ ନାହିଁ କିମ୍ବା ବୋଝ ବୋଲି ଚିନ୍ତା କର ନାହିଁ।
-ରବି ରବର୍ଟସନ୍

ସକାଳ
THE SAKALA

## ଦୁଃଖଦ ଉଡ଼ାଣ

ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ୧୭୧ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୨୩୦ ଯାତ୍ରୀ ଓ ୧୨ ବିମାନ କର୍ମଚାରୀ ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି। ତେବେ ଏହି ଦୁଃଖଦ ଘଟଣାକ୍ରମରେ ଚକିତ କଲା ଭଳି ଗୋଟିଏ ଖବର ହସ୍ତଗତ ହୋଇଛି। ସିଟ୍ ନମ୍ବର ୧୧ ଏ ଯାତ୍ରୀ ରମେଶ ବିଶ୍ୱାସକୁମାର ଏକମାତ୍ର ବ୍ୟକ୍ତି ଯେ କି ଜୀବିତାବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବିମାନରୁ ବାହାରି ଆସି ନିଜର ପରିଚୟ ଦେଇଥିଲେ। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ସେ କଥା କହିବାକୁ ସକ୍ଷମ ଥିବାରୁ ତାଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି। ୨୩୦ ଯାତ୍ରୀଙ୍କ ମଧ୍ୟରେ ଥିଲେ ୬୯ ଜଣ ଭାରତୀୟ, ୫୩ ବ୍ରିଟିଶ, ଜଣେ କାନାଡ଼ା ଓ ୭ ଜଣ ପର୍ତ୍ତୁଗୀଜ୍ ନାଗରିକ। ଯାତ୍ରୀବାହୀ ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନ ବନ୍ଦର ସଂଲଗ୍ନ ବିଜେ ମେଡିକାଲ କଲେଜ୍‌ର ଛାତ୍ରାବାସ ନିକଟରେ ଜ୍ୱଳନ୍ତ ଅବସ୍ଥାରେ ପଡ଼ିଯିବାରୁ ବହୁସଂଖ୍ୟାରେ ମେଡିକାଲ ଛାତ୍ର ମଧ୍ୟ ମୃତାହତ ହୋଇଛନ୍ତି।

ବୋଇଂ ୮୭୮ ଡ୍ରିମଲାଇନର ବିମାନର ଟ୍ରାକରେକର୍ଡକୁ ଅନୁଧ୍ୟାନ କଲେ ତାହାର ନିରାପଦତା ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ନାହିଁ। କମ୍ପାନୀ ପକ୍ଷରୁ ୧୨ ଶହ ଯାତ୍ରୀବାହୀ ବିମାନ ମଧ୍ୟରୁ ଏହା ପ୍ରଥମ ବିମାନ ଯାହାକି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଗୁରୁବାର ମଧ୍ୟାହ୍ନ ୧-୩୮ ମିନିଟ୍‌ରେ ବିମାନ ୨୩ ନମ୍ବର ରନୱେରୁ ଯାତ୍ରା ଆରମ୍ଭ କରିଥିଲା। ସେ ସମୟରେ ମଧ୍ୟ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନଥିଲା। ତେବେ ୬୨୫ ଫୁଟ ଉଚ୍ଚରେ ବିମାନ ଥିବା ବେଳେ ତାହାର ଗତିଶୀଳତା ହଠାତ୍ ବାଧାପ୍ରାପ୍ତ ହୋଇଥିଲା। ସମ୍ଭାବ୍ୟ ବିପଦ ଆଶଙ୍କାରେ ବିମାନ ଚାଳକ ତୁରନ୍ତ ସାହାଯ୍ୟ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ, ଯାହାକୁ 'ମେଡେକଲ' କୁହାଯାଏ। କିନ୍ତୁ ବିମାନ ମିନିଟ ପିଛା ୧୭୫ ଫୁଟ ଗତିରେ ପତନାଭିମୁଖୀ ଥିବାରୁ ଏଟିସିର ପାଲଟା କଲ୍ ଶୁଣିବାକୁ ସମୟ ନଥିଲା। ସେତେବେଳେ ବିମାନଟି ମେଡିକାଲ କଲେଜ ପରିସରରେ ପଡ଼ି ଗୋଟିଏ ଅଗ୍ନିପିଣ୍ଡୁଳା ଭଳି ଜଳୁଥିଲା। ଏହି ବିମାନର ଚାଳକ ଥିଲେ କ୍ୟାପଟେନ ସୁମିତ ସବରୱାଲ ଓ ସହଯୋଗୀ କ୍ଲାଇଭ୍ କୁନ୍ଦର। ସବରୱାଲ ଜଣେ ସୁଦକ୍ଷ ଓ ଅଭିଜ୍ଞ ବିମାନ ଚାଳକ। ୮୨୦୦ ଘଣ୍ଟା ବିମାନ ଚାଳନା କରିଥିବାର ଅଭିଜ୍ଞତା ତାଙ୍କର ଅଛି। ସେହିଭଳି ସହଚାଳକ କୁନ୍ଦର ମଧ୍ୟ ୧୧ ଶହ ଘଣ୍ଟା ବିମାନ ଚାଳନା କରିଛନ୍ତି। ତେଣୁ ଏହି ଦୁର୍ଘଟଣା ପଛରେ କିଛି ବୈଷୟିକ ତ୍ରୁଟି ଥିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ବିମାନ ଉର୍ଦ୍ଧ୍ୱକୁ ଯିବା ପରିବର୍ତ୍ତେ କ୍ରମେ ତଳମୁହାଁ ହୋଇ ଖସୁଥିବାର ଲକ୍ଷ୍ୟ କରି ଚାଳକ ସହାୟତା ପାଇଁ 'ମେଡେକଲ' କରିଥିଲେ। ବିମାନରେ ଥିବା ଦୁଇଟି ଯାକ ଇଞ୍ଜିନ କୌଣସି କାରଣରୁ ଉଡ଼ାଣର ବେଗ ବୃଦ୍ଧି କରିବାକୁ ସକ୍ଷମ ହୋଇନଥିଲେ। ଦୁର୍ଘଟଣାର ପରିଦୃଶ୍ୟ ଯାହା, ସେଥିରୁ ସ୍ପଷ୍ଟ ହୋଇଛି ଯେ ବିମାନର ବ୍ଲାକବକ୍ସ ସୁରକ୍ଷିତ ଅଛି। ସେଥିରେ ରେକର୍ଡିଂ ହୋଇଥିବା ତଥ୍ୟ ହିଁ ଦୁର୍ଘଟଣାର ଅସଲ କାରଣ ଉନ୍ମୋଚନ କରିବ। ଦୁର୍ଘଟଣା ସ୍ଥଳରେ ଡିଜିସିଏ ଓ ଏନ୍‌ଆଇଏ ପରିସ୍ଥିତି ଯାଞ୍ଚ ଓ ତଦନ୍ତ ଆରମ୍ଭ କରିଛନ୍ତି।

ଆମ ଦେଶରେ ଏହା ଅନ୍ୟତମ ବଡ଼ ବିମାନ ଦୁର୍ଘଟଣା। ସେଥିରେ ପୁଣି ସମସ୍ତଙ୍କ ଆଖିଆଗରେ ଦୁର୍ଘଟଣାଗ୍ରସ୍ତ ବିମାନଟି ନିକଟସ୍ଥ ମେଡିକାଲ କଲେଜ ପରିସରରେ ଖସିପଡ଼ିବା ଘଟଣାକୁ ଅନେକ ବରଦାସ୍ତ କରିପାରି ନାହାନ୍ତି। ତେଣୁ ସାମ୍ଭାବ୍ୟ କାରଣକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଯାଇଛି। ବିମାନରେ କ'ଣ ଆବଶ୍ୟକତାଠାରୁ ଅଧିକ ଇନ୍ଧନ ଥିଲା, ଯାହା ଫଳରେ ଇଞ୍ଜିନ ଭାର ବହନ ସକାଶେ ଅକ୍ଷମ ଥିଲା? ଏମିତିରେ ଅହମ୍ମଦାବାଦ ବିମାନ ବନ୍ଦରରେ ପକ୍ଷୀଙ୍କ ଯୋଗୁଁ ଉଡ଼ାଣ ବାଧାପ୍ରାପ୍ତ ହେବା ଘଟଣା ଅପେକ୍ଷାକୃତ ଅଧିକ। ତେବେ ବିମାନରେ ଥିବା ଦୁଇଟିଯାକ ଇଞ୍ଜିନ୍‌ରେ କ'ଣ ପକ୍ଷୀ ଆଘାତ ଦେଇଥିଲେ? କାରଣ ଗୋଟିଏ ଇଞ୍ଜିନରେ ଆଘାତ ଲାଗିଲେ ମଧ୍ୟ ଦ୍ୱିତୀୟଟି ବିମାନକୁ ପୁଣି ରନୱେକୁ ଫେରାଇ ଆଣିବା ପାଇଁ କୌଣସି ଅସୁବିଧା ହେବ ନାହିଁ। ସ୍ୱାଭାବିକ ପାଣିପାଗ, ପୁଣି ମଧ୍ୟାହ୍ନ ସମୟ, ତେଣୁ ପ୍ରତିକୂଳ ପରିସ୍ଥିତିର ସମ୍ଭାବନା ଊଣା। ବିମାନ ଚାଳକ ଅସାବଧାନ ଥିଲେ ଏତେ ନିକଟରୁ ସେ 'ମେଡେକଲ' କରିନଥା'ନ୍ତେ। କିନ୍ତୁ ଭିଡିଓ ଫୁଟେଜ୍‌ରୁ ମିଳିଥିବା ଚିତ୍ରରୁ ଉଡ଼ାଣ ବେଳେ କେତେକ ବୈଷୟିକ ତ୍ରୁଟି ପ୍ରତି ବୈମାନିକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଯାନ୍ତ୍ରିକ ତ୍ରୁଟି ନା ପାଇଲଟ୍‌ଙ୍କ ଅସାବଧାନତା ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ଯେତେ ତର୍ଜମା ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣା ଭଳି ଗୁରୁତର ଦିଗ ପ୍ରତି ଏପର୍ଯ୍ୟନ୍ତ ସେହି ଅଙ୍ଗୁଳି ନିର୍ଦ୍ଦେଶ କରିନାହାନ୍ତି। ଏହି ବିମାନରେ ନୂଆଦିଲ୍ଲୀରୁ ଅହମ୍ମଦାବାଦ ଆସିଥିବା ଯାତ୍ରୀ ଆକାଶ ବକ୍ସ କିନ୍ତୁ ଗୁରୁତର ଅଭିଯୋଗ କରିଛନ୍ତି। ବିମାନର ଟିଭି ଓ ଏସି ଚାଲୁନି। ବୈଷୟିକ ତ୍ରୁଟି ଯୋଗୁଁ ଏହି ବିମାନର ଲଣ୍ଡନଯାତ୍ରା ମେ ୧ ତାରିଖରେ ବାତିଲ ହେବା ପରେ ମେ ୨ ରେ ଯାତ୍ରା କରିଥିଲା। ୧୦/୧୨ ବର୍ଷର ପୁରୁଣା ବିମାନ ଅତିରିକ୍ତ ରକ୍ଷଣାବେକ୍ଷଣା ଦାବି କରୁଥିବା ବେଳେ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇ ପାରିନଥିବା ସେ ଦର୍ଶାଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବ୍ରିଟିଶ ପ୍ରଧାନମନ୍ତ୍ରୀ କେ ଷ୍ଟାର୍ମର, ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଓ ଶାସନମୁଖ୍ୟଙ୍କ ପକ୍ଷରୁ ଭାରତର ବିମାନ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିମାନ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ଏକମାତ୍ର ଜୀବିତ ଯାତ୍ରୀଙ୍କୁ ସାକ୍ଷାତ କରିବା ସହ ପୋଡ଼ି ଯାଇଥିବା ଯାତ୍ରୀଙ୍କ ତ୍ୱରିତ ଚିହ୍ନଟ ପ୍ରକ୍ରିୟା ଓ ଡିଏନଏ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାର ପିଛା ଟାଟା କମ୍ପାନୀ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରିବା ସହ କ୍ଷତିଗ୍ରସ୍ତ ମେଡିକାଲ୍ କଲେଜର ପୁନରୁଦ୍ଧାର କାର୍ଯ୍ୟ ହତକୁ ନେବା ପ୍ରତିଶ୍ରୁତି ଦେଇଛି। ଟାଟା ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ପରେ ଏହା ବୋଧହୁଏ ପ୍ରଥମ ଦୁର୍ଘଟଣା। ତେଣୁ ଆଗାମୀ ଦିନରେ ଏହାର ଯେପରି ପୁନରାବୃତ୍ତି ଘଟେ ସେଥିପ୍ରତି ସଚେତନ ହେବା ଜରୁରୀ।

ଇତିମଧ୍ୟରେ ବିମାନର ଦୁଇଟିଯାକ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ସେଥିରୁ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ତେବେ ଏହା ଭିତରେ ଯେଉଁ ଭାବାବେଗ ଓ ଆତ୍ମୀୟତାର ଅନ୍ତ ଘଟିଲା ତାହା ବ୍ଲାକ୍‌ବକ୍ସ ଅନୁସନ୍ଧାନ ପୂରଣ କରିପାରିବ ନାହିଁ। ସମ୍ପୂର୍ଣ୍ଣ ଘଟଣାରେ କିନ୍ତୁ ଭାରତୀୟ ଧର୍ମବିଶ୍ୱାସର ଗୋଟିଏ ଆପ୍ତ ବାକ୍ୟ ପୁଣି ଥରେ ସତ ସାବ୍ୟସ୍ତ ହୋଇଛି - 'ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ'। ଆକାଶରେ ବିମାନ ଦୁର୍ଘଟଣା ଘଟିଲେ କୀଟପତଙ୍ଗ ମଦ୍ୟ ବଞ୍ଚିବାର ସମ୍ଭାବନା ଆଦୌ ନାହିଁ। ଅଥଚ ଜଣେ ବିମାନଯାତ୍ରୀ ବଞ୍ଚିଯିବା ଅଲୌକିକତା ନିଶ୍ଚୟ। ସେହିପରି ଟ୍ରାଫିକ୍ ଜାମ ଯୋଗୁଁ ଯେଉଁ ଯାତ୍ରୀଜଣକ ଠିକ୍ ସମୟରେ ବିମାନଯାତ୍ରାରୁ ବଞ୍ଚିତ ହୋଇଥିଲେ ତାହା ମଧ୍ୟ ଭାଗ୍ୟର ସଂଯୋଗ ବୋଲି କହିବାକୁ ପଡ଼ିବ।

## ଶିଶୁଶ୍ରମ ଓ ଆମର ଦାୟିତ୍ୱ

ଡ. ସମୀର କୁମାର ନନ୍ଦ

୨୦୨୫ ମସିହାର ଅର୍ଦ୍ଧେକ ସରିବା ଉପରେ। ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ୨୦୧୫ ମସିହାରେ ଧାର୍ଯ୍ୟ କରାଯାଇଥିବା ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟର ଅବଧି ସରିବାକୁ ବସିଲାଣି। ସେହି ଲକ୍ଷ୍ୟସୂଚୀର ୮.୭ କ୍ରମାଙ୍କ ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁ ଶ୍ରମିକ ପ୍ରଥାର ନିରାକରଣ ହେବାର ସ୍ଥିରୀକୃତ ହୋଇଥିଲା। କିନ୍ତୁ ବାସ୍ତବ ଚିତ୍ର କ'ଣ ରହିଛି ତାହା ଆମେ କିଛି ଉଦାହରଣରୁ ଜାଣିପାରିବା।

କୌଣସି ରେଳ ଷ୍ଟେସନକୁ ଗଲେ ଅନେକ କୁନି କୁନି ପିଲା ନୁଖୁରା କେଶ ଓ ଛିଣ୍ଡା ପୋଷାକରେ ଇତସ୍ତତ ବୁଲୁଥିବାର ଆମେ ଦେଖିପାରିବା। ବହିଖାତା କିମ୍ବା ଖେଳଣା ବଦଳରେ ଗୋଟିଏ ହାତରେ ଥିବ ଖୋଲା ପାଣି ବୋତଲ ସଂଗ୍ରହର ବସ୍ତା ଓ ଅନ୍ୟ ହାତରେ ଡେଣ୍ଡ୍ରାଇଟ ଅଠାର ଗୋଟିଏ ଗୋଟିଏ ଟ୍ୟୁବ୍। ଏହି ପିଲାମାନେ ଦିନସାରା ଜରି ଓ ଖାଲି ପାଣି ବୋତଲ ସଂଗ୍ରହ କରି କିଛି ପଇସା ରୋଜଗାର କରନ୍ତି, ଯାହାକି ସେମାନଙ୍କ ଖାଇବା ଖର୍ଚ୍ଚକୁ ଭରଣା କରିପାରେ ନାହିଁ ସତ; କିନ୍ତୁ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ମାରାତ୍ମକ ଡେଣ୍ଡ୍ରାଇଟ ଅଠା ଗୋଟିଏ ମିଳିଯାଏ, ଯାହାକୁ ଟିକିଏ ଶୁଙ୍ଘି ଦେଲେ ଭୋକ, ଶୋଷ ଓ ଥଣ୍ଡାରୁ ମୁକ୍ତି ମିଳିଯାଏ। ସେମିତି ରାଜଧାନୀର ଛାତି ଉପରେ ଥିବା ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ ପରିସର ଓ ଟ୍ରାଫିକ ଲାଇଟ ତଳେ ମାଳମାଳ ଶିଶୁ ଓ କିଶୋର କିଶୋରୀ ଅନାୟାସରେ ଭିକ୍ଷାବୃତ୍ତି କରୁଥିବାର ଘଟଣାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହି ଭିକ୍ଷାବୃତ୍ତିରେ ଦେଢ଼ବର୍ଷରୁ ଆରମ୍ଭ କରି ତେର/ଚଉଦ ବର୍ଷର କୁନି କୁନି ପିଲା ନିୟୋଜିତ ହୋଇଥା'ନ୍ତି। ଏମାନଙ୍କ କଥା ବୁଝିବା ପାଇଁ କେହି ନାହାନ୍ତି।

ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ପାଇଁ ଚାରୋଟି ମୁଖ୍ୟ ଉପାଦାନର ଆବଶ୍ୟକତା ରହିଛି। ସେଗୁଡ଼ିକ ହେଲା - ୧) ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ, ୨) ଉଦ୍ଧାର ଓ ଥଇଥାନ, ୩) ଆଇନର ସଫଳ ପ୍ରଣୟନ ଓ କାର୍ଯ୍ୟାନୁଷ୍ଠାନ ଏବଂ ୪) ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରଣ। ବାସ୍ତବରେ ଏହି ଉପାଦାନଗୁଡ଼ିକର ପ୍ରକୃତ ସ୍ଥିତି କ'ଣ ରହିଛି ତାହା ଉଲ୍ଲେଖ ଅନାବଶ୍ୟକ। ବାସ୍ତବରେ ଶିଶୁ ଶ୍ରମିକମାନଙ୍କର ସଂଖ୍ୟା ସମ୍ପର୍କରେ ପ୍ରକୃତ ତଥ୍ୟ କାହା ପାଖରେ ନାହିଁ। ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୦ ମସିହାଠାରୁ ଅଦ୍ୟାବଧି ମାତ୍ର ଦୁଇଥର ହୋଇଛି। ୧୯୯୦ ମସିହାକୁ 'ବାଳିକାମାନଙ୍କ ପାଇଁ ବର୍ଷ' ବୋଲି 'ସାର୍କ' ତରଫରୁ ପାଳନ କରାଯାଇଥିଲା। ସେଥିପାଇଁ ରାଜ୍ୟ ସରକାର ବାଧ ହୋଇ ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ କରିଥିଲେ। ସେହିପରି ୧୯୯୫-୯୬ ମସିହାରେ ହୋଇଥିବା ରାଜ୍ୟସ୍ତରୀୟ ସର୍ବେକ୍ଷଣରେ ୮, ୩୧, ୬୬୪ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ।

ଶିଶୁ ଶ୍ରମିକଙ୍କ କଲ୍ୟାଣ ପାଇଁ ୧୯୯୪ ମସିହାଠାରୁ ରାଜ୍ୟରେ ପରିଚାଳିତ ହେଉଥିବା ଏକମାତ୍ର କେନ୍ଦ୍ରୀୟ ଅନୁଷ୍ଠାନ 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' ଦ୍ୱାରା ୧୯୯୬-୯୭ ମସିହାଠାରୁ ପ୍ରତି ତିନିବର୍ଷରେ ଥରେ ସର୍ବେକ୍ଷଣ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ, ଉଦ୍ଧାର ଓ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଥଇଥାନ ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିଲା। କିନ୍ତୁ ୨୦୨୧ ମସିହାଠାରୁ ସେହି ଅନୁଷ୍ଠାନକୁ ଚକ୍ରାନ୍ତ କରି ବନ୍ଦ କରି ଦେବା ଦ୍ୱାରା ବର୍ତ୍ତମାନ ଶିଶୁଶ୍ରମିକଙ୍କ କୌଣସି ତଥ୍ୟ କାହା ପାଖରେ ନାହିଁ କି କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଆଇନ ପ୍ରଣୟନ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ ନିୟମ ଅନୁସାରେ ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ଥଇଥାନ ଆଇନର ସଫଳ ପ୍ରଣୟନ ତଥା ପୀଡ଼ିତ ଶିଶୁ ଓ ସାକ୍ଷ୍ୟ ପ୍ରଦାନ କରୁଥିବା ଶିଶୁମାନଙ୍କୁ ସୁରକ୍ଷା ଆଦି କାର୍ଯ୍ୟର ତଦାରଖ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଶ୍ରମ ବିଭାଗ ଦ୍ୱାରା 'ଶିଶୁ ଶ୍ରମିକଙ୍କ ଟାସ୍କ ଫୋର୍ସ କମିଟି' ଗଠନ ହେବ ଏବଂ ଏହାର ବୈଠକ ପ୍ରତିମାସରେ ବସିବ। କିନ୍ତୁ ପ୍ରାୟ ଜିଲ୍ଲାରେ ବର୍ଷ ବର୍ଷ ଧରି ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ୨୦୨୦ ମସିହାଠାରୁ ୨୦୨୪ ଭିତରେ ମାତ୍ର ୨୬ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ୨୦୧୩ ରୁ ୨୦୧୭ ମଧ୍ୟରେ ମାତ୍ର ୪୩୧ ମାମଲା ରୁଜୁ ହୋଇଛି। ଶ୍ରମ ବିଭାଗକୁ ନବକଳେବର କରାଯାଇ ଅଧିକାରୀମାନଙ୍କ ସଂଖ୍ୟା, କ୍ଷମତା ଓ ଦରମା ହାର ସିନା ବୃଦ୍ଧି କରାଯାଇଛି, କିନ୍ତୁ ଶିଶୁଶ୍ରମିକ ଆଇନ ପ୍ରଣୟନ କ୍ଷେତ୍ରରେ କୌଣସି ପ୍ରଭାବଶାଳୀ ଉଦ୍ୟମ ହୋଇନାହିଁ। ବର୍ତ୍ତମାନ ସବୁ ଯୋଜନା କେବଳ ପ୍ରଚାରସର୍ବସ୍ୱ ହୋଇ ରହିଯାଇଛି।

ଏକଦା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅଭିଯାନ ଚଳାଇ ବିଶେଷ ସଫଳତା ହାସଲ କରିଥିଲା 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ'। ଏହି ପ୍ରକଳ୍ପ ବନ୍ଦ ହୋଇଗଲା ପରେ ଶିଶୁ ଶ୍ରମିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବିଦ୍ୟାଳୟ ଦେଖିବାକୁ ମିଳୁନାହିଁ। ଆମ ରାଜ୍ୟରେ ଶତକଡ଼ା ୯ ଭାଗ ଛାତ୍ରଛାତ୍ରୀ ମାଧ୍ୟମିକସ୍ତରରେ ପାଠ ଛାଡ଼ି ଦେଉଛନ୍ତି। ସେହିପରି ଆଠଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଆଧାର ପରିଚୟ ପତ୍ର ନାହିଁ। ସରକାର ବିଦ୍ୟାଳୟର ସଂସ୍କାର ଯେତିକି କରିବାକୁ ଯାଉଛନ୍ତି ଦିନକୁ ଦିନ ସେତିକି ପିଲା ପାଠ ଛାଡୁଛନ୍ତି। ଆମେ ବିଦ୍ୟାଳୟରେ ପଢୁଥିଲା ବେଳେ କୌଣସି ସ୍ୱତନ୍ତ୍ର ଯୋଜନା ନଥାଇ ମଧ୍ୟ ପ୍ରତ୍ୟେକ ଶ୍ରେଣୀରେ ଏକାଧିକ ବିଭାଗ ରହି ଶହେ ଲେଖାଏଁ ପିଲା ପାଠ ପଢୁଥିଲେ। ଅଥଚ ସେହି ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ସର୍ବମୋଟ ପିଲା ସଂଖ୍ୟା ଶହେ ହେବ କି ନାହିଁ ସନ୍ଦେହ। ପିଲାମାନେ ଯଦି ପାଠ ଛାଡୁଛନ୍ତି ସେମାନେ କୁଆଡ଼େ ଯାଉଛନ୍ତି? କ'ଣ କରୁଛନ୍ତି? ସେକଥା ବୁଝୁଛି କିଏ?

ଆମ ଦେଶ ସ୍କୁଲଶିକ୍ଷାର ସାର୍ବଜନୀନକରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଛି। ପ୍ରଗତି ସତ୍ତ୍ୱେ ଶିଶୁଶ୍ରମର ପ୍ରଚଳନ ରହିଛି। ଠିକ୍ ଏହିପରି ସ୍କୁଲ ଉପସ୍ଥାନ ଏବଂ ସମାପ୍ତି ହାର ଶିକ୍ଷାଗତ ପ୍ରାପ୍ତିରେ ବ୍ୟବଧାନ ପ୍ରକାଶ କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଶିଶୁ ଶ୍ରମିକ ନିରାକରଣ ଦିଗରେ ପ୍ରଗତି ଘଟିଥିଲେ ମଧ୍ୟ ବିଶ୍ୱରେ ଏବେ ବି ୧୬୦ ନିୟୁତ ଶିଶୁ ଶ୍ରମିକ ଭାବରେ କାମ କରୁଛନ୍ତି, ଯାହାର ସଂଖ୍ୟା ଆମଦେଶରେ ଆକଳନ କରାଯାଇ ନାହିଁ। ଶିଶୁ ଶ୍ରମିକ ପ୍ରଥା କେବଳ ଶିକ୍ଷା, ସୁରକ୍ଷା ଏବଂ ଅବସର ପାଇବାର ଅଧିକାରରୁ ବଞ୍ଚିତ କରି ଶିଶୁ ମାନଙ୍କର ଅଧିକାରକୁ ଉଲ୍ଲଙ୍ଘନ କରେ ନାହିଁ, ବରଂ ଏହା ସେମାନଙ୍କୁ ଶୋଷଣକାରୀ ଓ ପ୍ରାୟତଃ ବିପଜ୍ଜନକ କାର୍ଯ୍ୟ ପରିବେଶରେ ଫସାଇ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ଓ ଦକ୍ଷତାକୁ ଉପଯୋଗ କରିବାର ସୁଯୋଗକୁ ମଧ୍ୟ ବାଧାପ୍ରାପ୍ତ କରେ।

୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁଶ୍ରମିକ ପ୍ରଥା ଦୂର କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଜାତିସଂଘର ଆହ୍ୱାନକୁ ସାକାର କରିବା ଲାଗି ଏକ ନୂତନ ପ୍ରୟାସର ଆବଶ୍ୟକ। ଶିଶୁଶ୍ରମିକ ପ୍ରଥାର ଦୂରୀକରଣ ପାଇଁ ଆମମାନଙ୍କର ମାନସିକତାରେ ପରିବର୍ତ୍ତନ ଜରୁରୀ। ଶିଶୁଶ୍ରମିକ ନିୟୋଜିତ ହୋଇଥିବା ଦୋକାନ, ହୋଟେଲ, ଢାବା ଓ କାର୍ଯ୍ୟସ୍ଥଳ ସହିତ ଉତ୍ପାଦ ସାମଗ୍ରୀକୁ ଆମମାନଙ୍କ ଭିତରୁ କେତେଜଣ ବର୍ଜନ କରି ପାରୁଛେ? ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଢାବା, ହୋଟେଲ କିମ୍ବା ଚା' ଦୋକାନକୁ ଆମେ ସମସ୍ତେ ଯଦି ଯିବା ନାହିଁ, ତେବେ ମାଲିକ ଶିଶୁ ଶ୍ରମିକ ନିୟୋଜନ କରିବାରୁ କ୍ଷାନ୍ତ ନିଶ୍ଚୟ ରହିବ। ସମାଜରେ ଶିଶୁଶ୍ରମିକ ପ୍ରଥାର ପ୍ରଚଳନକୁ ଆମେ ଆଜିପର୍ଯ୍ୟନ୍ତ ଗ୍ରହଣ କରି ଆସୁଛନ୍ତି। କୌଣସି ସ୍ଥାନରେ ଶିଶୁ ଶ୍ରମିକଟିଏ ଦେଖିଲେ ଆମେ ଅଭିଯୋଗ କରୁଛୁ କି? ଶିଶୁ ଶ୍ରମିକ ସମ୍ପର୍କରେ ଅଭିଯୋଗ ପାଇଁ ବର୍ତ୍ତମାନ କୌଣସି କାର୍ଯ୍ୟାଳୟକୁ ଯିବା ଜରୁରୀ ଆବଶ୍ୟକ ନୁହେଁ। ଆମେ ସିଧାସଳଖ ମୋବାଇଲ ଫୋନ ମାଧ୍ୟମରେ www.pencil.gov.in ରେ ତଥ୍ୟ ପ୍ରଦାନ କରି ଅଭିଯୋଗ କରିପାରିବା। ଆମର ପରିଚୟ ଗୁପ୍ତ ରହିବାର ବ୍ୟବସ୍ଥା ରହିଛି। ଦେଶରେ ରହୁଥିବା ପ୍ରତ୍ୟେକ ନାଗରିକ ଯଦି ଏ ଦିଗରେ ଗୋଟିଏ ପାଦ ବଢ଼ାଇବେ ତେବେ ଦିନ ଆସିବ ଦେଶରେ ଶିଶୁ ଶ୍ରମିକ ରହିବେ ନାହିଁ। ଏଥିପାଇଁ ସରକାରଙ୍କ କୌଣସି ଆଇନ କି ଯୋଜନାର ମଧ୍ୟ ସହାୟତା ନେବା ଦରକାର ପଡ଼ିବ ନାହିଁ।

ଦେବଗଡ଼, ମୋ: ୯୪୩୭୨୧୮୯୧୭

## ବାର୍ଦ୍ଧକ୍ୟ: ଏକ ଅବ୍ୟକ୍ତ ଯନ୍ତ୍ରଣା

ଜଗନ୍ନାଥ ବେହେରା



ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ / ପିତରି ପ୍ରତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା।' ଅର୍ଥାତ୍ ପିତା ସ୍ୱର୍ଗ ପରି ପୂଜ୍ୟ। ପୁଣି ବାପା ହିଁ ସର୍ବଶ୍ରେଷ୍ଠ ତପସ୍ୟା। ବାପାଙ୍କୁ ପୂଜା କଲେ ସର୍ବଦେବତା ଶାନ୍ତି ପାଆନ୍ତି। ପିତାମାତା ହେଉଛନ୍ତି ଜୀବନର ପ୍ରଥମ ଶବ୍ଦ ପ୍ରଥମ ଅକ୍ଷର। ସିଏ ହିଁ ଅ ଆ ଇ ଈ। ତାଙ୍କଠାରୁ ସବୁ ଶିକ୍ଷା ମିଳେ। ଯାହାଙ୍କଠାରୁ ସବୁ ଶିକ୍ଷା ଲାଭ କଲୁ ଆଜି ଆମେ କହୁ 'ଚୁପ୍ କରି ବସ, ତୁମେ କିଛି ଜାଣିନ।' ଆଶ୍ଚର୍ଯ୍ୟ। ଯେଉଁ ବାପା ବର୍ଷ ବର୍ଷ ଧରି କାଖେଇ କୋଳେଇ ଦୁନିଆ ଦାଣ୍ଡରେ ମଣିଷ ପରି ମଣିଷ ଟିଏ କରି ଠିଆ କରାଇଥିଲା, ଆଜି ସିଏ ଅଦରକାରୀ ବୋଝ। ଚାରି ପୁଅ ଚାରି ଭାଗ କରି ବାଣ୍ଟି ଦେଉଛନ୍ତି। ଭାଗ ନ ଛିଡ଼ିଲେ ବୃଦ୍ଧାଶ୍ରମ।

ମୋ ଓଡ଼ିଶାର ସଂସ୍କୃତି ଓ ପରମ୍ପରା କିନ୍ତୁ ଦୟା, ଧର୍ମ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱବୋଧ ଓ ମହାମାନବବାଦର ମୂଳଦୁଆ ଉପରେ ପ୍ରତିଷ୍ଠିତ। ପରସ୍ପର ସହିତ ଏକ ନିବିଡ଼ ସମ୍ପର୍କର ରଜ୍ଜୁରେ ବନ୍ଧା ଉତ୍କଳୀୟ ପରିବାର। ସ୍ନେହ, ଶ୍ରଦ୍ଧା, ବଡ଼, ସାନ, ମାନ୍ୟ, ପୁଣ୍ୟ ବିଚାର ସହିତ କଳା ସାହିତ୍ୟ ସଂସ୍କୃତିକୁ ନେଇ ଓଡ଼ିଶା ସମୃଦ୍ଧ। ଏହାର ପାଣି ପବନ ମାଟି ସବୁ ସରଳ ଓ ନିରୀହ। ପୋଥି, ପୁରାଣ, ଶାସ୍ତ୍ର ଜ୍ଞାନର ଗନ୍ତାଘର ହେଉଛି ଓଡ଼ିଶା ମାଟି। ପିତୃ ଦେବୋଭବ, ମାତୃ ଦେବୋଭବକୁ ମୁକ୍ତକଣ୍ଠରେ ସ୍ୱୀକାର କରୁଥିବା ଜାତିର ମା' ମାଟି ହେଉଛି ମୋ ଓଡ଼ିଶା। ଜାତି, ବର୍ଣ୍ଣ, ଧର୍ମର ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ସେବା, ତ୍ୟାଗ, ଦାନ, ପୁଣ୍ୟ କରନ୍ତି ମୋ ଓଡ଼ିଶାବାସୀ।

ଅଥଚ ଏହି ଓଡ଼ିଶାରେ ଆଜି ଶତାଧିକ ବୃଦ୍ଧାଶ୍ରମ ନିର୍ମାଣ ହୋଇଛି। ଭାରତବର୍ଷରେ କେରଳ ପରି ଅତିଶିକ୍ଷିତ ରାଜ୍ୟରେ ୧୨୪ ରୁ ଅଧିକ ଆଶ୍ରମ ଥିବା ବେଳେ ଦୟା ଧର୍ମର ରାଜ୍ୟ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟରେ ଅଛି। ବିଶେଷକରି ଭୁବନେଶ୍ୱର ପରି ସଭ୍ୟ ସହର ମଧ୍ୟରେ ହିଁ ପାଖାପାଖି ୧୦ଟି ବୃଦ୍ଧାଶ୍ରମ ରହିଛି। ଯେଉଁଠି ମୁଠାଏ ଭଲ ଭାତ ମିଳୁଛି ସିଏ ଭଲ, ଯିଏ ଅଧେ ମୁଠା ଭାତ ଦେଉଛି ସିଏ ଖରାପ।

ଉତ୍କଳ ଭୂମି, ଯେଉଁଠି ପଥର ଦେହରେ ଦେବତା, ବୃକ୍ଷ ଡାଳ ପତ୍ରରେ ଲୋକ ଦେବୀଦେବତା ଦେଖନ୍ତି, ବନ୍ଧା ଅବସ୍ଥାରେ ଗାଈଟିଏ ମରିଗଲେ ସାତଦିନ ବେକରେ ପାଳ ଦଉଡ଼ି ଗୁଡ଼େଇ ସାତ ଗାଁ ବୁଲି ଭିକ୍ଷା ମାଗନ୍ତି, ଯେଉଁଠି ଗାଁ ଗାଁରେ ଭାଗବତ ପଢ଼ା ହୁଏ ଓ ସନ୍ଧ୍ୟାରେ ସଙ୍କୀର୍ତ୍ତନ ହୁଏ, ପଶୁ ପକ୍ଷୀଙ୍କୁ ଖାଇବାକୁ ଦିଆଯାଏ ସେଠାରେ ବୃଦ୍ଧାଶ୍ରମ ସଂସ୍କୃତି ନିଶ୍ଚୟ ଦୁଃଖଦାୟକ। ଯେଉଁଠି ଅଧିକରୁ ଅଧିକ ଲୋକ ଗରିବ ଓ ଅଶିକ୍ଷିତ, ସେଠାରେ ଆଜି ଶତାଧିକ ଜରାଶ୍ରମ। ଏହା କ'ଣ ଆଶ୍ଚର୍ଯ୍ୟ ହେବାର କଥା ନୁହେଁ। ଓଡ଼ିଶାର ପୁରପଲ୍ଲୀରେ ଆଜି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ବୃଦ୍ଧ ପିତାମାତାଙ୍କୁ ପିଲାମାନେ ମାସେ ମାସେ ଭାଗ ବାଣ୍ଟି ନିଅନ୍ତି। ମାସେ ବଡ଼ ଘରେ ରହିଲେ ମାସେ ସାନ ଘରେ ରହିବ।

ବୃଦ୍ଧାବସ୍ଥାକୁ ବାନ୍ଧି ଦେଉଛି ନିଜ ଅକର୍ମି ହାତଗୋଡ଼। ଆଖି ମଧ୍ୟ ଆଡ଼ ହେଇ ଯାଉଛି। କାନ ଠିକ୍ ଶୁଣିବାରେ ଅସହଯୋଗ କରୁଛି। ପେଟ ଖାଦ୍ୟ ଜୀର୍ଣ୍ଣ କରିବାକୁ କୁଣ୍ଠାବୋଧ କରୁଛି। ଦାନ୍ତଗୁଡ଼ିକ ପାଟିକୁ ଛାଡ଼ି ନିଜ ବାଟ ଧରୁଛନ୍ତି। ପବନ ବି ବେଳେ ବେଳେ ଧୋକା ଦେଉଛି। ରକ୍ତଚାପ, ମଧୁମେହ, ଅମ୍ଳ ପରି ରୋଗଗୁଡ଼ିକ ଶରୀର ଭିତରେ ପଶି ବାଉଁଶକୁ ପୋକ କଣା କରିଲା ପରି କରି କଣା କରି ଦେଇଥା'ନ୍ତି। ପୋକଖିଆ ବାଉଁଶର ଆୟୂଷ କେତେ? ଏମିତି ପରିସ୍ଥିତିରେ ଆଉ ପୁଅ ଝିଅ ବା କାହିଁକି ସେମାନଙ୍କର ସାଙ୍ଗରେ ରହିବେ? ବାର୍ଦ୍ଧକ୍ୟର ଶେଷ ଆଶ୍ରୟ ହିଁ ହେଉଛି ଜରାଶ୍ରମ। ନାତିନାତୁଣୀଙ୍କୁ ଛାଡ଼ି ଯଦିଓ ରହିବା କଷ୍ଟ, କିନ୍ତୁ ରହିବାକୁ ବାଧ୍ୟ।

ଜୀବନ ସାରା କଞ୍ଚା ମାଟିକୁ ଗଢ଼ି ନିଜ ହାତରେ ତିଆରି କରିଥିବା ପୁଅ ଝିଅ ଯେଉଁଠି ସେବା ଦେବା ଭୟରେ ବୃଦ୍ଧାଶ୍ରମ ଦେଖାଇ ଦେଲେ, ସେଠାରେ ସାମାନ୍ୟ କିଛି ଟଙ୍କା ପାଇଁ କାମ କରୁଥିବା ଜଣେ କର୍ମଚାରୀ କେତେ ସେବା ଦେବେ ସମସ୍ତେ ଜାଣନ୍ତି। ରାତିଦିନ ଏକାଠି କରି ଅନାହାର ଅନିଦ୍ରାରେ ରହି ସମାଜରେ ଯେଉଁ ପୁଅ ଝିଅଙ୍କୁ ମଣିଷ କରି ଠିଆ କରିଥିଲେ, ସେମାନେ ଆଜି ହତାଦର କରି ଆଶ୍ରମକୁ ଠେଲି ଦେଲେ। ଦୁଃଖ ଏତିକି ଯେ ନିଜର ସ୍ୱାଧୀନତା ସେଠାରେ ରହେ ନାହି। ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ପାରିବେ ନାହିଁ କି ପାଟିର ରୁଚି ଅନୁଯାୟୀ ଖାଦ୍ୟ ଖାଇ ପାରିବେ ନାହି। ଜୀବନସାରା ଅନ୍ୟକୁ କାମରେ ଲଗାଉ ଥିବା ଲୋକଟା ଶେଷଜୀବନରେ ନିଜେ କାମ କରିବାକୁ ପଡ଼ିବ ଭାବିଲେ କେତେ କଷ୍ଟ ଲାଗୁଛି। ଅଚିହ୍ନା ଅଜଣା ମୁହଁକୁ ଦେଖି ବିନା ଲୁହରେ କାନ୍ଦିବା ଛଡ଼ା ଅନ୍ୟ ଉପାୟ ନଥାଏ। ନା କାହାକୁ କହି ହେବ ନା ହାଡ଼ ମାଂସ ଦେହ ଧରି ସହି ହେବ।

ଜନ୍ମ କରିଲା ବାପାମା'ଙ୍କୁ ବୃଦ୍ଧାଶ୍ରମ ପଠେଇବା ପୂର୍ବରୁ ନିଜ ବିବେକକୁ ଥରେ ପଚାରି ନିଷ୍ପତ୍ତି ନେଲେ ପୁଣି ଉତ୍କଳୀୟ ସଂସ୍କୃତି ବିଶ୍ୱରେ ନିଜ ଟେକ ରଖିପାରିବ। ସଞ୍ଜର ସୂରୁଜ ଉଷ୍ମତାରେ ଠିଆ ହୋଇଗଲେ ସମସ୍ତ ଅସାଧ ରୋଗ ଦୂର ହୋଇଯିବ। ମଣିଷ ପଣିଆ ଯଦି ମଣିଷ ନିକଟରେ ନ ରହିଲା ସେ କି ମଣିଷ? ଆଜିର ଏହି ଅବିବେକୀ ମଣିଷକୁ ଦେଖିଲେ ଲାଗୁଛି ଯେମିତି ପାଟିରେ ଲୁଗା ଦେଇ ମୁରୁକି ହସୁଛି ମଣିଷ ପଣିଆ। ଅନାବଶ୍ୟକ ବୃଦ୍ଧଶ୍ରମ ଏବଂ ଅନାଥ ଆଶ୍ରମ ଓଡ଼ିଶା ପରି ଶାନ୍ତି ରାଜ୍ୟରେ ନ ହେଉ।

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ତିବ୍ବତରେ ପଦ୍ମସମ୍ଭବ

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)

ପଦ୍ମସମ୍ଭବ ତିବ୍ବତ ଆସିଲେ ଖ୍ରୀ୭୪୭ରେ। ସେ ପ୍ରଥମେ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରିବାର ସହି ସବୁଆଡ଼େ ବୌଦ୍ଧଧର୍ମର ମୌଳିକ ତତ୍ତ୍ୱ ଅଥବା ବୁଦ୍ଧଙ୍କ ବାଣୀଗୁଡ଼ିକ ବିଶଦ ଭାବେ ବ୍ୟାଖ୍ୟା କରି ଲୋକମାନଙ୍କୁ ବୁଝାଇଲେ। ଏ ସବୁ ପ୍ରାରମ୍ଭିକ ପ୍ରଚାର ପ୍ରସାର ଫଳରେ ବୌଦ୍ଧ ଧର୍ମ ନୂତନ ଶକ୍ତି ଓ ପ୍ରେରଣା ପାଇପାରିଥିଲା। ସେ ପ୍ରଚଳିତ ବୌଦ୍ଧଧର୍ମ (ଶାନ୍ତରକ୍ଷିତଙ୍କ ଦ୍ୱାରା ପ୍ରଚାରିତ), ଯାହା ସାଧାରଣ ଭାବେ ଲୋକମାନଙ୍କ ମଧ୍ୟରେ ବ୍ୟାପିଥିଲା, ସେଥିରେ ବୌଦ୍ଧତାନ୍ତ୍ରିକ ତତ୍ତ୍ୱ ତଥା 'ବନ୍' ଧର୍ମର ଆଚାରବିଚାର କିଛି ମିଶାଇ ପ୍ରଚାର କରିଚାଲିଲେ। ସେ ତିବ୍ବତୀୟ ବୌଦ୍ଧମାନଙ୍କ ଦ୍ୱାରା ପୂଜିତ ଦେବଦେବୀମାନଙ୍କ ସହ ସ୍ଥାନୀୟ ଭାବେ ପୂଜିତ ଦେବଦେବୀ ତତ୍ତ୍ୱକୁ ପ୍ରବେଶ କରାଇଲେ। ବୌଦ୍ଧ ଧର୍ମରେ ଏହି ମିଶ୍ରିତ ଉପାଦାନ ସବୁ ଲୋକମାନଙ୍କ ଦ୍ୱାରା ଆଦୃତ ତଥା ଗ୍ରହଣଯୋଗ୍ୟ ହୋଇପାରିଲା। ସେ ତିବ୍ବତରେ ଯେଉଁ ବୌଦ୍ଧଧର୍ମ ପ୍ରଚାର କରିଥିଲେ ତାହା ଥିଲା ମୂଳତଃ ମହାଯାନର ତାନ୍ତ୍ରିକ ଶାଖାର ବ୍ରଜଯାନ। ଏହି ବଜ୍ରଯାନ ମୂଳତଃ ତନ୍ତ୍ର ଉପରେ ପର୍ଯ୍ୟବସିତ। ତିବ୍ବତୀୟ ମୂଳ 'ବନ୍' ଧର୍ମ ମଧ୍ୟ ପ୍ରାଚୀନ ଧର୍ମମତଗୁଡ଼ିକ ଭଳି ସେହି ଗୁଣିଗାରେଡ଼ି ତତ୍ତ୍ୱରେ ଭରପୂର। ଏଣୁ ତିବ୍ବତରେ ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରଚାରିତ ବୌଦ୍ଧଧର୍ମ ସ୍ଥାନୀୟ 'ବନ୍' ଧର୍ମର ଆଚାର ବିଚାରକୁ ମିଶାଇ ଦେଇ ବ୍ରଜଯାନର ଯେଉଁ ନୂଆ ସ୍ୱରୂପ ପଦ୍ମସମ୍ଭବ ସେଠାରେ ଉପସ୍ଥାପନ କରାଇଲେ, ତାହା ଲୋକମାନଙ୍କ ଦ୍ୱାରା ଗୃହୀତ ଓ ଆଦୃତ ହୋଇପାରିଥିଲା। ପଦ୍ମସମ୍ଭବ ଏବେ ମଧ୍ୟ ତିବ୍ବତରେ ଅତ୍ୟନ୍ତ ଲୋକପ୍ରିୟ ଧର୍ମଗୁରୁ ଓ ଆଦରରେ 'ରିନ୍-ପୋ-ସେ' ନାମରେ ଅଧିକ ପରିଚିତ। ପଦ୍ମସମ୍ଭବଙ୍କୁ ତିବ୍ବତରେ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଚାରକ ଭାବେ ସ୍ଥାନ ଦିଆଯାଇଛି।

### ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବରେ ତିବ୍ବତରେ ପହଞ୍ଚି ଧର୍ମପ୍ରଚାର କାମ ଆରମ୍ଭ କରିବା ଅବସରରେ ଶାନ୍ତରକ୍ଷିତ ଯେ କି ନେପାଳରେ ରହିଥିଲେ, ରାଜାଙ୍କ ଡାକରା ପାଇ ପୁଣି ଥରେ ତିବ୍ବତ ଫେରି ଆସିଲେ। ଏ ମଧ୍ୟରେ ପଦ୍ମସମ୍ଭବ ତିବ୍ବତରେ ଶାନ୍ତ ପରିବେଶ ଫେରାଇ ଆଣି ସାରିଥିଲେ ଏବଂ ଲୋକଙ୍କର ତାଙ୍କ କାର୍ଯ୍ୟରେ କୌଣସି ବିରୋଧ ନଥିଲା। ପଦ୍ମସମ୍ଭବ ଶାନ୍ତରକ୍ଷିତ ଓ ରାଜାଙ୍କ ସହ ଆଲୋଚନା କରି ଲାସା ନିକଟ 'ସମ-ୟେ' ଠାରେ ଏକ ବିଶାଳ ବୌଦ୍ଧ ମହାବିହାର ନିର୍ମାଣର ଭିତ୍ତି ସ୍ଥାପନ କରାଇଲେ। ଆଚର୍ଯ୍ୟ ବୋଧିସତ୍ତ୍ୱ ନାମରେ ଖ୍ୟାତ ଶାନ୍ତରକ୍ଷିତ, କେଉଁଠି ମହାବିହାର ନିର୍ମାଣ ହେବ ତାହାର ଭୂମି ପରୀକ୍ଷା କରି ମଗଧର ଓଦନ୍ତପୁରୀ ମହାବିହାର ଅନୁକରଣରେ ଏକ ନକ୍ସା ପ୍ରସ୍ତୁତ କଲେ। ଏହି ନକ୍ସା ଅନୁଯାୟୀ ଏହା ମଧ୍ୟରେ ସୁମେରୁ ପର୍ବତ, ବାରଗୋଟି ମହାଦେଶ, ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅବସ୍ଥିତି ସହ ଚାରିକଡ଼ରେ ଲୁହାବାଡ଼ ବା ପାଚେରି ନିର୍ମାଣ ହେବାର ଯୋଜନା ଅନ୍ତର୍ଭୁକ୍ତ ହେଲା। 'ସମ-ୟେ' ମହାବିହାର ଠିକ୍ ଏହି ପରିକଳ୍ପନାରେ ନିର୍ମାଣ କରାଗଲା। ଏହି 'ସମ-ୟେ' ମହାବିହାର ଖ୍ରୀ୭୪୯ ବେଳକୁ ନିର୍ମିତ ହେଲା। ଏହି ବିହାର-ମନ୍ଦିରର ଚୂଡ଼ା ବା ଶିଖର ଭାଗ ଚୀନ୍‌ର ନିର୍ମାଣ ଶୈଳୀରେ, ମଧ୍ୟଭାଗ ଭାରତୀୟ ଶୈଳୀରେ ଏବଂ ତଳଭାଗ ତିବ୍ବତୀୟ ଶୈଳୀରେ ନିର୍ମିତ ହେଲା। ଏହି 'ସମ-ୟେ' ମହାବିହାର ତିବ୍ବତର ରାଜଧାନୀ ଲାସାଠାରୁ ତିରିଶ କିଲୋମିଟର ଦୂରରେ ଦକ୍ଷିଣ-ପୂର୍ବ ଦିଗକୁ ଥିବା ସାମ୍ପୋ ନଦୀର ଉତ୍ତରପାର୍ଶ୍ୱ କୂଳରେ ଅବସ୍ଥିତ। ଏବେ ମଧ୍ୟ ଏହି ପୁରାତନ ମହାବିହାରର କିଛି ଅଂଶ ଦୃଶ୍ୟମାନ ତଥା ଭଗ୍ନ ଅବସ୍ଥାରେ ତିଷ୍ଠି ରହିଛି। ଏହି ମହାବିହାର ମଧ୍ୟରେ ଥିଲା ଗୋଟିଏ ବିଶାଳ ବୌଦ୍ଧ ମନ୍ଦିର, ଚାରିଗୋଟି ବୃହତ୍ ମହାବିଦ୍ୟାଳୟ ଓ ଅନ୍ୟ ଅନେକ କୋଠା ଓ ଅନୁଷ୍ଠାନ ଆଦି। ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଏହି ମହାବିହାରଟି ହୋଇଥିଲା ତିବ୍ବତରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ଶିକ୍ଷାର ଏକ ବୃହତ୍ କେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଜଣେ ବିଶିଷ୍ଟ ବୌଦ୍ଧ ଆଚର୍ଯ୍ୟ ତଥା ବୌଦ୍ଧ ପଣ୍ଡିତ ଥିଲେ। ନିର୍ମାଣ ପରେ ତାଙ୍କୁ ହିଁ ମୁଖ୍ୟ ଆଚର୍ଯ୍ୟ ଭାବେ ଏହ ମହାବିହାରରେ ସାମଗ୍ରିକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହି ହିଁ ସେ ସମୟରେ ଏକମାତ୍ର ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ଯୋଗାଯୋଗ ଠିକଣା
ସକାଳ
THE SAKALA
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧ୍ୟପ୍ରାଚ୍ୟ ଥରହର...

ଏହି ଆକ୍ରମଣର ଦଣ୍ଡ ଇସ୍ରାଏଲକୁ ମିଳିବ ବୋଲି କହିଛନ୍ତି। ଏହା ପରେ ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି। ଇସ୍ରାଏଲ ଉପରେ ଇରାନ ଶହେରୁ ଅଧିକ ଡ୍ରୋନ ମାଡ଼ କରିଛି। ତେବେ ସବୁ ଡ୍ରୋନକୁ ଖସାଇ ଦିଆଯାଇଛି। କୌଣସି ଡ୍ରୋନ ଇସ୍ରାଏଲ ସୀମାରେ ପ୍ରବେଶ କରିପାରିନି ବୋଲି ଇସ୍ରାଏଲ ସେନା (ଆଇଡିଏଫ) ପକ୍ଷରୁ କୁହାଯାଇଛି। ଇରାନର ଜବାବୀ କାର୍ଯ୍ୟାନୁଷ୍ଠାନକୁ ଦେଖି ଇସ୍ରାଏଲ ସତର୍କ ହୋଇ ରହିଛି। ନିଜ ସୀମାରେ ଲଢୁଆ ବିମାନକୁ ମୁତୟନ କରି ରଖିଛି। ଦୁଇ ଦେଶ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଭାରତ ଏହି ଯୁଦ୍ଧ ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି। ବୈଦେଶିକ ମନ୍ତ୍ରାଳୟ ଶାନ୍ତି ନିବେଦନ କରିଛି। ଉତ୍ତେଜନାକୁ ବଢ଼ାଇବା ଭଳି କୌଣସି ପଦକ୍ଷେପ ନ ନେବା ପାଇଁ ଦୁଇ ଦେଶକୁ ପରାମର୍ଶ ଦେଇଛି। କୂଟନୈତିକ ସ୍ତରରେ ଆଲୋଚନା କରି ବିବାଦର ସମାଧାନ କରିବାକୁ କୁହାଯାଇଛି। ଯଥାସମ୍ଭବ ସହାୟତା ଲାଗି ଭାରତ ପ୍ରସ୍ତୁତ ବୋଲି କୁହାଯାଇଛି। ଏହା ମଧ୍ୟରେ ଇରାନ ସ୍ଥିତ ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ଚେତାବନୀ ଜାରି କରିଛି। ଭାରତୀୟ ନାଗରିକଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି।

ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆକ୍ରମଣର ସୂଚନା ଆମେରିକା ଏବଂ ରୁଷ୍‌କୁ ଦେଇଛନ୍ତି। ସେ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ନେତନ୍ୟାହୁ ତାଙ୍କୁ ସ୍ଥିତି ବିଷୟରେ ସୂଚନା ଦେଇଛନ୍ତି। ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ନେତନ୍ୟାହୁଙ୍କୁ ମୋଦୀ କହିଛନ୍ତି। ଆକ୍ରମଣ ପରେ ନେତନ୍ୟାହୁ ଦେଶକୁ ସମ୍ବୋଧନ କରିଥିଲେ। ଇସ୍ରାଏଲର କ୍ଷତି କରିବା ପାଇଁ ଇରାନ ପାଖରେ କ୍ଷମତା ରହିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇଛି। ଏଥିରେ ସହଯୋଗ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଇରାନ ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ଦିଗରେ ଅତ୍ୟନ୍ତ ବିପଜ୍ଜନକ ପଦକ୍ଷେପ ନେଇଥିଲା। ୯ଟି ପରମାଣୁ ବୋମା ନିର୍ମାଣ ଲାଗି ଇରାନ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଥିଲା। ୬ ବର୍ଷରେ ୨୦ ହଜାର ବାଲିଷ୍ଟିକ ମିସାଇଲ ନିର୍ମାଣ କରିବାକୁ ଯୋଜନା ମଧ୍ୟ କରିଥିଲା। ଏହି କ୍ଷେପଣାସ୍ତ୍ର ମିନିଟ୍‌କ ମଧ୍ୟରେ ଇସ୍ରାଏଲରେ ପହଞ୍ଚି ଯାଇଥାନ୍ତା। ତେଣୁ ଏହି ଆକ୍ରମଣ କରାଯାଇଥିଲା। ଯଦି ଏବେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥାଆନ୍ତା ତେବେ ଆଗାମୀ ପିଢ଼ିର ଭବିଷ୍ୟତ ସୁରକ୍ଷିତ ରହି ନ ଥାଆନ୍ତା। ଇସ୍ରାଏଲ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏହି ପଦକ୍ଷେପ ନେଇଛି। ଏହି ଅଭିଯାନ ଏବେ ଶେଷ ହୋଇନାହିଁ ବୋଲି ନେତନ୍ୟାହୁ କହିଛନ୍ତି। ସେ ଇରାନ ନାଗରିକଙ୍କୁ ମଧ୍ୟ ନିବେଦନ କରିଛନ୍ତି। ଇରାନ ନାଗରିକ ନୁହେଁ, ବରଂ ଆମେ ଇରାନ ସରକାର ବିରୋଧରେ ଲଢୁଛୁ। ଅନେକ ବର୍ଷ ହେଲା ଇରାନ ନିଜ ଲୋକଙ୍କ ସ୍ୱରକୁ ଚପାଇ ରଖିଛି। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ସମର୍ଥନ ଦେଇଛନ୍ତି। ଏହି ଆକ୍ରମଣ ବହୁତ ବଢ଼ିଆ ଥିଲା ବୋଲି କହିଛନ୍ତି। ଇରାନକୁ ଗୋଟିଏ ସୁଯୋଗ ଦିଆଯାଇଥିଲା। କିନ୍ତୁ ଇରାନ ୬୦ ଦିନ ମଧ୍ୟରେ ଏହାର ଲାଭ ଉଠାଇ ପାରି ନ ଥିଲା। ଏବେ ଏହି ଦେଶକୁ ବହୁତ ବଡ଼ ଝଟ୍‌କା ଲାଗିଛି। ଯଦି ପରମାଣୁ ଚୁକ୍ତି ପାଇଁ ଆଲୋଚନା କରା ନ ଯିବ ତେବେ ଆହୁରି ପ୍ରଚଣ୍ଡ ଆକ୍ରମଣ ହେବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ତେବେ ଟ୍ରମ୍ପଙ୍କ ଏହି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି। ଏପରି ସମୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନ ଇସ୍ରାଏଲକୁ ଧମକ ଦେଇଛନ୍ତି। ଏହି ଦେଶ ବହୁତ ବଡ଼ ଭୁଲ କରିଦେଲା ବୋଲି କହିଛନ୍ତି। ଏହି ଦୁଃସାହସ ପାଇଁ ଇସ୍ରାଏଲକୁ ପଶ୍ଚାତାପ କରିବାକୁ ପଡ଼ିବ। ଏହି ଅପରାଧକୁ ଦେଖି ଇରାନ ଚୁପ୍ ହୋଇ ରହିପାରିବ ନାହିଁ। ଇରାନ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସାମରିକ ଏବଂ ପରମାଣୁ ଠିକଣାରେ ଆକ୍ରମଣ କରି ଇସ୍ରାଏଲ ଯୁଦ୍ଧ ଘୋଷଣା କରିଛି। ଏହି ଘଟଣାକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦକୁ ଇରାନ ବିଦେଶମନ୍ତ୍ରୀ ଚିଠି ଲେଖିଛନ୍ତି। ଇସ୍ରାଏଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

### ଓଡ଼ିଶାରେ ମହିଳା...

ଏହି କାର୍ଯ୍ୟକ୍ରମରେ ସମାଜରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ସାତ ସୂତ୍ରୀ ଦାବି ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସଂସଦରେ ପାରିତ ହୋଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ ବିଲ ଅନୁଯାୟୀ ମହିଳାମାନଙ୍କ ପାଇଁ ବିଧାନସଭା ଓ ସଂସଦର ୩୩ ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥାକୁ ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରାଯାଉ ବୋଲି ଦାବି ରଖାଯାଇଥିଲା। ସେହିପରି ମିଶନ ଶକ୍ତି ମାଧ୍ୟମରେ ଗଠିତ ହୋଇଥିବା ରାଜ୍ୟର ସାତ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିଗୁଡ଼ିକୁ ପୂର୍ବରୁ ସରକାରୀ ବିଭାଗରୁ ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟରେ ପୁନଃ ନିୟୋଜିତ କରିବା, ବିନା ସୁଧରେ ବର୍ଷକୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ମିଶନ ଶକ୍ତିର ବଜେଟ ପରିମାଣକୁ ଦଶ ହଜାର କୋଟି ଟଙ୍କାକୁ ବୃଦ୍ଧି, ମହିଳା ସୁରକ୍ଷାକୁ ପ୍ରାଥମିକତା ଓ ପୂର୍ବରୁ ଥିବା ମହିଳା ଓ ଶିଶୁ ଡେସ୍କକୁ ପୁନଃ ସ୍ଥାପନ, ମହିଳାଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା. ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡରେ ବର୍ଷକୁ ୨୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଏହି ଅବସରରେ ଦାବି କରାଯାଇଛି।

ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଓଡ଼ିଆ 'ଅସ୍ମିତା'ର...

ଧ୍ୱଜାଧାରୀ ବୋଲି ଘୋଷି ହେଉଛନ୍ତି, ଓଡ଼ିଆ ଲୋକଙ୍କ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହୁଛନ୍ତି; ଅନ୍ୟପକ୍ଷରେ ସରକାରଙ୍କ ପ୍ରଚାର ପାଇଁ ଓଡ଼ିଆ ଗାଡ଼ି ମାଲିକଙ୍କ ପରିବର୍ତ୍ତେ ଝାଡ଼ଖଣ୍ଡ ଗାଡ଼ିମାଲିକଙ୍କ ପେଟ ପୋଷୁଛନ୍ତି । ଯାହାକୁ ନେଇ ରାଜ୍ୟର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ।

ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ପ୍ରଚାର ନିମନ୍ତେ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗୁରୁବାରଠାରୁ ବିକାଶ ବାହନ ଗଡ଼ିବା ଆରମ୍ଭ ହୋଇଛି। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ "ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଭଡ଼ା ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଦୈନିକ ୨୫ ଲକ୍ଷ ଟଙ୍କା ବରାଦ କରାଯାଇଛି ଏବଂ ୧୦ ଦିନରେ ଏଥିପାଇଁ ସରକାର ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ କରିବେ । କେବଳ ଏହି ଘଟଣା ନୁହେଁ, ଗତ ନିର୍ବାଚନ ସମୟରେ ବିଜେପି ପାଇଁ ପ୍ରଚାର ନିମନ୍ତେ ଉତ୍ତରପ୍ରଦେଶରୁ ୫୦୦ରୁ ଊର୍ଦ୍ଧ୍ୱ ପିକ୍‌ଅପ୍ ଭ୍ୟାନ ଭଡ଼ାରେ ଅଣା ଯାଇଥିଲା। ଗେରୁଆ ରଙ୍ଗର ହୋର୍ଡିଂରେ ଗାଡ଼ିଗୁଡ଼ିକ ସଜାଇ ସବୁ ନିର୍ବାଚନ ମଣ୍ଡଳରେ ପ୍ରଚାର ପାଇଁ ବ୍ୟବହାର କରାଯାଇଥିଲା । ସେତେବେଳେ ଏହାକୁ ନେଇ ମଧ୍ୟ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଓଡ଼ିଶାରେ ବିଜେପି ପ୍ରଚାର ପାଇଁ ଅନ୍ୟ ରାଜ୍ୟର ଗାଡ଼ିକୁ ବ୍ୟବହାର କରିବାକୁ ଅନେକ ନାପସନ୍ଦ କରିଥିଲେ । ଏବେ କଥିତ 'ବିକାଶ' ବାହନ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ସରକାରଙ୍କ ଏପ୍ରକାର ପ୍ରଚାରକୁ ବିରୋଧୀ କଟୁ ସମାଲୋଚନା କରିଛନ୍ତି । ବିଜେପି ସରକାରଙ୍କ ଝାରଖଣ୍ଡ ପ୍ରୀତି ବହୁ ପୁରୁଣା ଓ ନିର୍ଦ୍ଦିଷ୍ଟ ନେତାଙ୍କ ସୁପାରିସରେ ଓଡ଼ିଆ ଗାଡ଼ି ପରିବର୍ତ୍ତେ ପ୍ରଚାର ପାଇଁ ଝାରଖଣ୍ଡ ଗାଡ଼ି ଅଣାଯାଇଛି ବୋଲି ବିରୋଧୀ କହିଛନ୍ତି । ଅନ୍ୟପକ୍ଷରେ ସାଧାରଣ ଲୋକମାନେ ମଧ୍ୟ ଏହାକୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଛନ୍ତି । ଓଡ଼ିଆଙ୍କୁ ଛାଡ଼ି ବର୍ତ୍ତମାନ କାହିଁକି ଝାଡ଼ଖଣ୍ଡୀଙ୍କ ପ୍ରତି ସରକାର ଆକୃଷ୍ଟ ହେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଏ ସମ୍ପର୍କରେ ନିଖିଳ ଓଡ଼ିଶା ଡ୍ରାଇଭର୍ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଏହା ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ରାଜ୍ୟ ସରକାର ଓଡ଼ିଆ ଗାଡ଼ି ମାଲିକ ଓ ଓଡ଼ିଆ ଗାଡ଼ିଚାଳକଙ୍କୁ ଛାଡ଼ି ବାହାର ରାଜ୍ୟରୁ ଗାଡ଼ି ଆଣୁଛନ୍ତି। ଏହାଦ୍ୱାରା ଓଡ଼ିଶାର ଟଙ୍କା ବାହାର ରାଜ୍ୟକୁ ଚାଲିଯିବ। ଓଡ଼ିଆ ଗାଡ଼ି ଚାଳକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ ରାଜ୍ୟର କିଛି ଗାଡ଼ି ମାଲିକ ଓ ଗାଡ଼ି ଚାଳକ କିଛି ଅର୍ଥ ପାଇପାରିଥାନ୍ତେ। ଏହାକୁ ମହାସଂଘ ନାପସନ୍ଦ କରୁଛି ବୋଲି ସେ କହିଛନ୍ତି।

### ୧୬ରୁ ବଢ଼ିବ...

ସମ୍ଭାବନା ରହିଛି। ଏହି ସମୟରେ କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶେଷ ରଜ ଅର୍ଥାତ ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ମାଲକାନଗିରିରେ ୧୩ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୧୨ ମିମି ଓ ବାକି ଅଞ୍ଚଳରେ ୧୦ ମିମିରୁ କମ୍ ବର୍ଷା ରେକର୍ଡ ହୋଇଛି।

### ବାଇକ୍‌କୁ ଚାପିଦେଲା...

ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଅପରପକ୍ଷେ, ଦୁର୍ଘଟଣା ଘଟଣାଇଥିବା ଗାଡ଼ିଟି ଫେରାର୍ ହୋଇଯାଇଛି। ଭାରୀଯାନଗୁଡ଼ିକ ଅଟକି ରହିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଛି। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ ସମସ୍ୟା ସ୍ୱାଭାବିକ ହୋଇଛି। ଏନେଇ ତିନିଟି ମାମଲା ରୁଜୁ ହୋଇଛି।

### ଜୁନ ଅଧା ହେଲାଣି...

ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବାଧ୍ୟବାଧକତା ଦୃଷ୍ଟିରୁ ସ୍କୁଲର ପ୍ରଧାନଶିକ୍ଷକ ଓ କର୍ତ୍ତୃପକ୍ଷ କରଜ କରି ପିଲାମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରୁଥିବା ଅଭିଯୋଗ ହୋଇଛି ।

ପୂର୍ବ ସରକାର ସମୟରେ ଜାନୁଆରୀ ଓ ଫେବୃଆରୀ ମାସରେ ଅନୁସୂଚୀତ ଜାତି ଓ ଜନଜାତି ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଅର୍ଥ ପ୍ରଦାନ କରାଯାଉଥିଲା। କୌଣସି ସମୟରେ ବିଳମ୍ବ ହେଲେ ବି ଶିକ୍ଷାବର୍ଷ ଆରମ୍ଭ ବେଳକୁ ଏହି ବୃତ୍ତିରାଶି ବିଭାଗ ପକ୍ଷରୁ ପଠାଇ ଦିଆଯାଇଥିଲା। ମାତ୍ର ଚଳିତ ବର୍ଷ ଜୁନ୍ ମାସ ଅଧା ହୋଇଥିଲେ ହେଁ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ଦିଆଯାଇ ନାହିଁ। ଏପରିକି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଖରେ ଏ ସଂକ୍ରାନ୍ତରେ ତଥ୍ୟ ମଧ୍ୟ ନାହିଁ। କେତେଜଣ ଛାତ୍ରଛାତ୍ରୀ ବୃତ୍ତିରାଶି ପାଇବାକୁ ଯୋଗ୍ୟ, ସେନେଇ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଅପରପକ୍ଷରେ ପ୍ରି-ମାଟ୍ରିକ୍ ସ୍କୋଲାରସିପ୍ ପାଇଁ ଛାତ୍ରମାନଙ୍କୁ ମାସିକ ୧୦୫୦ ଟଙ୍କା ଓ ଛାତ୍ରୀଙ୍କୁ ୧୧୦୦ ଟଙ୍କା ଦିଆଯାଉଛି। ଯାହା ସମୁଦ୍ରକୁ ଶଙ୍ଖେ। ମଧ୍ୟାହ୍ନରେ ଓ ରାତିରେ ୨ଟି ମିଲ୍ ସମେତ ସକାଳେ ଓ ଅପରାହ୍ନରେ ୨ ଥର ଜଳଖିଆ ପ୍ରଦାନ କରାଯାଉଛି। ଅର୍ଥାତ୍ ଦିନକୁ ୪ଥର ଅର୍ଥାତ୍ ମାସକୁ ୧୨୦ ଥର ପିଲାମାନେ ଖାଉଛନ୍ତି। ପ୍ରତି ଥର ଖାଇବା ପିଛା ୮ରୁ ୯ ଟଙ୍କା ମଧ୍ୟରେ ପଡୁଛି। ଏହି ଅର୍ଥରେ କିପରି ପଲାଙ୍କୁ କେଉଁ ପ୍ରକାରର ସୁଷମ ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ସୁଷମ ଓ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ହେଲେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ପରିମାଣରେ ତାହା ମିଳି ପାରୁ ନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଅନୁଦାନକୁ ବଢ଼ାଇବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

## ■ ମହିଳା ସାଂସଦଙ୍କୁ ଉପେକ୍ଷା

## ଶିଳାନ୍ୟାସ ଫଳକରେ ନାମ ନାହିଁ

**ବାରିପଦା, ୧୩।୬(ସମିସ):** ବିଜେପି ମହିଳାଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଅଲଗା। ବିଜେପିରେ ମହିଳା ସାଂସଦଙ୍କୁ ଅଣଦେଖା କରାଯାଇଛି। ଯାହାର ଏକ ଚିତ୍ର ଦେଖିବାକୁ ମିଳିଛି ବାରିପଦା ପୌରାଞ୍ଚଳରେ। ବାରିପଦା ସହରାଞ୍ଚଳ ଜଳ ନିଷ୍କାସନ ନେଇ ଡ୍ରେନ୍ ନିର୍ମାଣ ସକାଶେ ଶୁକ୍ରବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ ସ୍ଥାନ ସହ ଭଞ୍ଜପୁର ରେଳଷ୍ଟେସନ୍ ନିକଟରେ ଶିଳାନ୍ୟାସ କରାଯାଇଛି। ଯାହାକି ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଘର ନିକଟରେ ହୋଇଛି। କିନ୍ତୁ ତାଙ୍କୁ ନିମନ୍ତ୍ରଣ କରାଯାଇନାହିଁ କି ଫଳକରେ ମଧ୍ୟ ତାଙ୍କ ନାମ ରଖାଯାଇନାହିଁ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଓ କାଉନସିଲର ଅନୁରାଧା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କିନ୍ତୁ ରାଜ୍ୟସଭା ସାଂସଦଙ୍କ ଅନୁପସ୍ଥିତି ଓ ଶିଳାନ୍ୟାସ ଫଳକରେ ନାମ ନରହିବା ଚାପା ଗୁଞ୍ଜରଣ ସୃଷ୍ଟି କରିଛି। ବିଜେପି ମହିଳାଙ୍କ ବିକାଶ ନିମନ୍ତେ ସର୍ବଦା ଚେଷ୍ଟିତ ଥିବା ନେଇ କହୁଥିବା ବେଳେ ଦଳ ମଧ୍ୟରେ ନେତ୍ରୀଙ୍କୁ କୋଣଠେସା କରାଯିବା ଚର୍ଚ୍ଚା ହେଉଛି।

## ■ ଘସିପୁରା ବ୍ଲକ ସୀମାରୁ ବ୍ୟାପୁଛି ଝାଡ଼ାବାନ୍ତି

## ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ୪ ମୃତ, ୩୦ ଆକ୍ରାନ୍ତ

**ଆନନ୍ଦପୁର, ୧୩।୬ (ସମିସ):** ଆନନ୍ଦପୁର ଉପଖଣ୍ଡରେ ଏବେ ଝାଡ଼ାବାନ୍ତି ବ୍ୟାପିଛି। ଘସିପୁର ବ୍ଲକ ଅଞ୍ଚଳରେ ପାନୀୟଜଳ ଅଭାବକୁ ନେଇ ଏହି ସଂକ୍ରାମକ ରୋଗ ବ୍ୟାପିବାରେ ଲାଗିଛି। ବ୍ଲକ୍ ସୀମାନ୍ତ ତଥା ଗ୍ରାମାଞ୍ଚଳରେ ଏହି ରୋଗ ଏବେ ଅଣାୟତ୍ତ ହେଉଛି। ଉପଖଣ୍ଡ ଡାକ୍ତରଖାନାରେ ଏବେ ସୁଦ୍ଧା ୪ ଜଣଙ୍କର ମୃତ୍ୟୁ ହୋଇସାରିଥିଲା ବେଳେ ଆହୁରି ପ୍ରାୟ ୩୦ ଜଣ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଗତ ବୁଧବାର ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ସଞ୍ଜୁଲତା ଜେନାଙ୍କ ମୃତ୍ୟୁ ହୋଇଯାଇଛି। ଘସିପୁରା ବ୍ଲକ ବାତୋ ଗ୍ରାମର ସୁମ ଜେନା (୪୫)ଙ୍କ ଆନନ୍ଦପୁର ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ, କଟକ ସ୍ଥାନାନ୍ତର ହୋଇଥିବା ତାଙ୍କ ସ୍ୱାମୀ ଯୋଗେନ୍ଦ୍ର ଜେନା (୫୧)ଙ୍କ ମଧ୍ୟ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ସୂଚନା ମିଳିଛି। ଘସିପୁରା ବ୍ଲକ ସୀମାନ୍ତ ତାରାଇଲୋ ଗ୍ରାମର ଘନଶ୍ୟାମ ପୂର୍ତ୍ତି ମଧ୍ୟ ଝାଡ଼ାବାନ୍ତିରେ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି।

ଗତ ଦୁଇ ଦିନ ମଧ୍ୟରେ ଚମ୍ପାପାଳ ସୁଲଣ, କଣ୍ଟିପାଳ, ବନିକା, ଟୋଲଙ୍କପଡ଼ା, ଭଣ୍ଡାରିଡିହା, ରଘୁନାଥପୁର, କୋଡ଼ପଡ଼ା, ସମଣା, ବାହାରିପୁର, ଫକୀରପୁର, ବାଲିପାଳ ଓ କାନପୁର ଗ୍ରାମରୁ ପ୍ରାୟ ୩୦ ଆକ୍ରାନ୍ତ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଝାଡ଼ାବାନ୍ତି ରୋଗର ପ୍ରକୋପ ଲାଗି ରହିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳକୁ ଯାଇ ନଥିବା ଚିନ୍ତାର କାରଣ ହୋଇଛି। ଉକ୍ତ ଗାଁରେ ପ୍ରାଥମିକ ଚିକିତ୍ସା ମିଳି ନଥିବାରୁ ଏହି ରୋଗର ପ୍ରକୋପ ବୃଦ୍ଧି ପାଇଛି। ଶୁକ୍ରବାର ଗୁରୁତର ଅବସ୍ଥାରେ ଚମ୍ପାପାଳ ଗ୍ରାମର ଗଣେଶ୍ୱର ପେରେଇ, ଶାନ୍ତିଲତା ପେରେଇ ଓ ଭରତ ପେରେଇଙ୍କୁ ମଧ୍ୟ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି।

## ■ ଭଦ୍ରକରେ ଶାନ୍ତି ଫେରୁଛି

## ସ୍ୱାଭାବିକ ହେଲା ଇଣ୍ଟରନେଟ ସେବା

**ଭଦ୍ରକ, ୧୩।୬(ସମିସ):** ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଭଦ୍ରକରେ ଆଜି ସକାଳୁ ଆହୁରି ୧୨ଘଣ୍ଟା ପାଇଁ ଇଣ୍ଟରନେଟ ସେବାକୁ ପ୍ରଶାସନ ବନ୍ଦ ରଖିଥିଲା। ଫଳରେ ଦୀର୍ଘ ୩୬ ଘଣ୍ଟା ଜିଲ୍ଲାବ୍ୟାପୀ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। କିନ୍ତୁ ପ୍ରଶାସନ ସାମାଜିକ ଗଣମାଧ୍ୟମ ଉପରେ କଡ଼ା ନଜର ରଖିଛି। ଆବଶ୍ୟକ ପଡ଼ିଲେ, ପୁଣିଥରେ ଇଣ୍ଟରନେଟ୍ ସେବା ଉପରେ କଟକଣା ଲାଗୁ ହୋଇପାରେ ବୋଲି ଜିଲ୍ଲାର ଏସ୍‌ପି ମନୋଜ ରାଉତ କହିଛନ୍ତି। ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କଷଟିଠାରେ ଗୋରୁମାଫିଆଙ୍କ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ପରେ ଭଦ୍ରକରେ କଟକଣା ଜାରି ହୋଇଥିଲା। ଗୁରୁବାର ୨୪ ଘଣ୍ଟା ପାଇଁ ଇଣ୍ଟରନେଟ ସେବା ବନ୍ଦ ଥିବା ବେଳେ ଶୁକ୍ରବାର ମଧ୍ୟ ସକାଳୁ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟା ପାଇଁ ପ୍ରଶାସନ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖିଥିଲା।

## 'ଅପୂର୍ବା'ର ଶାରଦୀୟ ବିଶେଷ ସଂଖ୍ୟା ପାଇଁ ଲେଖା ଆବେଦନ

**ଭୁବନେଶ୍ୱର,୧୨।୬(ସମିସ):** ରାଜ୍ୟର ଲୋକପ୍ରିୟ ସାହିତ୍ୟ ପତ୍ରିକା 'ଅପୂର୍ବା'ର ୨୭ତମ ଶାରଦୀୟ ବିଶେଷ ସଂଖ୍ୟା ପ୍ରକାଶ ପାଇବାକୁ ଯାଉଛି। ରାଜ୍ୟର ବହୁ ବରିଷ୍ଠ ଓ ତରୁଣ ଲେଖକ ଲେଖିକାଙ୍କ ସୁନିର୍ବାଚିତ ଲେଖାର ସମୃଦ୍ଧ ଏହି ବିଶେଷ ସଂଖ୍ୟାଟି ଆସନ୍ତା ସେପ୍ଟେମ୍ବର ଶେଷ ସପ୍ତାହରେ ଏକ ଉତ୍ସବରେ ଲୋକାର୍ପିତ ହେବ। ଏଥିପାଇଁ ଆଗ୍ରହୀ ଲେଖକ ଲେଖିକାମାନେ ନିଜର ସୁନିର୍ବାଚିତ ଲେଖା ଯଥା: ଉପନ୍ୟାସ, ଗଳ୍ପ, କବିତା, ପ୍ରବନ୍ଧ, ଫିଚର, ଅନୁବାଦ ସାହିତ୍ୟ ଆଦି ଅପୂର୍ବାର ଏହି ଶାରଦୀୟ ସ୍ୱତନ୍ତ୍ର ସଂଖ୍ୟା-୨୦୨୫ ପାଇଁ ପଠାଇବାକୁ ନିବେଦନ କରାଯାଇଛି। (ଇମେଲ- apurba1999@gmail.com) ରେ ଲେଖା ଗୁଡ଼ିକ ଆକୃତି ଅକ୍ଷରରେ ଟାଇପ୍ ହୋଇ ପେଜମେକର ବା ୱାର୍ଡ ଫର୍ମାଟରେ ଜୁଲାଇ ୧୫ ତାରିଖ ମଧ୍ୟରେ ପଠାଇବା ଆବଶ୍ୟକ। ଭଲ ହାତଲେଖାରେ ଲେଖା ଥିବା ଲେଖାକୁ ମଧ୍ୟ ଗ୍ରହଣ କରାଯିବ। ଏଥିପାଇଁ ଠିକଣା- ସମ୍ପାଦକ-ଅପୂର୍ବା, ପ୍ଲଟ୍ ନଂ-୨୯୪, ୟୁନିଟ୍-୩ ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ରେ ପଠାଇବା ସହ ଅଧିକ ସୂଚନା ପାଇଁ ମୋବାଇଲ ନମ୍ବର- ୯୯୩୭୩୦୦୨୨୩ ରେ ଯୋଗଯୋଗ କରିପାରିବେ ବୋଲି ଅପୂର୍ବାର ସମ୍ପାଦକ କ୍ଷୀରୋଦ ପତି ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

**ଜୁଲାଇ ୧୫ ଆବେଦନର ଶେଷ ତାରିଖ**


**AFFIDAVIT**

I, S K Kalmattullah, S/o. Sheik Amanattulla, resident of LIG- 11/3, Housing Board Colony, Chandrasekharpur, Bhubaneswar, Dist- Khordha, Pin- 751016, Odisha, declare by this Affidavit No. 21, Dated 12.06.2025, that now onwards I shall be known as **SHEIK KALAMATTULLA** for all future purposes.

**AFFIDAVIT**

By virtue of an affidavit Sl.No. - 5864, dtd. 05.06.2025 before the Notary Public, Sambalpur, I, Prasadi Padhan have changed my minor son's name from **Ashish Padhan** to **Jagannath Padhan**. Henceforth he will be know as **Jagannath Padhan** for all purposes.

Sd/- Prasadi Padhan

**AFFIDAVIT**

I Snigdha Ghosh, W/o- Dillip Kumar Ghosh, resident of village, Palusia, Post-Gopinathpur, Ps-Bhograi, Dist- Balasore, Odisha, declared by affidavit before Executive Magistrate, Bhograi No.1878/ dtd- 27/05/2025 that My actual name as Snigdha Ghosh in educational certificate, that wrongly mentioned as Snidha Ghosh in Adhar card. Snigdha Ghosh and Snidha Ghosh is one & same person. Hence my name as Snigdha Ghosh for all future purpose.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 13/06/2025. I, **Nila Nag** (Applicant name) Son of Mathula Nag, permanent resident of At- Kapsibhata, P.O. Ghantabahali, P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Dasamata Nag** (old name) To **Dasmita Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Dasmita Nag** (new name).

**NILA NAG**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2644 dated 12.06.2025, I, **BHAGABATI KHILL** of Vill.- Kakua, Po.- Badel, Dist.- Koraput, Pin- 764041, Odisha declare that, I have changed my name from **BHAGABATI KHIL** to **BHAGABATI KHILLA**. Henceforth I shall be known as **BHAGABATI KHILLA** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/06/2025. I, **Tanka Majhi** (Applicant name) Son of Sahadev Majhi, permanent resident of AT/P.O. Chalki, P.S. Muribahal, Dist- Bolangir, (Odisha), PIN- 767037 now residing at the same place affirm that I have changed my minor daughter name from **Dips Majhi** (old name) To **Deepa Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Deepa Majhi** (new name).

**TANKA MAJHI**

**AFFIDAVIT**

I, Manoja Kumar Sahu, aged about 50 years, H/o- Sasmita Kumari Dash, resident of Flat No.201, 1st floor, Swarnajyoshtna Apartment, Mallick complex, Lane-10B, Jagamara, Bhubaneswar, PO/PS- Khandagiri, Dist-Khurda, PIN- 751030, Odisha declared by this affidavit No. 497, dtd- 12/06/2025 that now onwards I shall be known as **MANOJ KUMAR SAHU** for all future purposes.

**AFFIDAVIT**

I, Prasannajit Moharana, aged about 31 years, S/o.: Debendranath Moharana, of Village: Jailo, PO.: Mahanga, P.S.: Mahanga, Dist.: Cuttack declare by this affidavit No.: 5788, dtd. 05.06.2025 that now onwards I shall be known as **Prasanajit Moharana** for all future purposes.

**AFFIDAVIT**

By virtue of an affidavit sworn before Notary Court of Odisha, Sukinda, Jajpur, Dated: 22.04.2025, I, Madan Tudu, At: Aradapal, PO: Kalarangiatta, PS:Kaliapani, Dist: Jajpur declare that I have changed my son's name from Adyansh Tudu (Old Name) to Leda Tudu (New Name). Henceforth, he shall be known as **Leda Tudu** for all purposes.

Sd/- Madan Tudu

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2647 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my son's name from **V.SWAHAN** to **VYSYARAJU SOHAN**. Henceforth he shall be known as **VYSYARAJU SOHAN** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2646 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my daughter's name from **V.VAISALI** to **VYSYARAJU VAISHALI**. Henceforth she shall be known as **VYSYARAJU VAISHALI** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2648 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my name from **VYSYARAJU SIVA PRASAD** to **VYSYARAJU SHIVA PRASAD RAO**. Henceforth I shall be known as **VYSYARAJU SHIVA PRASAD RAO** for all purposes.

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**

**AFFIDAVIT**

I, Suprava Sahoo, aged about 48 years, W/o- Seshadev Sahu, resident of At- Main Road, Titilagarh, PO/PS- Titilagarh, Dist- Balangir, PIN- 767033, Odisha declared by this affidavit No. 512, dtd- 13/06/2025 that now onwards I shall be known as **SUPRAVA SAHU** for all future purposes.

**AFFIDAVIT**

By virtue of an Affidavit No. 596 Dtd: 12.06.2025 sworn before the Executive Magistrate, Lephripara, I Manash Ranjan Sahoo S/o- Nityananda Sahoo R/o At/Po/PS- Lephripara, Dist- Sundargarh - 770012, declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as **SONAKSHI SAHOO** for all purposes.


**OFFICE OF THE TAHASILDAR, GUNUPUR**

No....1770...../XII:02/2025-Debottar Dated: 12.06.2025

**CORRIGENDUM**

**1ST EXTENSION OF DATE SUBMISSION OF TENDER**

Last date for submission of Sealed Tender No 1659/XII: 02/2025 dated 03.06.2025 for staging of Mina Bazar and join ride items except Mout Ka Kua at Mina Bazar Rath Yatra for the year 2025 is extended to **17.06.2025 at 04.00 PM.**

All other terms and conditions will remain the same.

Sd/- Tahasildar-Cum-Executive Officer
Endowment, Gunupur

**GOVERNMENT OF ODISHA** O-284

**OFFICE OF THE SUPERINTENDING ENGINEER**

**RURAL WORKS DIVISION-I, MALKANGIRI**

**NATIONAL COMPETITIVE BIDDING THROUGH e-Procurement**

**1st Corrigendum to Online Tender 01/RWD-I, MKG/2025-26 dt. 23.05.2025**

In Partial modification to this office tender call notice Online Tender 04/RWD-I, MKG/2024-25 dt.09.10.2024 availability of Tender on-line for bidding have been rescheduled as follows

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -01/ RWD-I, MKG /2025-26 | **Total 7 nos** (single cover & Double Cover) | 23.06.2025 from 11.00 AM | 07.07.2025 up to 5.00 PM | 30.06.2025 up to 5.00 P.M. | Tech Bid opening: - **(Single Cover & Double Cover Tech. Bid)** 08.07.2025 at 11.00 AM |

All other terms and conditions will remain unaltered

Executive Engineer
R.W. Division-I, Malkangiri

OIPR-25058/11/0013/2526

**ODISHA LIFT IRRIGATION CORPORATION LTD.** CAD-731

(A GOVT. OF ODISHA UNDERTAKING)

**OFFICE OF THE EXECUTIVE ENGINEER, L.I. DIVISION, GUNUPUR**

E-mail: eeolicgnpr@gmail.com

"E"-Procurement Notice

**BID IDENTIFICATION NO. OLIC-GNPR-03/2025-26 dt.11.06.2025**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentage Rate bids in single cover system online mode for the work Installation / Revival / Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/ Irrigation /Rural works of required class and valid HT license issued by E.I.B.O., Odisha with experience in OLIC nature of works. Contractors / firms having civil license can also participate in the above tender making joint venture with valid HT license holders and vice-versa. Valid Joint Venture Documents registered before the Sub-Registration Officer / First Class Magistrate / Executive Magistrate. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender **Website i.e. www.tendersorissa.gov.in**

1. Total Nos. of Packages: 07 nos.
2. Approximate Estimated Cost: Rs. 10.97 Lakhs to 26.71 Lakhs.
3. Period of completion: Mentioned against each package.
4. Class of Contractor: Mentioned against each package.
5. Availability of tender On-line for bidding: From 18.06.2025 to 25.06.2025.
6. Last date & time of seeking tender clarification: On dt. 24.06.2025
7. Last date of submission of original Bid documents / Cost of Bid (On Online Mode): On or before dt. 25.06.2025 up to 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode): dt. 26.06.2025 onwards.
9. Any Corrigendum/ Addendum: Will be displayed in the website only.

The undersigned reserves the right to reject/cancel any or all the tenders without assigning any reason thereof.

Sd/- Executive Engineer
L.I. Division, Gunupur

OIPR-32144/11/0010/2526

# ଡିଏମ୍ଏଫ୍ ପାଠାଗାର: ବିଦ୍ୟୁତ୍ କଟିଲେ ମୋବାଇଲ ଲାଇଟ୍‌ରେ ପଢ଼ା

**ଚମ୍ପୁଆ,୧୩।୬(ସମିସ)**

ଚମ୍ପୁଆ ଏନଏସିରେ ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ମାସରେ ମରାମତି ନାମରେ ବାରମ୍ବାର ବିଦ୍ୟୁତ କଟଯାଉଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ପ୍ରକ୍ଷିପ୍ତ ହେଲାଣି। ଫଳରେ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଡିଏମ୍ଏଫ୍ ପାଠାଗାରରେ। ଜିଲ୍ଲା ଖଣିଜ ପାଣ୍ଠିରୁ ୩୩ ଲକ୍ଷ ୪୩ ହଜାର ୪୭୨ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଏହି ପାଠାଗାର ୩୧.୦୭.୨୦୨୧ରେ ଶେଷ ହୋଇଥିଲା। ସ୍ଥାନୀୟ ପାଠକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏହାକୁ ଉତ୍ସର୍ଗୀକୃତ କରାଯାଇଥିବା ବେଳେ ଏହି ପାଠାଗାରକୁ ଦୈନିକ ପାଠକଙ୍କ ସୁଅ ଛୁଟୁଛି। ବିଶେଷ ଭାବରେ ଏହି ପାଠାଗାର ସକାଳ ୮ରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୫ରୁ ୮ଟା ପର୍ଯ୍ୟନ୍ତ ଖୋଲା ଯାଉଥିବା ବେଳେ ସକାଳ ଅପେକ୍ଷା ସନ୍ଧ୍ୟାରେ ପାଠକଙ୍କ ଭିଡ଼ ଜମୁଛି। ଏହି ପାଠାଗାରରେ ବିଭିନ୍ନ ଉପାଦେୟ ୯ ହଜାର ପୁସ୍ତକ ସ୍ଥାନ ପାଇଛି। ଜଣେ ମହିଳା କର୍ମଚାରୀ ଏହାକୁ ତଦାରଖ କରି ଆସୁଛନ୍ତି। ମାତ୍ର ଅନେକ ସମୟରେ ସନ୍ଧ୍ୟା ବେଳେ



ବିଦ୍ୟୁତ କଟିଗଲେ ଏହି ପାଠାଗାରଟି ସଂପୂର୍ଣ୍ଣ ଅନ୍ଧାର ହୋଇଯାଉଛି। ଏପରିକି ପାଠକମାନେ ମୋବାଇଲ ଜଳାଇ ନିଜ ଆବଶ୍ୟକ ପାଠ ପଢୁଥିବା ଅଭିଯୋଗ ହେଉଛି। ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଲା ମାତ୍ର ୨ ବର୍ଷ ପରେବି ବିଦ୍ୟୁତ କାଟ ସମାଧାନ ପାଇଁ ୩୦ ହଜାର ଟଙ୍କାର ଇନଭର୍ଟର ଲାଗିପାରିଲା ନାହିଁ। ଅନ୍ୟପକ୍ଷରେ ଏକମାତ୍ର ମହିଳା କର୍ମଚାରୀ ଏହି ପାଠାଗାରରେ ଦାୟିତ୍ୱ ତୁଲାଉଥିବା ବେଳେ ସନ୍ଧ୍ୟାରେ ଏଠାକାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି, ତୁରନ୍ତ କର୍ମଚାରୀଙ୍କୁ ଡକାଇ ଘଟଣା ବିଷୟରେ ଅବଗତ ହେବା ସହ ୨-୩ ଦିନ ଭିତରେ ଇନଭର୍ଟର ବ୍ୟବସ୍ଥା କରାଯିବ।

# ସାପ କାମୁଡ଼ା ସଚେତନତା

**ତେଲକୋଇ, ୧୩।୬(ସମିସ):** ତେଲକୋଇ ବ୍ଲକ ଦଦୁଆମୁଣ୍ଡାରେ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନିଜ ଘରେ କିମ୍ବା ପରିବାରରେ ବିଷଧର ସାପ ଦାଉରୁ ରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଇଥିଲା। ଘର ଚାରି ପାଖ ଅଞ୍ଚଳରେ ସଫାସୁତରା ରଖିବା, ତଳେ ନ ଶୋଇ ଖଟ ଉପରେ ଶୋଇବା, ଫିନାଇଲ ବ୍ୟବହାର କରିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷଣ ସାହୁ, ସମ୍ପାଦକ ଜଗବନ୍ଧୁ ପ୍ରଧାନ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ଚମ୍ପୁଆ,୧୩।୬(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ ବଡ଼ନଇ ପଞ୍ଚାୟତର ବଡ଼ନଇ ଗାଁରେ ଗତ ରାତି ନିଜ ପିଆ ଗଛରେ ଫାଶି ଲଗାଇ ବିବାହିତା ମହିଳା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଉଛନ୍ତି ପ୍ରଭାତ ଲୋହାର ତାଙ୍କ ସ୍ତ୍ରୀ ସୁମିତ୍ରା। ପୁଲିସ ଅପମୃତ୍ୟୁ ମାମଲାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମଧ୍ୟରାତ୍ରୀରେ ପ୍ରଭାତ ପାଖରେ ସ୍ତ୍ରୀ ନଥିବା ଦେଖି ଘର ବାହାରକୁ ଆସିଥିଲେ। ମାତ୍ର ସ୍ତ୍ରୀକୁ ପାଇ ନଥିଲେ। ଘରେ ଥିବା ପୁଅକୁ ଡାକି ଘର ପଛପଟ ବାଡ଼ିରେ ଖୋଜାଖୋଜି ପରେ ବାଡ଼ିରେ ଥିବା ଏକ ପୁରୁଣା କୋଳି ଗଛରେ ସୁମିତ୍ରା ଲୋହାର ବେକରେ ଫାଶି ଲଗାଇ ଝୁଲୁଥିବାର ଦେଖିଥିଲେ। ପରେ ପୁଲିସ ଶବ ଜବତ କରି ପଞ୍ଚନାମା ପାଇଁ ଡାକ୍ତରଖାନା ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ଦେବୋତ୍ତର ଜମି ଜବରଦଖଲ ଅଭିଯୋଗ

**ଆନନ୍ଦପୁର,୧୩।୬ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ବଞ୍ଜୋ ଗ୍ରାମର ମା'କୋଶ୍ରୀ, ବାବା ବଟେଶ୍ୱର, ଦଧିବାମନଜୀଉଙ୍କର ପ୍ରାୟ ୨୭ ଏକର ଚାଷଜମି ଦେବୋତ୍ତର ସମ୍ପତ୍ତି ଜବର ଦଖଲ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଗ୍ରାମବାସୀ ପ୍ରଶାସନର ଦାଉରୁ ହୋଇଛନ୍ତି। ପ୍ରାୟ ପାଞ୍ଚ ବର୍ଷ ହେଲା ଏହି ଜମି ଜବରଦଖଲରେ ରହିଛି। ପ୍ରତିବର୍ଷ ଜୁଲାଇ ପୂର୍ବରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅନୁମତି ଅନୁଯାୟୀ ନିଲାମ ଧାର୍ଯ୍ୟ ହୋଇଥାଏ। ଚାଷୀ ବକେୟା ପୈଠ ଓ ନଗଦ ରାଶି ଜମାକରୀ ଖାତା ନମ୍ବର ପ୍ଲଟ ନମ୍ବର ବିଶିଷ୍ଟ ଜମି ଅଧିଗ୍ରହଣ କରିଆନ୍ତି। କୋଭିଡ-୧୯ ପରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ଆଳୁଆଳରେ କେତେକ ଦେବୋତ୍ତର ଜମିକୁ ପୈତୃକ ସମ୍ପତ୍ତି ଭାବେ ଦଖଲ କରିନେଇଛନ୍ତି। ଏପରିକି ଉକ୍ତ ଜମିରୁ ହିଡ଼ କାଟି ଶହଶହ ଟ୍ରିପ ମାଟି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ନକ୍ସା ଅନୁସାରେ ଜମି ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ସେହିପରି ଖାତା ନମ୍ବର -୧୦୩୭ ୦.୧୭/୦.୨୭ ଡେସିମିଲ ଦେବୋତ୍ତର ଜମିରେ ପ୍ରଶାସନ ବିନା ଅନୁମତିରେ ପାଚେରି ଓ ଆମ ବିକାଶ ଘର ନିର୍ମାଣ ହୋଇଥିବା ଜଣାଯାଏ। ତତ୍କାଳୀନ ହାଟଡିହି ବିଡିଓ ଓ ଯନ୍ତ୍ରୀ



ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ଦେବୋତ୍ତର ଜମିରେ କିପରି ବିନିଯୋଗ କଲେ ତାହା ବଡ଼ ପ୍ରଶ୍ନ ଉଠିଛି। ସେହିପରି ପଞ୍ଚୁଗୋଛିଆରେ ୦.୭୦୦ଏକର ଜମି ଥିବା ବେଳେ ଅକରୁଆ ପଞ୍ଚାୟତର ୬୮ଏକର ଓ ଗୋପାଳପୁର ମୌଜାରେ ୨୦ ଏକରରୁ ଅଧିକ ଜମି ବଳଦେବଜୀଉଙ୍କ ନାମରେ ରହିଛି। ଖାତା ନମ୍ବର ୧୭୫/୮୧-୧୦ ଡେସିମିଲ,୧୭୫/୧୮୨ ୧୦ଡେସିମିଲ ଜବରଦଖଲ କରିନେଇ ୧୭୫/୧୬୭ ୦.୧୦ ଡେସିମିଲ ଓ ଖାତା ନମ୍ବର ୧୬୫/୧୩୪-୧୦ ଡେସିମିଲି ଦେବୋତ୍ତର ଜମିରେ ଗୃହ ନିର୍ମାଣ କରିଥିବା ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଛି।

# ଚାଇନା ଯୁଦ୍ଧରେ ମୃତ ୧୧୪ ଯାଦବ ବୀର ଯବାନଙ୍କ ସ୍ମୃତିରେ ସଂକଳ୍ପ କଳସ ଯାତ୍ରା

**ରାମଚନ୍ଦ୍ରପୁର,୧୩।୬(ସମିସ):** ଅଖିଳ ଭାରତୀୟ ଯାଦବ ମହାସଭା ଏବଂ ଓଡ଼ିଶା ଯାଦବ ସଭା ପକ୍ଷରୁ୧୯୬୨ ଚାଇନା ଯୁଦ୍ଧରେ ବୀରତ୍ୱର ସହ ଲଢ଼ି ରେଜାଙ୍ଗାଲା ମାଟିରେ ସହିଦ ହୋଇଥିବା ୧୧୪ ଯାଦବ (ଅହିର) ବୀରଗତି ପ୍ରାପ୍ତ ହୋଇଥିଲେ। ସେମାନଙ୍କ



ବୀରତ୍ୱ ଗାଥାକୁ ମନେ ପକାଇବା ସହ ଏକ ସ୍ୱତନ୍ତ୍ର ଅହିର ରେଜିମେଣ୍ଟ ଗଠନ ପାଇଁ ଦେଶବ୍ୟାପୀ ପବିତ୍ର ମାଟିକୁ ନେଇ କଳସ ଶୋଭାଯାତ୍ରା ମାଧ୍ୟମରେ କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ସେହିକ୍ରମରେ ଘସିପୁରା ବ୍ଲକ ସାଇଁକୁଳ ଦୁର୍ଗା ମଣ୍ଡପଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ସାଇଁକୁଳ ବଜାର ପରିକ୍ରମା ପରେ ଖଲଣା ଛକରେ ଥିବା ବୀର ସହିଦ ମନୋଜ ବେହେରା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଂକଳ୍ପ କଳସ ଯାତ୍ରାକୁ ଯାଜପୁର ଜିଲ୍ଲାକୁ ବିଦାୟ ଦିଆଯାଇଥିଲା। ଶତାୟୁ ଯାଦବ କିର ବେହେରାଙ୍କ ଉପସ୍ଥିତିରେ କେନ୍ଦୁଝର ଯାଦବ ପରିବାରର ବରିଷ୍ଠ ଉପଦେଷ୍ଟା ନୃସିଂହ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଳସ ସଂକଳ୍ପ ଯାତ୍ରାରେ ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ ଉପସ୍ଥିତ ଥିଲେ। କଳସ ଯାତ୍ରାରେ ଘସିପୁରା ଯାଦବ ମହାସଭା ସଭାପତି ବିଜୟ ଦାସ, ଅଞ୍ଜନ ବେହେରା, ଯୁବମୋର୍ଚ୍ଚା ସଭାପତି ଅମୂଲ୍ୟ ବାରିକ, ଅଭୟ ଦାସ, ଅଞ୍ଜନ ବେହେରା, ପ୍ୟାରୀମୋହନ ବାରିକ, ବରିଷ୍ଠ ଯାଦବ ଉପଦେଷ୍ଟା ବଳରାମ ବେହେରା,ଯୋଗେନ୍ଦ୍ର ବାରିକ, ଅନାଦିଚରଣ ବେହେରା, ହରିହର ବେହେରା, ଦୁଃଶାସନ ଖିଲାର, ଜଳଧର ବେହେରା, ଅଜୟ ବାରିକ, ପ୍ରଦିପ ବେହେରା, ପଙ୍କବ୍ରହ୍ମ ଗୋପାଳକୃଷ୍ଣ ପରିଡା, ପ୍ରିୟବ୍ରତ ବେହେରା, ପବିତ୍ର ପଲେଇ, ରବିନ୍ଦ୍ର ବେହେରା ସମେତ ବ୍ଲକ ମହିଳା ସଭାନେତ୍ରୀ ଉଷାରାଣୀ ବେହେରା ଯୋଗ ଦେଇଥିଲେ।

# ପାୱାର୍‌ଟିଲର୍‌ରେ ଫସି ଯୁବକ ଗୁରୁତର

**ତୁରୁମୁଙ୍ଗା, ୧୩।୬(ସମିସ):** ପାଟଣା ଥାନା ଧାନବେଣୀ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ପାୱାର ଟିଲର ସାହାଯ୍ୟରେ ବିଲରେ ହଳ କରିଥିବା ସମୟରେ ଅଘଟଣ ଘଟିଛି। ନୂଆପଡା ତଳସାହିର ବିଦେଶୀ ନାଏକଙ୍କ ପୁଅ ବାଦଲ (୧୮) ଧାନବେଣୀ ଗ୍ରାମର ଦେବାଶିଷ ମହାନ୍ତଙ୍କ ବିଲରେ ପାୱାର ଟିଲରରେ ହଳ କରୁଥିବା



ସମୟରେ ଲଙ୍ଗଳରେ ଗୋଡ଼ ଫସି ଯାଇଥିଲା। ତାଙ୍କୁ କିଛି ବାଟ ଘୋଷାରି ନେବା ସହ ଗୋଡ଼ରେ ଲଙ୍ଗଳ ଫାଳ ଲାଗି ରହିଥିଲା। ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲକୁ ଆଣିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ରାମଚନ୍ଦ୍ରପୁର,୧୩।୬**(ସମିସ): ରାମଚନ୍ଦ୍ରପୁର ଥାନା ଜରଦା ହିଙ୍ଗୁଳା ପୋଖରୀରେ ବୁଡ଼ି ୨ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଜରଦା ଗ୍ରାମର ସୁରେଶ ରାଉତ ଏବଂ ତାଙ୍କ ପତ୍ନୀ ଶିଶୁକନ୍ୟାକୁ ବଡମା' ଅନିତା ପାଖରେ ଛାଡ଼ି ଯାଇଥିଲେ। ଦିନ ଦ୍ୱିପ୍ରହରରେ ଶିଶୁକନ୍ୟାଟି ବଡ଼ମା' ପାଖରୁ ପୋଖରୀ ହୁଡ଼ା ଆଡେ ଚାଲି ଆସିଥିଲା। ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପୋଖରୀ ପାଣିରେ ବୁଡ଼ି ଯାଇଥିଲା। ସ୍ଥାନିୟ ଲୋକେ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରି ଆଣିଥିଲେ। ପରେ ରାମଚନ୍ଦ୍ରପୁର ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଶବବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

# ଦାମୀ ଗାଡ଼ିରେ ଆସି ଏଲ୍ଇଡି ବଲ୍‌ବ ଚୋରି

**ତୁରୁମୁଙ୍ଗା, ୧୩।୬(ସମିସ):** ଦାମୀ ଗାଡ଼ିରେ ଆସିଥିଲେ ୩-୪ ଜଣ ଦୁର୍ବୃତ୍ତ। ସେମାନେ ଅଭ୍ୟାସଗତ ଚୋର ବୋଲି ଜଣାପଡ଼ିଛି। ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଝର ପାଟଣା ରାସ୍ତାର କେନ୍ଦେଇପଶି ଛକର ଦୋକାନ ସମ୍ମୁଖରେ ଭୋର ସମୟରେ ଏହି ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଏଲଇଡି ବଲବକୁ ଖୋଲି ନେବା ପରେ ଏକ ଦାମୀ ଗାଡ଼ିରେ ଚମ୍ପଟ ମାରୁଛନ୍ତି। ଗୁରୁବାର ଭୋରରୁ କେନ୍ଦେଇପଶି ବଜାରରେ ଥିବା ପ୍ରାୟ ୩-୪ଟି ଦୋକାନ ସାମନାରେ ଲାଗିଥିବା ଏଲଇଡି ବଲବ ଚୋରି ହୋଇଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହେବା ପରେ ଏପରି ହାଇପ୍ରୋଫାଇଲ ଚୋରମାନେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛନ୍ତି।

# ଲୁଣହାର ଗାଁଛକ ଟ୍ରାନ୍ସଫର୍ମର ଚାରିକଡ଼ରେ ଲାଗିଲା ତାରବାଡ଼



**ରାମଚନ୍ଦ୍ରପୁର,୧୩।୬(ସମିସ):** ଘସିପୁରା ବ୍ଲକ ଲୁଣହାର ଗାଁଛକରେ ବିପଦପୂର୍ଣ୍ଣ ଅବସ୍ଥାରେ ଦୀର୍ଘ ଦିନ ଧରି ଖୋଲା ମେଲାରେ ରହି ଗାଇଗୋରୁ ତଥା ପଥଚାରୀଙ୍କ ପାଇଁ ଥିବା ବିପଦ ସାଜିଥିବା ଦୁଇଟି ବିଦ୍ୟୁତ ଟ୍ରାନ୍ସଫର୍ମର୍ ଚାରିକଡ଼ରେ ପାଚେରି ନିର୍ମାଣ ସହ ତାରବାଡ଼ ଲଗାଯାଇଛି। ଏ ସମ୍ବନ୍ଧରେ 'ସକାଳ'ରେ ଏକ ଖବର ପ୍ରକାଶ ପାଇଲା ପରେ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ବିଦ୍ୟୁତ ବିଭାଗ ପକ୍ଷରୁ ଦୁଇଟି ଯାକ ଟ୍ରାନ୍ସଫର୍ମର ଚତୁପାର୍ଶ୍ୱରେ ପାଚେରି ଏବଂ ତାରବାଡ଼କୁ ତ୍ୱରାନ୍ୱିତ କରାଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଲୁଣହାର ଗ୍ରାମବାସୀ।

# ଦୃଷ୍ଟିବାଧିତ ବାବୁଲିଙ୍କୁ ମିଳୁନି ସରକାରୀ ସହାୟତା

**ରାମଚନ୍ଦ୍ରପୁର,୧୩।୬(ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ନଣ୍ଡାବର ଗ୍ରାମର ବାବୁଲି ପାତ୍ର (୪୦) ଜନ୍ମରୁ ଦୃଷ୍ଟିହୀନ। ପତ୍ନୀ ଶିବାନୀ ଏବଂ ଦୁଇ ପିଲାଙ୍କୁ ନେଇ ତାଙ୍କର ଛୋଟିଆ ସଂସାର। ଜମିବାଡ଼ି ବୋଲି କେବଳ ଘରଡିହ ଖଣ୍ଡିକ। ପତ୍ନୀ ପର ଘରେ ମୂଲ-ମଜୁରି



କଲେ ପରିବାର ଚଳେ। ଖାଦ୍ୟ ସୁରକ୍ଷା ଯୋଜନାରେ ରାସନକାର୍ଡ ମିଳିଥିଲେ ମଧ୍ୟ ଦୁଇ ପିଲାଙ୍କ ନାଁ ନାହିଁ। ସେପଟେ, ସମ୍ବଳ ଅଭାବରୁ ପକ୍କା ଘରଟିଏ ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ, ଯଦ୍ୱାରା ସେଇ ପୁରୁଣା ଚାଳଛପର ଘରେ ଦିନ କାଟୁଛନ୍ତି। ଜନ୍ମରୁ ଶତ ପ୍ରତିଶତ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ମାସକୁ ଭିନ୍ନକ୍ଷମ ଭତ୍ତା ହଜାରେ ମିଳୁଛି। ବହୁ ଅଭାବ ଅନଟନରେ ରହି ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ଦୃଷ୍ଟିବାଧିତ ବାବୁଲି। ସରକାରୀ ବାବୁଙ୍କ ଅବହେଳା କାରଣରୁ ଜଣେ ଶତପ୍ରତିଶତ ଦୃଷ୍ଟିବାଧିତ ଯୁବକ ମାସକୁ ମିଳୁଥିବା ୩ ହଜାର ୫ ଶହ ଟଙ୍କାର ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ବନ୍ଧରେ ଘସିପୁରା ବିଡିଓ ସରଜମିନ ତଦନ୍ତ କରି ବାବୁଲି ପରିବାରକୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ କରିବା ସହ ଦୁଇ ପିଲାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଗ୍ରାମର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପାଇଁ ପ୍ରସ୍ତୁତି

**କେନ୍ଦୁଝର, ୧୩।୬(ସମିସ):** କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ଟେବୁଲ ଟପ ଏକ୍ସରସାଇଜ ଏବଂ ସାମୂହିକ ଅଭ୍ୟାସ ୨୦୨୫ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୮ ତାରିଖରେ ଜିଲ୍ଲାସ୍ତରରେ ପୂର୍ବାହ୍ନ ୧୦ରୁ ୧ଟା ଓ ବ୍ଲକସ୍ତରରେ ଅପରାହ୍ନ ୨ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହେବ। ୧୯ ରେ ସକାଳ ୯ଟାରୁ ଜିଲ୍ଲାସ୍ଥିତ ୪ଟି ବନ୍ୟା ଆଶ୍ରୟସ୍ଥଳୀଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ (ମକଡ୍ରିଲ) ଅନୁଷ୍ଠିତ ହେବ। ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତିର ଉପଯୁକ୍ତ ଯାଞ୍ଚ ଏବଂ ପରୀକ୍ଷା ପୂର୍ବକ ସଠିକ ବ୍ୟବହାର ନିମନ୍ତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା



ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଆପାତକାଳୀନ ଅଭିଲାଷ ପୁରୋହିତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଇଜାଜ ଇକବାଲ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ଅନ୍ୟାନ୍ୟ ସହଯୋଗୀ ସଂସ୍ଥା କର୍ମକର୍ତ୍ତା, ଆଶ୍ରୟସ୍ଥଳୀ ପରିଚାଳନା କର୍ମକର୍ତ୍ତା, ନିର୍ବାହୀ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦାନ କରିଥିଲେ।

# ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

**ତୁରୁମୁଙ୍ଗା, ୧୩।୬(ସମିସ):** ପାଟଣା ବ୍ଲକ ରାଜନଗରସ୍ଥିତ ଦଧିବାମନଜୀଉଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ଦୁର୍ଯ୍ୟୋଧନ ମିଶ୍ର, ସମସ୍ତ ନିଯୋଗ ସେବାୟତ, ସତ୍ୟନାରାୟଣ ମିଶ୍ର, ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ରଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଏବଂ ବ୍ରାହ୍ମଣ ସମାଜ ଉପସ୍ଥିତ ଥିଲେ। ଅଧିକାରୀଙ୍କ ମଧ୍ୟରେ ରେଞ୍ଜର ବନବିହାରୀ ସର୍ଦ୍ଦାର, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାୟକ, ବିଦ୍ୟୁତ୍ ବିଭାଗ ଏସଡିଓ ଜନ୍ମଜୟ ବେହେରା, ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା, ଡାଟା ଏଣ୍ଟ୍ରି ଅପରେଟର ଲିଙ୍ଗରାଜ ଦାଶ, ରାଜସ୍ୱ ନୀରିକ୍ଷକ ଶିବ ମହାନ୍ତ ପ୍ରମୁଖ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବା ସହ ନିଶା କାରବାର ଉପରେ ରୋକ ଲଗାଯିବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ୧୯ ତାରିଖରେ ଆଉ ଏକ ବୈଠକ କାରାଯାଇ ସାଇକଲ ଷ୍ଟାଣ୍ଡ ଓ ଯାତ୍ରା ପଡ଼ିଆ ଦୋକାନ ପାଇଁ ନିଲାମ ସହ ଯାତ୍ରା କମିଟି ଗଠନ ହେବାକୁ ନିଷ୍ପତ୍ତି ହୋଇଛି।

# ରଜ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା



**ଆନନ୍ଦପୁର,୧୩।୬(ସମିସ):** ଆନନ୍ଦପୁର ବଡ଼ ଦାଣ୍ଡଠାରେ ଆୟୋଜିତ ରଜ ମହୋତ୍ସବ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଜ କମିଟିର ସଂଯୋଜକ ମଦନ ପାଣିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାରେ କୁଇଜ୍, ହୁଳ ହୁଳି, ଶଙ୍ଖ ଓ ଝୋଟି ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଶନିବାର ପହିଲି ରଜରେ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତାର ବିଚାରକ ଭାବେ ସାବିତ୍ରୀ ଦାସ, ପ୍ରଣୟନି ବ୍ରହ୍ମ, ମମତାରାଣୀ ଜେନା, ସବିତା ଦାସ, ଉମାକାନ୍ତ ନାୟକ, ଅରବିନ୍ଦ ମିଶ୍ର, ଅଶୋକ ସାହୁ, ପଦ୍ମନାଭ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରଜ କମିଟିର ସଦସ୍ୟ ଗୋପାଳ ପାଣି, ସୁଦାମ ଚରଣ ମଙ୍ଗଳ, ଗଣେଶ୍ୱର ମହାନ୍ତି, ସୋମନାଥ ମିଶ୍ର, ରୁଦ୍ରନାରାୟଣ ରାଜ୍ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୭ ୟୁନିଟ ସଂଗ୍ରହ

## ଭିନ୍ନକ୍ଷମ ମହିଳା କଲେ ରକ୍ତଦାନ

**ରାମଚନ୍ଦ୍ରପୁର,୧୩।୬(ସମିସ)**



ପୁରୁଣାବାନ୍ଧଗୋଡ଼ା ନ୍ୟୁ ଜେନେରେସନ ୟୁଥ କ୍ଲବ ପକ୍ଷରୁ ଯୁବ ସାଥୀ ସିମ୍ପୁଲ ସେନାପତିଙ୍କ ସ୍ମୃତିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅତିଥି ଭାବେ ବସନ୍ତମଞ୍ଜରୀ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡ. ରତିକାନ୍ତ ବରାଳ, ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଦୀନକୃଷ୍ଣ ଜଗନ୍ନାଥ ଯୋଗ ଦେଇଥିଲେ। ସମାଜସେବୀ ସୁନୀଲ ବିଶୋଇ, ବଳରାମ ବେହେରା, ତାରିଣୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ମହିଳା ସଂଘମିତ୍ରା ମିଶ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ମୋଟ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆନନ୍ଦପୁର ରକ୍ତଭଣ୍ଡାର ଏଲଟି ସୁଦର୍ଶନ ବେହେରା, ଅଶୋକ ସୂର, ସ୍ୱାଗତିକା ମହାନ୍ତି ଏଲଟି ପିଙ୍କନ ଚକ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସାହୁ, ସିଏଚଓ ସୁପ୍ରିୟା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କ୍ଲବର ସଭାପତି ଆଶୁତୋଷ ମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବିଭିନ୍ନ ପଞ୍ଚାୟତରେ ବିକାଶ ରଥର ଯାତ୍ରା

**ଆନନ୍ଦପୁର/ରାମଚନ୍ଦ୍ରପୁର, ୧୩।୬(ସମିସ):**

ଘସିପୁରା ବ୍ଲକ ବଳରାମପୁର ଓ ଦେଓଗାଁ ପଞ୍ଚାୟତରୁ ବିକାଶ ରଥର ଯାତ୍ରା ଆରମ୍ଭ ହୋଇଛି। ଏହା ପ୍ରତ୍ୟେକ ଗାଁ ତଥା ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଯୋଜନା ତଥା ବିକାଶର ଗାଥା ଉପରେ ସୂଚନା ଦେଇଛି। କିଛି ମାସ ଭିତରେ ବିଭିନ୍ନ ଯୋଜନାର ସଠିକ ରୂପାୟନ ଫଳରେ ସାଧାରଣ ଲୋକେ କିଭଳି ଉପକୃତ ହେଉଛନ୍ତି ଏବଂ ବିକାଶରୁ ଯେଉଁ ପରିବାର ପଛରେ ରହି ଯାଉଛନ୍ତି ତାଙ୍କୁ କିଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେନେଇ ଘସିପୁରା ବିଡିଓ ବିନୀତା ବିଜୟିନୀଙ୍କ ସମେତ ଅନ୍ୟ ପଦାଧିକାରୀ ଅବଗତ କରାଇଥିଲେ।

ବାଲିବନ୍ଧ: ଶୁକ୍ରବାର ବିକାଶ ରଥ ବାଲିବନ୍ଧ ପଞ୍ଚାୟତ ଏବଂ ଖେଣ୍ଡରା ପଞ୍ଚାୟତ ପରିକ୍ରମା କରିଥିଲା। ବାଲିବନ୍ଧ ପଞ୍ଚାୟତର ୧୦ ଜଣଙ୍କୁ ରାସନ କାର୍ଡ, ୭ ଜଣଙ୍କୁ ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ଏବଂ ୬ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ହୃଦାନନ୍ଦ ଅଡା, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ବେହେରା, ଜିପିଡିଓ ମାନସ ରଞ୍ଜନ, ପିଇଓ ରାମଚନ୍ଦ୍ର ମହାନ୍ତ, ସରପଞ୍ଚ ରୀନା ମାଝୀ, ପରିମଳ ବିଭାଗର ଅଧିକାରୀ ସୁନ୍ଦର ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବାଲିବନ୍ଧ ପଞ୍ଚାୟତରେ କାର୍ଯ୍ୟକ୍ରମ ସରିବା ପରେ ବିକାଶ ବାହନ ଖେଣ୍ଡେରା ପଞ୍ଚାୟତରେ ପହଞ୍ଚିଥିଲା। ସରପଞ୍ଚ କବିତା ସର୍ଦ୍ଦାର, ପିଇଓ ପ୍ରମିଳା ଖମାରୀ, ଜିପିଡିଓ ମାନସରଞ୍ଜନ, ବିପିସି ପଦ୍ମଲୋଚନ ଜେନା, ନାଏବ ସରପଞ୍ଚ ସୁରେନ୍ଦ୍ର ତନ୍ତୀ, ଏଡିଓ ଗୋଲାପ ମହାନ୍ତ, ମଳୟ ରଞ୍ଜନ ମହାନ୍ତ, ବିଆରସି ସୁନ୍ଦରମୋହନ ମହାନ୍ତ ପ୍ରମୁଖ ୬ଜଣଙ୍କୁ ଭତ୍ତା, ୪ଜଣଙ୍କୁ ରାସନ କାର୍ଡ ଏବଂ ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

ଯୋଡ଼ା: ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯୋଡ଼ା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଡେନିସ ବେହେରାଙ୍କ ସଂଯୋଜନାରେ ବିକାଶ ବାହନ ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ବ୍ଲକର ଦୁଇଟି ପୌରାଞ୍ଚଳ ଏବଂ ୧୯ଟି ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ। ଚମ୍ପୁଆ ବିଧାୟକଙ୍କ ସ୍ଥାନୀୟ ପ୍ରତିନିଧି, ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ସହକାରୀ ନିର୍ବାହୀ ଯନ୍ତ୍ରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁକାନ୍ତି ପାତ୍ର ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ଅତିଥିଗଣ ସାମିଲ ହୋଇଥିଲେ।

ଚମ୍ପୁଆ: ଚମ୍ପୁଆ ବ୍ଲକରେ ବିଡିଓ ସ୍ମୃତିରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଅତିରିକ୍ତ ବିଡିଓ ଚୁନୁ ହାଁସଦା, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ବିକାଶ ବାହନର ଶୁଭାରମ୍ଭ କରାଯାଇଛି। ଏହି ବିକାଶ ବାହନ ପ୍ରଥମେ ଜାମୁଦଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନା, ସରକାରୀ ଚିକିତ୍ସା ସେବା ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ଖାଉଟି କାର୍ଡ ଯୋଜନା, କୃଷି ଅଭିବୃଦ୍ଧି ଯୋଜନାର ବିଭିନ୍ନ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବା ସହ ଏହି ବିକାଶ ବାହନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏବିଡିଓ ଚୁନୁ ହାଂସଦା ଓ ସରପଞ୍ଚ ଅଂଜନ ଓରାମ ଅବଗତ କରିଥିଲେ।

# ଆନନ୍ଦମ ମିନେରାଲ୍ସ ହାତରେ ଜଳହରି ଲୌହ ଓ ମାଙ୍ଗାନିଜ ଖଣି

ଯୋଡ଼ା,୧୩।୬(ସମିସ): ରାଜ୍ୟ ସରକାରଙ୍କ ଖଣି ନିଲାମ ପ୍ରକ୍ରିୟାରେ କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି କ୍ଷେତ୍ର ଅନ୍ତର୍ଗତ ଜଳହରି ଲୌହ ଓ ମାଙ୍ଗାନିଜ ଖଣିଟିକୁ ଆନନ୍ଦମ ମିନେରାଲ୍ସ ପ୍ରାଃ ଲିଃ ନାମକ ଏକ ସଂସ୍ଥା ନିଲାମ ଧରିବାରେ ସଫଳ ହୋଇଛି। ଆନନ୍ଦ ମିନେରାଲ୍ସ ନାମକ କମ୍ପାନିଟି ୧୨୨.୮୦ ପ୍ରତିଶତରେ ଖଣିଟି ପାଇବାକୁ ସକ୍ଷମ ହୋଇଛି। ୧୧୭.୮୯୭ ହେକ୍ଟର ପରିମିତ ଏହି ବୃହତ୍ତ ଖଣିଟିକୁ ପୂର୍ବରୁ ମେସର୍ସ ମାଲା ରାଏ ନାମକ ଏକ ପଶ୍ଚିମବଙ୍ଗର ଖଣି କମ୍ପାନୀ ଦୀର୍ଘ ବର୍ଷ ଧରି ରଖିଥିଲା। ତାଙ୍କର ଲିଜ୍ ମିଆଦ ସରିବା ପରେ ସରକାର ଏହାକୁ ନିଲାମ ପ୍ରକ୍ରିୟାରେ ସାମିଲ କରିଛନ୍ତି। ଏହି ନିଲାମ ପ୍ରକ୍ରିୟାରେ ଆନନ୍ଦମ ମିନେରାଲ୍ସ ପ୍ରାଃ ଲିଃ ସହିତ ମିତ୍ତଲ, ଓଡିଶା ମେଟାଲିକ୍ସ ପ୍ରାଃ ଲିଃ, ଶ୍ୟାମ ୱର୍ସ ଝାଡଖଣ୍ଡ ପ୍ରାଃ ଲିଃ, ଜିତେନ୍ଦ୍ରନାଥ ପଟ୍ଟନାୟକ, ରୁଙ୍ଗଟା ସନ୍ସ ପ୍ରଃ ଲିଃ, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଲିଃ, ବେଦାନ୍ତ ଲିଃ, ଶ୍ୟାମ ମାଇନିଙ୍ଗ ପ୍ରାଃ ଲିଃ, କଲ୍ୟାଣୀ ଷ୍ଟିଲ ଲିଃ, ଶ୍ରୀ ବଜରଙ୍ଗ ପାୱାର ଏଣ୍ଡ ଇସ୍ପାତ ଲିଃ, ଜିଭିପିଆର ଇଞ୍ଜିନିୟର୍ସ ଲିଃ, ଅମଲଗମ ଷ୍ଟିଲ ଏଣ୍ଡ ପାୱାର ଲିଃ, ଶ୍ୟାମ ମିନେରାଲ୍ସ ନାମକ ଖଣି ଓ ଶିଳ୍ପ ସଂସ୍ଥାମାନେ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିବା ଜଣାପଡିଛି। ଏହି ଖଣିରେ ୫୬.୪୧ ପ୍ରତିଶତ ଲୌହ ଅଂଶ ଥିବା ପଥର ୪୨.୦୫୯ ନିୟୁତ ମେଟ୍ରିକ ଟନ୍ ଗଚ୍ଛିତ ଥିବା ଜଣାପଡ଼ିଛି। ଆନନ୍ଦମ ମିନେରାଲସ ପ୍ରାଇଭେଟ ଲିମିଟେଡ୍ କମ୍ପାନୀଟି ମଧ୍ୟପ୍ରଦେଶ ଗୁଆଲିଅରର କମ୍ପାନୀ ହୋଇଥିବା ବେଳେ ଏହାର ନିର୍ଦ୍ଦେଶକ ବିବେକ ମାହେଶ୍ୱରୀ ଓ ବୈଭବ ମାହେଶ୍ୱରୀ ଅଟନ୍ତି। ସେହିପରି ଶୁକ୍ରବାର ସୁନ୍ଦରଗଡ ଜିଲ୍ଲାର ଓରାହୁରି ଲୌହ ଓ ମାଙ୍ଗାନିଜ ଖଣି (ଭରଜିମ ମାଇନ୍ସ/ନୂଆ ଖଣି) ର ନିଲାମ ପ୍ରକ୍ରିୟାରେ ଅପରାହ୍ନ ୪.୩୦ ସୁଦ୍ଧା ସମାପ୍ତ ହୋଇଥିବା ବେଳେ ଏହାର ଡାକ ୧୦୪.୪୦ପ୍ରତିଶତରୁ ଆରମ୍ଭ ହୋଇ ୧୬୦.୧୦ ପ୍ରତିଶତରେ ବନ୍ଦ ହୋଇଥିବା ଜଣାପଡିଛି। ଏହି ଖଣିଟିକୁ କେଉଁ କମ୍ପାନୀ ପାଇଲା ତାହା ଜଣାପଡିନାହିଁ।

## ସୂଚନାଫଳକ ଲଗାଇବାକୁ କୁଣ୍ଠକୁଣ୍ଠ ପ୍ରଶାସନ

# ସବୁ ପଞ୍ଚାୟତରେ ଉନ୍ନୟନ କାମର ସମାନ ଅବସ୍ଥା





ବାଲିବନ୍ଧ, ୧୩।୬ (ସମିସ)

ସୂଚନାଫଳକ ବିନା ଚାଲିଛି ଉନ୍ନୟନମୂଳକ କାମ। ଅଭିଯୋଗ ପରେ ମଧ୍ୟ ସୂଚନାଫଳକ ଲେଖିବା ନେଇ ବିଭାଗୀୟ ଅଧିକାରୀ କୁମ୍ଭାବୋଧ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଝୁମ୍ପୁରା ବ୍ଲକରେ। ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ମୋଟ ୧ କୋଟି ୧୪ ଲକ୍ଷ ଟଙ୍କା ଅନୁଦାନରେ ଝୁମ୍ପୁରା ବ୍ଲକର ୨୨ଟି ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ୧୨ଟି ପଞ୍ଚାୟତ ସଦର ନିର୍ବାଚନମଣ୍ଡଳୀ ଏବଂ ୧୦ଟି ପଞ୍ଚାୟତ ପାଟଣା ନିର୍ବାଚନମଣ୍ଡଳୀରେ ଅନ୍ତର୍ଭୁକ୍ତ। ତେବେ ଅଧିକାଂଶ ପଞ୍ଚାୟତରେ ଅନେକ କାର୍ଯ୍ୟ ଶେଷ ହେବାକୁ ବସିଲାଣି କିନ୍ତୁ ବିଭାଗୀୟ ଅଧିକାରୀମାନେ ଉଦ୍ଦେଶ୍ୟ ମୂଳକ ଭାବେ ସୂଚନା ଫଳକ ଲେଖୁ ନଥିବା ଅଭିଯୋଗ ହୋଇଛି। କେଉଁ ସଂସ୍ଥାରୁ ଅର୍ଥ ବରାଦ କରାଯାଇଛି, ପ୍ରକଳ୍ପ ନିମନ୍ତେ କେତେ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି, ପ୍ରକଳ୍ପଟି କେଉଁ ତାରିଖରେ ଆରମ୍ଭ ହୋଇ କେଉଁ ତାରିଖରେ କାର୍ଯ୍ୟ ଶେଷ ହେବ, କାର୍ଯ୍ୟାଦେଶ କାହା ନାମରେ ରହିଛି, କାର୍ଯ୍ୟ ତଦାରଖକାରୀ ସଂସ୍ଥା ବା କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଅଧିକାରୀଙ୍କ ନାମ ଆଦି ତଥ୍ୟ ସୂଚନାଫଳକରେ ବିଧିବଦ୍ଧ ଭାବେ ଲିପିବଦ୍ଧ ହେବା ପ୍ରବଧାନ ରହିଛି। ହେଲେ ଅଧିକାରୀମାନେ ସରକାରୀ ନୀତିନିୟମକୁ ଖୋଲାଖୋଲି ବେଖାତିର କରୁଥିବା ଦେଖିବାକୁ ମିଳିଛି।

ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାର ଅର୍ଥକୁ ବାଟବଣା କରିବା ନେଇ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରାରେ ବିନା ସୂଚନାଫଳକରେ କାମ କରୁଥିବା ନେଇ ଚର୍ଚ୍ଚା ହେଉଛି। ଏନେଇ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ କହିଛନ୍ତି ଯେ ସେ ନୂତନ ଭାବେ ଯୋଗ ଦେଇଛନ୍ତି। ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଅନ୍ୟପକ୍ଷରେ ସହକାରୀ ଯନ୍ତ୍ରୀ ଅବନୀ କୁମାର ପାରହିଙ୍କ କହିବା କଥା ହେଲା, ଠିକାଦାରମାନେ ଶୁଣୁନାହାନ୍ତି। ସମସ୍ୟା ଯେଉଁଠି ବି ଥାଉ ନା କାହିଁକି ! ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ନେଇ ସାଧାରଣରେ ଦାବି ହେଉଛି।

# ନିଯୁକ୍ତି ଦାବିରେ ଓଏମ୍‌ସି ମୁଖ୍ୟ ଫାଟକରେ ତାଲା

ହାଟଡ଼ିହୀ,୧୩।୬(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବାଙ୍ଗୋରସ୍ଥିତ ଓଏମସି ଖଣି ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଏବଂ ନକଲି ଆସୋସିଏସନ ଦ୍ୱାରା କଞ୍ଚାମାଲ୍ ରପ୍ତାନି ବନ୍ଦ କରିବା ଦାବିରେ ଶତାଧିକ ପୁରୁଷ ଓ ମହିଳା ଖଣି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଓଏମସି ଖଣି ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଏହାର କୌଣସି ଆଶୁ ସମାଧାନ ନହେବା ଯାଏଁ ଗେଟରେ ତାଲା ପଡି ରହିବ ବୋଲି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଟିକି କିସ୍କୁ କହିଥିଲେ। ସମାଧାନ ନହେବା ଯାଏଁ ଏହା ଏଭଳି ଚାଲୁ ରହିବ ବୋଲି ବିକ୍ଷୋଭକାରୀଙ୍କ ପକ୍ଷରୁ ସୂଚନା ମିଳିଛି।

# ଉପାନ୍ତ ଅଞ୍ଚଳରେ ବିଧାୟକ ଓ ପ୍ରଶାସନିକ ଅଧିକାରୀ



ହାଟଡ଼ିହୀ,୧୩।୬(ସମିସ): ହାଟଡ଼ିହୀ ବ୍ଲକର ଉପାନ୍ତ ଅଞ୍ଚଳରେ ରହିଥିବା ଗ୍ରାମ ଗୁଡ଼ିକ ମଧ୍ୟରୁ କେ.ବାଲିପାଳ, ମୟୂରନଚା, ଭଅଁରା ଆଦି ଗ୍ରାମ ଗୁଡ଼ିକରେ ବିଭିନ୍ନ ସମସ୍ୟା ରହି ଆସିଥିବା ବେଳେ ସେସବୁ ସମସ୍ୟାର ସାମଧାନ ଦିଗରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ସହ ହାଟଡ଼ିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ସହକାରୀ ବନ ସଂରକ୍ଷକ ଅଶୋକ ବିଶ୍ୱାଳ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ବନପାଳ ମଳୟ ସାହୁ, ରାଜସ୍ୱ ବିଭାଗ ସୁପରଭାଇଜର, ରାଜସ୍ୱ ନିରୀକ୍ଷକ ହଦଗଡ଼, ବିଦ୍ୟୁତ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ପ୍ରମୁଖ ସେଠାରେ ପହଞ୍ଚି ସ୍ଥାନୀୟ ବାସିନ୍ଦାଙ୍କ ଆଲୋଚନା କରିଥିଲେ। ସେଠାକାର ରାସ୍ତାଘାଟ, ବିଦ୍ୟୁତ ସେମାନଙ୍କ ବାସଗୃହ ପାଇଁ ସମସ୍ତଙ୍କୁ ୪ ଡେସିମିଲ ଜମି ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ କେ.ବାଲିପାଳ ଠାରେ ଆୟୋଜିତ ବୈଠକ ଆର୍‌ସିଡ଼ିସି ଅନୁଷ୍ଠାନର ପରିଚାଳକ ଆନନ୍ଦ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ ଏହି ଅଞ୍ଚଳର ସମସ୍ୟା ଗୁଡ଼ିକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ।

ଗ୍ରାମବାସୀଙ୍କ ତରଫରୁ ବୁଦ୍ଧିରାମ ପୂର୍ତ୍ତି , ସୁନାରାମ୍ ପୂର୍ତ୍ତି ବିଭିନ୍ନ ଗ୍ରାମ ଗୁଡିକରେ ରହିଥିବା ଅସୁବିଧା ସମ୍ପର୍କରେ ଅବଗତ କରାଇବା ସହ ସେସବୁର ସାମଧାନ ଦିଗରେ ପ୍ରଶାସନିକ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ବିଦ୍ୟୁତ ବିଭାଗ ଯନ୍ତ୍ରୀ ଅଶ୍ୱିନୀ କୁମାର ମହାନ୍ତ ନିଜ ବିଭାଗ ଦ୍ୱାରା ଏହି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ କିପରି ହୋଇପାରିବ ଅବଗତ କରାଇଥିଲେ। ଆଗାମୀ ଦିନରେ ସବୁ ବିଭାଗର ଅଧିକାରୀଙ୍କୁ ସାଥିରେ ନେଇ ମଲ୍ଲିପଶି ଓ ସରମୁଣ୍ଡି ଗ୍ରାମ ପରିଦର୍ଶନ ପାଇଁ ବିଧାୟକ ସୂଚନା ଦେଇଥିଲେ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ରାମଚନ୍ଦ୍ରପୁର,୧୩।୬(ସମିସ): ରାମଚନ୍ଦ୍ରପୁର ଥାନା ସୁଆଁପଦା-ଶାଳଦେଇ ରାସ୍ତାର ଲୁଣହାର ଦୋଛକି ରାସ୍ତାରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ବାଇକ ଆରୋହୀ ବାତୋ ପଞ୍ଚାୟତ ଅତାଗ୍ରାମର ପଦ୍ମନାଭ ପାଗଳ(୫୦) ସୁଆଁପଦା ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଡମ୍ପର ଧକ୍କା ଦେଇ ଫେରାର୍ ହୋଇଥିଲା। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରି ନିଜ ହେପାଜତକୁ ନେବା ସହ ତଦନ୍ତ ଜାରି ରଖିଛି।

# ବିପୁଳ ପରିମାଣର ମଦ, ପୋଚ ଜବତ



ବୈଶିଙ୍ଗା, ୧୩।୬(ସମିସ): ବୈଶିଙ୍ଗା ଥାନା ଅଧୀନ ବାଲକା ଗ୍ରାମର ଜଙ୍ଗଲିଆ ସ୍ଥାନରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଅବକାରୀ ବିଭାଗର ଜଳେଶ୍ୱରସ୍ଥିତ ସାଟେଲାଇଟ ଟିମ ବେତନଟୀ ଅବକାରୀ ଥାନା ସହାୟତାରେ ଶୁକ୍ରବାର ମିଳିତ ଚଢ଼ଉ କରାଯାଇଥିଲା। ଚଢଉବେଳେ ବିପୁଳ ପରିମାଣର ରନ୍ଧାମଦ, ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ନଷ୍ଟ କରିଛି ଟିମ୍। ବାଲକା ଗ୍ରାମର ଜଙ୍ଗଲିଆ ସ୍ଥାନରେ ଚାଲିଥିବା ଚୋରା ଦେଶୀମଦ କାରଖାନା ବାବଦରେ ଖବରପାଇ ଅବକାରୀ ବିଭାଗର ସାଟେଲାଇଟ ଟିମ ପକ୍ଷରୁ ବେତନଟୀ ଅବକାରୀ ଥାନା ଟିମ ସହିତ ମିଳିତ ଚଢ଼ଉ କରାଯାଇଥିଲା।

ଚଢଉ ବେଳେ ୨ଶହ ୭୦ଲିଟର ରନ୍ଧାମଦ ସମେତ ଅଢେଇ ହଜାର କିଲୋ ମହୁଲପୋଚ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରାଯାଇଥିଲା।

# ରଥଯାତ୍ରାରେ ସେବା ପାଇଁ ଶ୍ରୀକ୍ଷେତ୍ରକୁ ପଦଯାତ୍ରା



ବାରିପଦା, ୧୩।୬(ସମିସ): ତୁଳସୀଚୌରା ସ୍ଥିତ ମୁକ୍ତିମାର୍ଗ ଆଶ୍ରମର ଭକ୍ତମାନେ ଶୁକ୍ରବାର ରଥଯାତ୍ରାରେ ସେବା ଯୋଗାଇବା ନିମନ୍ତେ ପୁରୀ ଶ୍ରୀକ୍ଷେତ୍ରକୁ ପଦଯାତ୍ରା କରିଛନ୍ତି।

ଏହି ପଦଯାତ୍ରାରେ ବାହାରିଥିବା ବେଳେ ମୁକ୍ତିମାର୍ଗ ଆଶ୍ରମ ପକ୍ଷରୁ ଶ୍ରୀମହାପ୍ରଭୁଙ୍କ ଗୁଣ କୀର୍ତ୍ତନ ପ୍ରଚାର ଓ ଲକ୍ଷାଧିକ ନାମଜପ ପୂର୍ବକ ବ୍ରହ୍ମଙ୍କୁ ଉତ୍ସର୍ଗ କରିବା ନେଇ ଆୟୋଜନ କରାଯାଇଛି। ଜଗତକଲ୍ୟାଣ ସାଧିତ ପାଇଁ ସପ୍ତାହକରୁ ଉର୍ଦ୍ଧ୍ୱ ହେଲା ଭକ୍ତଙ୍କ ପଦଯାତ୍ରା ଜାରି ରହିବ ବୋଲି ଆଶ୍ରମର ମୁଖ୍ୟ ବିଷ୍ଣୁଶଙ୍କର ରାଉତ କହିଛନ୍ତି। ଏନେଇ ଆଶ୍ରମରେ ଭକ୍ତଙ୍କ ଉପସ୍ଥିତିରେ ସମୂହ ଦୀପଦାନ କରିବା ସହ ପଦଯାତ୍ରା ଆରମ୍ଭ ହୋଇଛି। ରାସ୍ତାରେ ଅନ୍ୟ ଭକ୍ତଙ୍କ ସହିତ ନାମ ସଂକୀର୍ତ୍ତନ କରି ଶ୍ରୀକ୍ଷେତ୍ରରେ ତିନି ଦିଅଁଙ୍କ ନିକଟରେ ଗୁହାରି ଜଣାଇବେ ବୋଲି ସେ କହିଛନ୍ତି। ଏହି ଅନୁଷ୍ଠାନ ରଥଯାତ୍ରା ସମୟରେ ଠାକୁରଙ୍କ ସମ୍ମୁଖରେ କୀର୍ତ୍ତନ କରିବା ସହ ସେବା କାର୍ଯ୍ୟ କରିଥାନ୍ତି।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ରାଇରଙ୍ଗପୁର,୧୩।୬(ସମିସ): ଶୁକ୍ରବାର ଅଖିଳ ଭାରତୀୟ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କର୍ମଚାରୀ କଲ୍ୟାଣ ମହାସଂଘ "ସେବାସ୍ତମ୍ଭ" ରାଇରଙ୍ଗପୁର ତରଫରୁ ଜିଲ୍ଲାସଂଗଠନର ସଭାପତି ପ୍ରତାପ ଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ଅତିଥି ଭାବେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଜୟ କୁମାର ରାମ ଓ ରାଷ୍ଟ୍ରୀୟ ସମ୍ପାଦକ ମୋଚିରାମ ମାଝୀ ନିମନ୍ତ୍ରିତ ଅତିଥିଭାବେ ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ମୁଖୀ, ଦୀନବନ୍ଧୁ ଗିରି, ମୋତ୍ତାର ହୁସେନ, ନଳିନୀ କୁମାର ବେହେରା ଓ ଚନ୍ଦ୍ର ମୋହନ ହାଁସଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ବାଜଲ ମୁର୍ମୁ, ମନୋରଞ୍ଜନ ହାଁସଦାଃ ନିଜନିଜ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଉପସଭାପତି ଗୋପାଳକୃଷ୍ଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ● ନିତୁଆପଦା 'ସ୍ୱରତାଳ ମହୋତ୍ସବ' ଉଦ୍‌ଯାପିତ

# ଦର୍ଶକଙ୍କ ମନମୋହିଲା ସମ୍ବଲପୁରୀ ନୃତ୍ୟ



ମୋରଡ଼ା,୧୩।୬(ସମିସ): ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ତିନିଦିନିଆ ନିତୁଆପଦା ସ୍ୱରତାଳ ମହୋତ୍ସବ-୨୦୨୫ ଗୁରୁବାର ଉଦଯାପିତ ହୋଇଯାଇଛି। ନିତୁଆପଦା ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ଉମେଶ ମହାନ୍ତ ଓ ସମ୍ପାଦକ ହରିପଦ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଯାପନୀଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ଛୋଟଲାଲ ମହାନ୍ତ ଯୋଗଦେଇ ଚଳିତବର୍ଷ ସାରସ୍ୱତ ସମ୍ମାନରେ ହୀରା ମୁର୍ମୁ, ସ୍ମୃତି ସମ୍ମାନରେ ସନ୍ତୋଷ କୁମାର ମହାନ୍ତ ଓ ବିଘ୍ନରାଜ ଧଡା ଏବଂ କଳା ସାଧକ ସମ୍ମାନରେ ସୁମିତ୍ରା ସିଂ ଓ ଝୁନାରାଣୀ ବିନ୍ଧାଣିଙ୍କୁ ସମ୍ମାନିତ କରିଛନ୍ତି।

ଉଦ୍‌ଯାପନୀ ରାତିରେ ରାଉରକେଲାର ଓଡିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ନିତୁଆପଦାର ଛଉନୃତ୍ୟ, ଆଦିବାସୀ ଓ ଝୁମର ସଙ୍ଗୀତ ଲୋକଙ୍କୁ ରାତିତମାମ ବାନ୍ଧି ରଖିଥିଲା।

# ଅର୍ଜୁନବିଲ୍ଲା ପଞ୍ଚାୟତରେ ଗଡ଼ିଲା ବିକାଶ ବାହନ



ଖୁଣ୍ଟ, ୧୩।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସୁସଜ୍ଜିତ ବିକାଶ ବାହନ ରଥକୁ ଶୁକୁଳି ବ୍ଲକ ଅନ୍ତର୍ଗତ ଅର୍ଜୁନବିଲ୍ଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ରଥ ପଞ୍ଚାୟତର ସବୁ ଗ୍ରାମ ପରିକ୍ରମା କରି ସରକାରଙ୍କ ଏକ ବର୍ଷ ମଧ୍ୟରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମର ବାର୍ତ୍ତା ପ୍ରଚାର କରିବ। ଏହି ଅବସରରେ ପଞ୍ଚାୟତ ପରିସରରେ ଶୁକୁଳି ସମବାୟ ସମିତିର ସଭାପତି ମନ୍ମଥ କୁମାର ନାଏକ, ପରିଚାଳନା ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ଗିରି ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ନୂତନ ସଭ୍ୟ ତାଲିକାଭୁକ୍ତ କରିବା ସହିତ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବଣ୍ଟନ କରାଯାଇଥିଲା।

# ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ବାରିପଦା, ୧୩।୬(ସମିସ): ଟ୍ରେନରୁ ଓହ୍ଲାଉ ଥିବାବେଳେ ଅସାବଧାନତା ବଶତଃ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ତିଳକୁଞ୍ଜି ଗ୍ରାମର ଚନ୍ଦନ ବିନ୍ଧାଣି (୨୫)। ସେ ଖଇରି ରିସର୍ଟରେ କାର୍ଯ୍ୟରତ ଥିଲେ। ବାଙ୍ଗିରିପୋଷି-ବାଲେଶ୍ୱର ଡିଏମୟୁ ଟ୍ରେନରେ ଶୁକ୍ରବାର ପୂର୍ବାହ୍ନରେ ବାରିପଦାକୁ ଆସୁଥିଲେ। ପ୍ରାୟ ୪.୩୦ସମୟରେ ଟ୍ରେନଟି ବାରିପଦା ରେଳ ଷ୍ଟେସନ ପହଞ୍ଚିବା ପୂର୍ବରୁ ସେ ଓହ୍ଲାଇବାକୁ ଚେଷ୍ଟା କରି ତଳକୁ ଲମ୍ଫ ମାରିଥିଲେ। ଫଳରେ ରେଳ ଧାରଣା ଭିତରକୁ ପଶି ଯାଇଥିଲେ। ଆଉ ଟ୍ରେନ ମାଡି ଯିବାରୁ ନିମିଷକେ ମଧ୍ୟରେ ପ୍ରାଣବାୟୁ ଉଡି ଯାଇଥିଲା। ସ୍ଥାନୀୟ ଲୋକେ ଓ ରେଳ ସୁରକ୍ଷା ବଳ ଖଣ୍ଡ ବିଖଣ୍ଡିତ ମୃତଦେହକୁ ଉଦ୍ଧାର କରି ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ମହୁଲଡିହା/ଠାକୁରମୁଣ୍ଡା, ୧୩।୬ (ସମିସ): ଠାକୁରମୁଣ୍ଡା ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇଥିଲେ। ଶାଳଚୁଆ ଗ୍ରାମପଞ୍ଚାୟତ କରଡ଼ାପାଳର ମା' ଧାନକ୍ଷେତ୍ର ଏସଏଚଜି ପ୍ରଥମ ହୋଇ ୫୦୦୦ ଟଙ୍କା ଓ ରୁଗୁଡ଼ିବେଡା ଗ୍ରାମର ସମ୍ବନ୍ଧ ମା' ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରି ୪୦୦୦ ଟଙ୍କାର ଅର୍ଥ ପୁରସ୍କାର ପାଇଥିଲା। ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଏହି ଉଦଘାଟନୀ ସଭା ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ଟଙ୍କଧର ମହାନ୍ତ, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପାରମ୍ପରିକ ଖାଦ୍ୟର ପୁନଃରୁଦ୍ଧାର, ପ୍ରସାର ଓ ପ୍ରଚାର ଉଦ୍ଦେଶ୍ୟରେ ସରକାର ଏଭଳି ଏକ ଅଭିନବ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିପିସି ଦ୍ରୌପଦୀ ବାଘରାୟ ସଭା ପରିଚାଳନା କରିଥିବାବେଳେ ବିପିଏସିଏ ସୁଧାଂଶୁ ଶେଖର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁ ଶ୍ରମିକରୁ ଉଚ୍ଚଶିକ୍ଷା ଲାଭ କରୁଥିବା ୨ ଛାତ୍ର ସମ୍ବର୍ଦ୍ଧିତ

ବାରିପଦା, ୧୩।୬(ସମିସ)




ପରିବାରର ପ୍ରତିପୋଷଣ ପାଇଁ ବହୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ଥିବାବେଳେ ତତ୍କାଳୀନ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ନେତୃତ୍ୱରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ପରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ବିଦ୍ୟାଳୟରେ ହଷ୍ଟେଲ ଖୋଲାଯାଇ ଥଇଥାନ କରାଯାଇଥିଲା। ତନ୍ମଧ୍ୟରୁ ସାରସକଣା ବ୍ଲକ ଅନ୍ତର୍ଗତ ଡୁମୁରିଆ ଗ୍ରାମର ସୋମନାଥ ନାଏକଙ୍କ ପୁତ୍ର ମାନସ ଏବଂ ଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମର ଚୈତନ ମହାନ୍ତଙ୍କ ପୁତ୍ର ଶ୍ରୀକାନ୍ତ ପାରିବାରିକ ଦୁରାବସ୍ଥା ପାଇଁ ଅଧାରୁ ପାଠ ଛାଡି ଶିଶୁ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ପରେ ସେମାନଙ୍କୁ ଜିଲ୍ଲା ପ୍ରଶାସନ ଉଦ୍ଧାର କରି ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ହଷ୍ଟେଲରେ ରଖାଯାଇଥିଲା।

ପରବର୍ତ୍ତୀ ସମୟରେ ଉଭୟ ମାଟ୍ରିକ ପାସକରିବା ପରେ ମାନସ ସରକାରୀ ଶିଳ୍ପ ଅନୁଷ୍ଠାନ ଟିକରପଡା, ଶ୍ୟାମାଖୁଣ୍ଟାରେ ଇଲେକଟ୍ରିକାଲ ଇଞ୍ଜିନିୟରିଂ ଏବଂ ଶ୍ରୀକାନ୍ତ ଯୁକ୍ତ ଦୁଇ ପରେ ପିଆରଏମ ମେଡିକାଲ କଲେଜରେ ପାଥୋଲଜି କୋର୍ସ କରୁଛନ୍ତି। ଶିଶୁ ଶ୍ରମିକରୁ ଉଚ୍ଚ ଶିକ୍ଷାଲାଭ ଲାଭ କରୁଥିବା ଏହି ଦୁଇ ଛାତ୍ରଙ୍କୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଉଭୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ

କରଞ୍ଜିଆ,୧୩।୬(ସମିସ): କରଞ୍ଜିଆ ବନବିଭାଗ ପକ୍ଷରୁ ମାଗଣା ଚାରାବଣ୍ଟନ କେନ୍ଦ୍ର ଆଜି ଉଦଘାଟିତ ହେଇଯାଇଛି। କରଞ୍ଜିଆ ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଲୋକସଭା ସାଂସଦଙ୍କ ପ୍ରତିନିଧି ଆଶିଶ ରଞ୍ଜନ ମହାନ୍ତ, କୃଷି ପ୍ରତିନିଧି ଜ୍ୟୋତି ଶଙ୍କର ଦାଶ, ଦୈତାରୀ ମହ ାନ୍ତ ପ୍ରମୁଖ ଯୋଗ ଦେଇ ଚାରା ବଣ୍ଟନ ଶିବିରକୁ ଉଦ†ାଟନ କରିଥିଲେ। ପରେ ଲୋକଙ୍କୁ ଫଳନ୍ତି ଚାରା ବଣ୍ଟନ କରିଥିଲେ। ଏହି କେନ୍ଦ୍ରରେ ସମସ୍ତ ଙ୍କ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯିବ ବୋଲି ରେଞ୍ଜର ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ କରଞ୍ଜିଆ ଫରେଷ୍ଟର ସୁରମୋହନ ବେହେରା, ଫରେଷ୍ଟ ଗାର୍ଡ ରଶ୍ମିତା ବାରିକ ଓ ସବୁଜ ବାହିନୀର କର୍ମକର୍ତ୍ତା ପରିଚାଳନା କରିଥିଲେ।



### ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍

# ରାଜସ୍ଥାନରୁ ଆଉ ୨ ଯୁବତୀ ଉଦ୍ଧାର, କ୍ରେତା ଗିରଫ

**କପ୍ତିପଦା, ୧୩।୬ (ସମିସ):** ରାଉରକେଲାରେ କାମ ଦେବାକୁ କହି ସାଙ୍ଗରେ ନେଇ ରାଜସ୍ଥାନରେ ବିକି ଦେଉଥିଲେ। ସେଠାରେ ବୟସ, ଗଢ଼ଣ, ରଙ୍ଗକୁ ନେଇ ହେଉଥିଲା ମୂଲଚାଲ; କାହାକୁ ଲକ୍ଷେ ତ କାହାକୁ ୨ ଲକ୍ଷରେ ବିକ୍ରି କରାଯାଉଥିଲା। ନାବାଳିକାଙ୍କଠାରୁ ଆରମ୍ଭ କରି ୨୫/୨୬ ବର୍ଷୀୟ ଯୁବତୀଙ୍କୁ ଦଲାଲମାନେ ପରପୁରୁଷ ହାତକୁ ଟେକି ଦେଉଥିଲେ। ଆଉ, କିଣୁଥିବା ଲୋକମାନେ ସେମାନଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଘରକୁ ନେଇଯାଉଥିଲେ। ରାଜସ୍ଥାନରେ ଚାଲିଥିବା ଏପରି ଏକ ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ଶରତ ଥାନା ପୁଲିସ୍। ଏହି ରାକେଟ୍‌ର ଶିକାର ହୋଇଥିବା ମୟୂରଭଞ୍ଜର ୨ ଯୁବତୀଙ୍କୁ ପୁଲିସ୍ ପୂର୍ବରୁ ଉଦ୍ଧାର କରିଥିବା ବେଳେ ଦେଢ଼ମାସ ପରେ ଆଉ ଦୁଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଜଣେ ଗରାଖ ବା କ୍ରେତାକୁ ଗିରଫ କରିଛି। ସେ ହେଲା ରାମ ସୁମନ। ତା’ ସହ ଆଉ



କିଛି ଅଭିଯୁକ୍ତଙ୍କ ଏହି ରାକେଟ୍‌ରେ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି। ପୂର୍ବରୁ ଯୁବତୀମାନଙ୍କୁ ବିକ୍ରି କରିଥିବା ଦଲାଲ ଧନେଶ୍ୱର ମୁର୍ମୁକୁ ଶରତ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲା` ଗିରଫ ଦଲାଲର ବୟାନକୁ ଭିତ୍ତି କରି ପୁଲିସକୁ ସଫଳତା ମିଳିଛି ବୋଲି ଶରତ ଆଇଆଇସି ରମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଦେଢ଼ମାସ ତଳେ ମୟୂରଭଞ୍ଜର ଶରତ ଥାନା ଅଞ୍ଚଳର ୪ଜଣ ଯୁବତୀଙ୍କୁ ଧନେଶ୍ୱର ରାଉରକେଲାରେ ଭଲ ଦରମାରେ କାମ ଦେବାର ଲୋଭ ଦେଖାଇ ସେମାନଙ୍କ ପରିବାରଲୋକଙ୍କ ଅଗୋଚରରେ ସାଙ୍ଗରେ ନେଇ ଯାଇଥିଲା। କିନ୍ତୁ ଦଲାଲଜଣଙ୍କ ସେମାନଙ୍କୁ ରାଉରକେଲା ପରିବର୍ତ୍ତେ ରାଜସ୍ଥାନ ରେଲୱେ ଷ୍ଟେସନ୍‌ରେ ବିକି ଦେଇଥିଲା। ତେବେ ଯୁବତୀମାନେ ପ୍ରକୃତ କଥା ଜାଣିପାରି ଲୁଚିଲୁଚି ଘରଲୋକଙ୍କୁ ଫୋନ୍‌ରେ ସୂଚନା ଦେଇଥିଲେ। ପରେ ଏନେଇ ପରିବାରଲୋକଙ୍କ ପକ୍ଷରୁ ଶରତ ଥାନାରେ ଅଭିଯୋଗ ହେବା ପରେ ତନାଘନା ଆରମ୍ଭ ହୋଇଥିଲା। ଯୁବତୀମାନେ କଲ୍ କରିଥିବା ଲୋକେସନ୍ ରାଜସ୍ଥାନ ବୋଲି ଜଣାପଡ଼ିବା ପରେ ପୁଲିସ୍ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଦେଢ଼ ମାସ ତଳେ ପୁଲିସ୍ ୨ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଦଲାଲକୁ ଗିରଫ କରିଥିଲା। ତେବେ ଗରାଖ ଓ ଅନ୍ୟ ୨ଯୁବତୀଙ୍କ ପତ୍ତା ପାଇନଥିଲା। ରାଜସ୍ଥାନ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଯୁବତୀଙ୍କ ଲୋକେସନ୍ ସଂପର୍କରେ ଖବର ପାଇ ଚଢ଼ଉ କରିଥିଲା। ପୁଲିସ୍ ଯୁବତୀଦ୍ୱୟଙ୍କୁ ରାମ ସୁମନର ଘରୁ ଉଦ୍ଧାର କରିଥିଲା। ଆଜି ରାଜସ୍ଥାନ ପୁଲିସ୍ ଯୁବତୀଦ୍ୱୟଙ୍କୁ ଶରତ ଥାନା ପୁଲିସ୍‌କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଉଦ୍ଧାର ହୋଇଥିବା ଯୁବତୀମାନେ ଆଜି ଗଣମାଧ୍ୟମ ସାମ୍ନାରେ ସେମାନଙ୍କ ନିର୍ଯାତନାର କାହାଣୀ ବଖାଣିଛନ୍ତି।

# ବିଦ୍ୟୁତ୍ ଆଘାତରେ କନଷ୍ଟେବଲ ମୃତ

**ବିଷମ କଟକ, ୧୩।୬(ସମିସ):** ନିର୍ମାଣାଧୀନ ଘରର ଛାତ ଉପରେ ପାଲ ବିଛାଉଥିବା ବେଳେ ୧୧ କେଭି ବିଦ୍ୟୁତ ତାର ସ୍ପର୍ଶରେ ଆସି ଏପିଆର କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ହାଜାରୀଡାଙ୍ଗ ସଦର ପଞ୍ଚାୟତରେ। ସୂଚନା ଅନୁଯାୟୀ, ବିଷମକଟକ ଥାନାରେ କାର୍ଯ୍ୟରତ ଏପିଆର କନ୍‌ଷ୍ଟେବଲ ତଥା କୋର୍ଟଗାର୍ଡ ରଞ୍ଜନ କୁମାର ସାହୁକାର (୨୨) ତାଙ୍କ ନିଜ ଗ୍ରାମ ହାଜାରୀଡାଙ୍ଗରେ ନୂତନ ଘର ତିଆରି କରୁଥିଲେ। ଗୁରୁବାର ଦିନ ସେହି ଘର ସ୍ଲାପରେ ଗ୍ରୀଡିଙ୍ଗ ପକାଯାଇଥିଲା। ସେ ଦିନ ରାତି ପ୍ରାୟ ୧୦ଟା ସମୟରେ ବର୍ଷା ଆରମ୍ଭ ହୋଇଥିଲା। ବର୍ଷାରେ ଗ୍ରୀଡିଙ୍ଗ ନଷ୍ଟ ହେଇଯିବା ଆଶଙ୍କାରେ ରଞ୍ଜନ ପାଲ ଘୋଡ଼ାଇବା ପାଇଁ ଛାତ ଉପରକୁ ଯାଇଥିଲେ। ସେହି ସମୟରେ ଟିକିଏ ଅସାବଧାନତା ଯୋଗୁଁ ଛାତ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ସେ ଆସି ଯାଇଥିଲେ।

### ଅଣସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା

# ଆଜି ଶ୍ରୀଅଙ୍ଗ ଫିଟା ନୀତି

**ପୁରୀ, ୧୩।୬ (ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ ପୁରୁଷୋତ୍ତମ କ୍ଷେତ୍ର। ଶ୍ରୀମନ୍ଦିରରେ ବିରାଜମାନ କରି ବିଭିନ୍ନ ଉତ୍ସବରେ ଲୀଳାଖେଳା କରିଥା’ନ୍ତି ଦାରୁବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଠାକୁରଙ୍କ ଗୁପ୍ତସେବା କରୁଛନ୍ତି। ସାଧାରଣ ମଣିଷଟିଏ ଅସୁସ୍ଥ ହେଲେ, ଯେଉଁଭଳି ଚିକିତ୍ସା କରାଯାଏ, ବର୍ତ୍ତମାନ ଦାରୁଦିଅଁଙ୍କ ସେହିଭଳି ଉପଚାର ଚାଲିଛି। ଦଇତାପତି ସେବକଙ୍କ ସୂଚନା ଅନୁଯାୟୀ, ଅସୁସ୍ଥ ମଣିଷ ହସ୍ପିଟାଲରେ ଚିକିତ୍ସିତ ସମୟରେ ଯେଉଁଭଳି ବସ୍ତ୍ର ପରିଧାନ କରନ୍ତି, ଠାକୁର ଏବେ ସେହିଭଳି ବସ୍ତ୍ର ପିନ୍ଧିଛନ୍ତି। ପାଟ ପିତାମ୍ବରୀ ବସ୍ତ୍ର ଏବଂ ଅଳଙ୍କାର ପରିତ୍ୟାଗ କରି ଜଣେ ଅସୁସ୍ଥଙ୍କ ପରି ଅଣସର ଘରେ କାଠକୁ ଆଉଜି ରହିଛନ୍ତି। ଶ୍ରୀଅଙ୍ଗରେ କେବଳ ଖଣ୍ଡିଏ ଧଳା ସୂତାବସ୍ତ୍ର ରହିଛି। ରୋଗରେ ପଡ଼ିଲେ ମଣିଷ ଯେପରି କୌଣସି କଠିନ ଖାଦ୍ୟ ବା ଅନ୍ନ ଇତ୍ୟାଦି ଖାଆନ୍ତି ନାହିଁ, ଠାକୁରଙ୍କ ପାଖରେ ମଧ୍ୟ ସେହିପରି ଭୋଗ ଲାଗୁ ନାହିଁ। ରୋଗୀ ଯେମିତି ଫଳମୂଳ ଖାଇଥା’ନ୍ତି, ଦରୁବିଗ୍ରହଙ୍କୁ ସେହିପରି ଧୁଆମୁଗ, ଛେନା ଚକଟା, ପଣସ, ପିଜୁଳି, ସପୁରୀ, ଅଙ୍ଗୁର, ଆମ୍ବ ପ୍ରଭୃତି ଫଳ ଲାଗି କରାଯାଉଛି। ଅସୁସ୍ଥ ବ୍ୟକ୍ତିଙ୍କୁ ଗ୍ଲୁକୋଜ, ଇଲେକ୍ଟ୍ରୋରାଲ ପାଣି ଦିଆଯିବା ଭଳି ଠାକୁରଙ୍କୁ ସର, କ୍ଷୀର, ଅଳେଇଚ ଓ କର୍ପୂର ପଡ଼ିଥିବା ପଣା ଦିଆଯାଉଛି। ସମ୍ପୂର୍ଣ୍ଣ ଭାବେ ଜ୍ୱର ଛାଡ଼ିବା ପର୍ଯ୍ୟନ୍ତ ଦଇତାପତି ସେବକମାନେ ଏହିପରି ମହାପ୍ରଭୁଙ୍କ ସେବା କରିଥା’ନ୍ତି।

ଦୈନନ୍ଦିନ ଦୁଇଥର ମହାପ୍ରଭୁଙ୍କ ଉପଚାର ଚାଲିଛି। ମଧ୍ୟାହ୍ନ ଧୂପ ସରିବା ପରେ ଏବଂ ସନ୍ଧ୍ୟା ଧୂପ ସରିବା ପରେ ଅଣସର ଘର ଖୋଲାଯାଏ। ଦଇତାପତି ପରିବାରର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଷ୍ଠୀଗତ ଭାବେ ପ୍ରତ୍ୟହ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥା’ନ୍ତି। ତେବେ ଶନିବାର ଚତୁର୍ଥୀରେ ଶ୍ରୀଅଙ୍ଗଫିଟା ନୀତି ସମ୍ପନ୍ନ ହେବ। ବର୍ଷସାରା ଲାଗିଥିବା ଚନ୍ଦନ, କରାଳ ଆଦି ବସ୍ତ୍ର ଫିଟା ଯିବ।

# ହୋଟେଲରେ ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲେଶ୍ୱର,୧୩।୬ (ସମିସ):** ବାଲେଶ୍ୱର ଟାଉନ ଥାନା ପୁଲିସ୍ ଆଜି ସିନେମା ବଜାରସ୍ଥିତ ହୋଟେଲ ‘ନିଶି’ର ୧୧୫ ନମ୍ବର ରୁମ୍‌ରୁ ଡାକ୍ତର ପ୍ରଦୀପ ମଲ୍ଲିକ (୫୧)ଙ୍କ ମୃତଦେହ ଉଦ୍ଧାର କରିଛି। କୋଲକାତା କାଳୀଘାଟ ଅଞ୍ଚଳରେ ଥିବା ୧/୩ସି ପ୍ରିନ୍ସ ଗୋଲାମ ମହମ୍ମଦ ଷ୍ଟ୍ରିଟ୍‌ର ଗୋବିନ୍ଦ ମଲ୍ଲିକଙ୍କ ପୁଅ ହେଉଛନ୍ତି ପ୍ରଦୀପ। ସେ ପ୍ରତିମାସ ବାଲେଶ୍ୱରରେ ଥିବା ନିଶା ନିବାରଣ

### କବାଟ ଭାଙ୍ଗି ଶବ ଉଦ୍ଧାର କଲା ପୁଲିସ୍

କେନ୍ଦ୍ରଗୁଡ଼ିକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିଥା’ନ୍ତି ବୋଲି ହୋଟେଲ ମ୍ୟାନେଜର କହିଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଡା. ମଲ୍ଲିକ ନିଜ ରୁମ୍‌ର କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ମ୍ୟାନେଜର ଟାଉନ୍ ଥାନାକୁ ଜଣାଇବା ପରେ ପୁଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଉକ୍ତ ରୁମ୍‌ର କବାଟ ଭଙ୍ଗା ଯାଇଥିଲା। ସେ ଖଟ ଉପରେ ପଡ଼ିଥିବା ବେଳେ ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରି ଶୁଖି ଯାଇଥିବା ଦେଖାଯାଇଥିଲା। ପୁଲିସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ପରିବାରଲୋକେ ଆସିଲେ ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ଡାକ୍ତର ମଲ୍ଲିକଙ୍କ ମୃତ୍ୟୁ ଘଟିଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯିବାକୁ ଚେଷ୍ଟା କରାଯାଇଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

# ପ୍ରକାଶ ପାଇଲା ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ

**ଭୁବନେଶ୍ୱର, ୧୩।୬(ସମିସ):** ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମସ୍ ଇ-ସ୍ପେସରୁ ନିଜର ମାର୍କ ଜାଣିପାରିବେ। ଆସନ୍ତା ୧୯ ତାରିଖ ମଧ୍ୟରେ ସ୍ନାତକ ବା ତତୁଲ୍ୟ ମାର୍କ ଅପଡେଟ୍ କରିବା ସହ ଚଏସ୍ ଲକ୍ କରିପାରିବେ। ଏହାପରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ୨୫ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ, ଫ୍ରିଜ୍ ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ଅପସନ୍ ଦେଇ ଜୁଲାଇ ୧ ତାରିଖ ମଧ୍ୟରେ ନାମ ଲେଖାଇବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଜୁଲାଇ ୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ସେହିପରି, ୧୭ ତାରିଖରେ ତୃତୀୟ ରାଉଣ୍ଡ ପାଇଁ ମେଧା ତାଲିକା ପ୍ରକାଶ ପାଇବ ଓ ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ୩ ରାଉଣ୍ଡରେ ନାମଲେଖା ପରେ ୱେଟିଂଲିଷ୍ଟ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ୨୮ରୁ ୩୧ତାରିଖ ମଧ୍ୟରେ ଅନ୍‌ଲାଇନ୍

**୨୫ରେ ପ୍ରଥମ ରାଉଣ୍ଡ ମେଧା ତାଲିକା**

**ଜୁଲାଇ ୨୪ରୁ ଆରମ୍ଭ ହେବ ପାଠପଢ଼ା**

ଆବେଦନ କରିପାରିବେ। ଅଗଷ୍ଟ ୪ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ସହ ୫ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନୋଟିସ୍ ପ୍ରକାଶ ପାଇବ। ୬ ଓ ୭ ତାରିଖରେ ସାମାନଙ୍କ ନାମଲେଖା ସରିବ। ଜୁଲାଇ ୨୪ ତାରିଖଠାରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡିରେ ନାମଲେଖା ପାଇଁ ମୋଟ୍ ୨୭୫୦ ସିଟ୍ ରହିଛି। ଏଥିପାଇଁ ପ୍ରାୟ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ୨୯ହଜାର ୭୧୨ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୧ଲକ୍ଷ୧୭ହଜାର ୯୩୩ ପିଲା ପରୀକ୍ଷା ଦେଇଥିବା ବେଳେ ୧୧,୭୭୯ଜଣ ପରୀକ୍ଷା ଦେଇ ନାହାନ୍ତି।

### ■ ଶିମିଳିପାଳରୁ ପୁଣି ଧରାହେଲେ ୪ ଶିକାରୀ

# ୨ ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ ଜବତ

**ବାରିପଦା, ୧୩।୬(ସମିସ):** ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ୪ କୁଖ୍ୟାତ ଶିକାରୀକୁ ଶୁକ୍ରବାର ବନବିଭାଗ ଗିରଫ କରିଛି। ସେମାନେ ହେଲେ, ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ଗ୍ରାମର କୁଅଁର ମୋହନ ମୁର୍ମୁ, ବିଜୟ ମୁର୍ମୁ, ସୋଲେ ସିଂ ଓ ରାମେଶ୍ୱର ହେମ୍ବ୍ରମ। ପରେ ଶିକାରୀଙ୍କ ଘରେ ଚଢ଼ଉ କରି ୨ଟି ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ, ୩ଟି ସମ୍ବର ଶିଙ୍ଘ, କୋଟିଳାଖାଇର ଥଣ୍ଟ ଏବଂ ଅନ୍ୟାନ୍ୟ ଅବୈଧ ବନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ବନ ବିଭାଗ ଏହି ଶିକାରୀମାନଙ୍କୁ ଗିରଫ କରିଛି। ଏମାନେ ଶିକାର କରିବା ପାଇଁ ଦଳବଦ୍ଧ ହୋଇ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ତେବେ, ଅନ୍ୟ ୨ ଶିକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।



### ବରିଷ୍ଠ ଆଇନଜୀବୀଙ୍କୁ ନିର୍ଯାତନା ଘଟଣା

# ବିଚାରବିଭାଗୀୟ ତଦନ୍ତ ଦାବି କଲା ରାଜ୍ୟ ଆଇନଜୀବୀ ପରିଷଦ

**କଟକ, ୧୩।୬(ସମିସ):** ବାଲେଶ୍ୱରରେ ଜନୈକ ବରିଷ୍ଠ ଆଇନଜୀବୀଙ୍କ ପ୍ରତି ପୁଲିସ ତଥା ମହିଳା ଆଇଏଏସ ଅଧିକାରୀଙ୍କର ନିର୍ଯାତନା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଗତ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଅମାନୁଷିକ ଭାବେ ପୁଲିସ ନିର୍ଯାତନାର ଶିକାର ହୋଇଥିଲେ। ଶ୍ରୀ ଦାସ ବାଲେଶ୍ୱରର ସଦର ବିଧାୟକଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଧାର୍ଯ୍ୟ ସମୟ ମୁତାବକ ବାଲେଶ୍ୱର ନ୍ୟୁ ସର୍କିଟ ହାଉସକୁ ଯାଇଥିଲେ। ସେଠାରେ ତାଙ୍କୁ ପାଇନଥିଲେ। ତେବେ ଜଣେ ମହିଳା ଆଇଏଏସ୍ ଅଧିକାରୀ ବସିଥିବା ଏକ କୋଠରୀକୁ ଚାହିଁ ଫେରିଆସିଥିଲେ। ଶ୍ରୀ ଦାସ ତାଙ୍କ କୋଠରୀକୁ ଚାହିଁବା ବିଷୟକୁ ନେଇ ଉତ୍କ୍ଷିପ୍ତ ହୋଇଥିଲେ ସମ୍ପୃକ୍ତ ମହିଳା ଅଧିକାରୀ। ପରେ ସହଦେବ ଖୁଣ୍ଟା ମଡେଲ ଥାନାଧିକାରୀଙ୍କ ଡାକରା ପାଇ ଶ୍ରୀ ଦାସ ରକ୍ତ ଥାନାରେ ଉପସ୍ଥିତ ହୋଇଥିଲେ। ସେଠାରେ ସଂପୃକ୍ତ ଆଇଏଏସ ଅଧିକାରୀ ଏବଂ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଦାସଙ୍କୁ ଉକ୍ତ ଥାନାରେ ୮ଘଣ୍ଟା ପର୍ଯ୍ୟନ୍ତ ରଖାଯାଇ ଛଡ଼ାଯାଇଥିଲେ ସୁଦ୍ଧା ପରେ ତାଙ୍କ ବାସଭବନ ଉପରେ ଚଢ଼ଉ କରି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଉକ୍ତ ଘଟଣାକୁ ଦୃଷ୍ଟିକୁ ରଖି ଆଜି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରକାଳୀନ ବୈଠକ ଡକାଯାଇ ସର୍ବସମ୍ମତିକ୍ରମେ ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ପଦକ୍ଷେପ ନେବା ପାଇଁ ଓଡ଼ିଶା ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ ଘଟଣାର ସଠିକ୍ ପ୍ରମାଣ ନିମନ୍ତେ ଏକ ବିଚାର ବିଭାଗୀୟ ତଦନ୍ତ, ସହଦେବ ଖୁଣ୍ଟା ମଡେଲ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ସଂପୃକ୍ତ ମହିଳା ଆଇଏଏସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଆଗାମୀ ୧୦ଦିନ ମଧ୍ୟରେ ଯଦି ସରକାରଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

### ■ ଷ୍ଟେସନ୍‌ରେ ମିଳିତ ମକଡ୍ରିଲ

# ପୁରୀ ଷ୍ଟେସନ୍‌ରେ ୩ ଛଦ୍ମବେଶୀ ଆତଙ୍କୀ

**ପୁରୀ,୧୩।୬(ସମିସ):** ଆସନ୍ତା ୨୭ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଆଉ ମାତ୍ର ୧୩ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଦେଶବିଦେଶରୁ ଭକ୍ତ ପୁରୀ ଆସିବେ। ବଡ଼ଦାଣ୍ଡରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହି ସମୟରେ ଯଦି ଆତଙ୍କୀ ଆକ୍ରମଣ ହୁଏ, ତାହାକୁ କିପରି ପ୍ରତିହତ କରାଯିବ? କେଉଁଭଳି ଭାବେ ଏହାର ଜବାବ ଦେବ ସୁରକ୍ଷା ବାହିନୀ; ଏନେଇ ଶୁକ୍ରବାର ପୁରୀ ରେଳ ଷ୍ଟେସନ୍‌ରେ ଓଡ଼ିଶା ପୁଲିସ ଓ ରେଲୱେ ସୁରକ୍ଷାବାହିନୀ ପକ୍ଷରୁ ମିଳିତ ଭାବେ ମକ୍-ଡ୍ରିଲ କରାଯାଇଛି।

ଛଦ୍ମ ବେଶଧାରୀ ୩ଜଣ ଆତଙ୍କୀ ରେଲୱେ ସୁରକ୍ଷା ବାହିନୀକୁ ଆକ୍ରମଣ କରି ଷ୍ଟେସନ୍‌ରେ ପ୍ରବେଶ କରିଥିଲେ। ଏକ ନମ୍ବର ଓ ଦୁଇ ନମ୍ବର ପ୍ଲାଟ୍‌ଫର୍ମରେ ଥିବା ଯାତ୍ରୀଙ୍କ ଉପରକୁ ଗୁଳି ଚଳାଇବା ସହ ୩ନମ୍ବର ପ୍ଲାଟଫର୍ମରେ ଥିବା ତପସ୍ୱିନୀ ଏକ୍ସପ୍ରେସ୍‌କୁ କବ୍‌ଜାକୁ ନେଇଥିଲେ। ରେଳବାଇ ପୁଲିସ୍ ଆତଙ୍କବାଦୀଙ୍କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଓଡ଼ିଶା ପୁଲିସର ସ୍ୱତନ୍ତ୍ର ଏସ୍‌ଟିଯୁ କମାଣ୍ଡୋ ୩ ଆତଙ୍କୀଙ୍କୁ ହତ୍ୟା କରି ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଆତଙ୍କବାଦୀଙ୍କୁ ହତ୍ୟା କରିବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ଷ୍ଟେସନରେ ଲାଗିଥିବା ନିଆଁକୁ ଆୟତ୍ତ କରିଥିଲେ। ସଙ୍ଗେସଙ୍ଗେ ଓଡ୍ରାଫ୍ ଟିମ୍ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ତେବେ ଏହି ମକ୍‌ଡ୍ରିଲକୁ ଦେଖି ଯାତ୍ରୀମାନେ ହଠାତ୍ କିଛି ବୁଝିପାରି ନଥିଲେ। ଏହା ମକ୍‌ଡ୍ରିଲ ବୋଲି ପରେ ସେମାନେ ଜାଣିବା ପରେ ଆଶ୍ୱସ୍ତି ହୋଇଥିଲେ।

ଏ ସମ୍ପର୍କରେ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ରଥଯାତ୍ରାର ସୁରକ୍ଷା ପାଇଁ ଏହା ଆମର ପ୍ରସ୍ତୁତିର ଏକ ଅଂଶ। ଆତଙ୍କବାଦୀ ଆକ୍ରମଣ ହେଲେ ଆମ ସୁରକ୍ଷାବାହିନୀ କିଭଳି ମୁକାବିଲା କରିବେ, ସେନେଇ ଆମର ୧୧ଟି ବିଭାଗ ଏହି ମକ୍‌ଡ୍ରିଲରେ ସାମିଲ ଥିଲା। ପୁଲିସ, ଓଡ୍ରାଫ୍, ଆରପିଏଫ୍, ଜିଆରପି, ଏସ୍‌ଟିୟୁ ଏସ୍‌ଓଜି, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସାମିଲ ହୋଇଥିଲେ। ପରେ ସଂଧ୍ୟାରେ ଶ୍ରୀମନ୍ଦିର ନିକଟରେ ଏହିପରି ଭାବେ ମକ୍‌ଡ୍ରିଲ କରାଯାଇଥିଲା।

# ମାଲକାନଗିରିରୁ ଦୁଇ ମାଓବାଦୀ ଗିରଫ

### ପିସ୍ତଲ, ଗୁଳି ସମେତ ବିସ୍ଫୋରକ ଜବତ

**ମାଲକାନଗିରି, ୧୩।୬ (ସମିସ):** ମାଲକାନଗିରି ଜିଲ୍ଲା ପୁଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ଦୁଇ ମାଓବାଦୀ ହେଲେ, ଛତିଶଗଡ଼ ବସ୍ତର ଜିଲ୍ଲାର ଚନ୍ଦାମେଟାପଟଲପରା ଗ୍ରାମର କେସା କବାସୀ ଓ ବିଜାପୁର ଜିଲ୍ଲା ତାମୋଡ଼ ଗ୍ରାମର ରାକେଶ ଓରଫ୍ ସାନୁ କୁଞ୍ଜାମା। ଜବତ ସାମଗ୍ରୀଗୁଡ଼ିକ ମଧ୍ୟରୁ ଗୋଟିଏ ପିସ୍ତଲ, ୬ଟି ଗୁଳି, ୧୦ଟି ଡିଟୋନେଟର, ୧୦ମିଟର କୋଡେକ୍ସ ତାର, ୫୦ ଗ୍ରାମ ବନ୍ଧସ୍ୱଳ ପାଉଡର, ଗୋଟିଏ ୱକିଟାକି, ଟର୍ଚ୍ଚଲାଇଟ୍, ରେଡିଓ, ମାଓ ପୁସ୍ତିକା, ଔଷଧ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି।



ଆଜି ମାଲକାନଗିରି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଦେଇଥିବା ସୂଚନାନୁଯାୟୀ, ଛତିଶଗଡ଼ର କିଛି ମାଓବାଦୀ ଗତକାଲି ମାଲକାନଗିରିରେ ପ୍ରବେଶ କରିଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ ମାଥିଲି ଥାନା ଅଧୀନ ସୋଡ଼ିଗୁଡ଼ା ଓ ତେନ୍ତୁଳିଗୁଡ଼ା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଆଜି ଭୋର୍‌ରେ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଯାଉଥିବା ଦେଖି ପୁଲିସ ପିଛା କରିବା ସହ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ ସେମାନେ ପୁଲିସ୍ ଉପରକୁ ଗୁଳି ଚଳାଇବା ସହ ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ତେବେ ପୁଲିସ ସେମାନଙ୍କ ମଧ୍ୟରୁ ୨ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହେବା ସହ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ଗିରଫ ଦୁଇ ମାଓବାଦୀ ସିପିଆଇ ମାଓ ସଂଗଠନରେ ଏସିଏମ୍ ଭାବେ କାମ କରୁଥିବା ବେଳେ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ଆଜି ଏହି ଦୁଇଜଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ଶ୍ରୀ ପାଟିଲ ମତପ୍ରକାଶ କରିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**କେନ୍ଦୁଝର, ୧୩।୬(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡ଼ପଟା ଗ୍ରାମର କାନ୍ଦରା ନାଏକ(୫୦) ଓରଫ୍ କାହ୍ନୁକୁ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେହିପରି ଘଟଣା ସଂକ୍ରାନ୍ତ ତଥ୍ୟ ଲୁଚାଇଥିବାରୁ ସୁମିତ୍ରା ମହାନ୍ତ (୪୦) ନାମକ ଜଣେ ମହିଳାଙ୍କୁ କୋର୍ଟ ୭୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଏକ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୭ବର୍ଷର ଜଣେ ନାବାଳିକା ହରିଚନ୍ଦନପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲା। ୨୦୨୩ ଜାନୁଆରୀ ୨୯ରେ ମାଆ-ଝିଅଙ୍କ ସାକ୍ଷାତ ସମୟରେ ଘଟଣା ପ୍ରଘଟ ହୋଇଥିଲା। ପୀଡ଼ିତା କହିଥିଲା ଯେ ସ୍କୁଲର କାନ୍ଦରା ଅଜା(ରୋଷେୟା) ସରସ୍ୱତୀ ପୂଜା ଦିନ ସନ୍ଧ୍ୟା ଶୌଚ କରାଇବାକୁ ନେଇଥିଲା ସମୟରେ ଦୁଷ୍କର୍ମ କରିଥିଲା। ଏ କଥା ଅନ୍ୟ ଆସାମୀ ସ୍କୁଲର ସୁମିତ୍ରା ମହାନ୍ତ ଜାଣି ମଧ୍ୟ ଲୁଚାଇବାକୁ ପୀଡ଼ିତାକୁ ଧମକାଇଥିଲା। ଫଳରେ ପୀଡ଼ିତାର ମାଆ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କେସ୍ ପରିଚାଳନା କରୁଥିଲେ।

### ଆଇପିଏସ ଅଧିକାରୀ ସତୀଶ ଗଜଭିୟେଙ୍କୁ ନିମ୍ନ ପାହ୍ୟାର କେନ୍ଦ୍ରୀୟ ଡେପୁଟେସନ ମାମଲା

# ୧୦ ଦିନରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କ୍ୟାଟକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୩।୬ (ସମିସ):** ଆଇଜି ପାହ୍ୟାର ବରିଷ୍ଠ ଆଇପିଏସ୍ ଅଧିକାରୀ ସତୀଶ କୁମାର ଈଶ୍ୱର ଦାସ ଗଜଭିୟେଙ୍କୁ ଡିଆଇଜି ପାହ୍ୟାର କେନ୍ଦ୍ରୀୟ ଡେପୁଟେସନରେ ନିଯୁକ୍ତି ଆଦେଶକୁ ଚାଲେଞ୍ଜ କରି କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(କ୍ୟାଟ)ରେ ବିଚାରାଧୀନ ମାମଲାର ଫଇସଲା ୧୦ଦିନ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆବେଦନକାରୀ ଆପିଏସ ଅଧିକାରୀଜଣଙ୍କ ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ନିଜର ବରିଷ୍ଠତା ଅନୁସାରେ କୌଣସି ପଦରେ ଯୋଗଦେବାକୁ ନିବେଦନ କରିବେ ତାହେଲେ ତାଙ୍କ ଆବେଦନକୁ ବିଚାର କରିବାକୁ ହାଇକୋର୍ଟ କହିଛନ୍ତି। ଶ୍ରୀ ଗଜଭିୟେଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓ ଜଷ୍ଟିସ ମୁରାହାରି ଶ୍ରୀ ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଏହି ଆଦେଶନାମା କପିକୁ ଆସନ୍ତା ୧୦ ଦିନ ମଧ୍ୟରେ କ୍ୟାଟରେ ଦାଖଲ କରିବେ। ଆବେଦନକାରୀ ଉକ୍ତ ଆଦେଶନାମା ଦାଖଲ କରିବାର ୧୦ ଦିନ ମଧ୍ୟରେ କ୍ୟାଟ ଉପରୋକ୍ତ ପ୍ରସଂଗରେ ବିଚାରାଧୀନ ମାମଲା ସମ୍ପର୍କରେ ଚୂଡ଼ାନ୍ତ ଫଇସଲା କରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ, ଆଇଜି ପାହ୍ୟାର ଆଇପିଏସ ଶ୍ରୀ ଗଜଭିୟେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବା ପାଇଁ ଏକ ଆବେଦନ କରିଥିଲେ। ତେବେ ତାଙ୍କୁ ସିଆରପିଏଫ୍‌ର ଡିଆଇଜି ପଦରେ ଅବସର ସମୟ (୨୦୨୮ ସେପ୍ଟେମ୍ବର ୩୦) ପର୍ଯ୍ୟନ୍ତ ଅଥବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଡେପୁଟେସନରେ ନେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦେଶନାମା ଜାରି ହୋଇଥିଲା। ଏହାକୁ ଅସଂଗତ ଦର୍ଶାଇ ସେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ପୁଲିସ ଡିଜିଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଗତ ୨୦୨୪ଡିସେମ୍ବର୬ର ବିଜ୍ଞପ୍ତି ଆଧାରରେ ଓଡ଼ିଶା ଗୃହ ବିଭାଗ ତାଙ୍କୁ ଗତ ୨୦୨୪ ଡିସେମ୍ବର ୩୦ରେ ରିଲିଭ କରିଦେଇଥିଲା। ଏହାକୁ ବିରୋଧ କରି ସେ କ୍ୟାଟଙ୍କ ଦ୍ୱାରସ୍ଥ ହୋଇଥିଲେ। କ୍ୟାଟ ମାମଲା ଶୁଣାଣିଶେଷ କରି ଗତ ୨୦୨୫ ମେ ୯ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ ମଧ୍ୟ ଏହା ପ୍ରକାଶ ପାଇନଥିବାରୁ ଶ୍ରୀ ଗଜଭିୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାୟ ସଂରକ୍ଷିତ କ୍ଷେତ୍ରରେ ନିର୍ଦ୍ଧାରିତ ୩ସପ୍ତାହ ମଧ୍ୟରେ ରାୟ ପ୍ରକାଶ କରାଯିବା କଥା ଏହା ହୋଇନଥିବାରୁ ସେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସମ୍ପର୍କୀୟ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ଘରେ ପୂଜାପାଠର ଆୟୋଜନ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିପାରେ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ:** ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ ନାହିଁ। ଜୀବନସାଥୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। କୌଣସି ଶୁଭ ସମାଚାର ପାଇବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ଧନୁ:** କୌଣସି ନୂଆ କାମ ମିଳିପାରେ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ।।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଦୀର୍ଘ ଦିନର ଆଶା ପୂରଣ ହେବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୦୭- ନରୱେରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୧୮- ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମୃତ୍ୟୁ।
- ୧୯୩୪-ଭିଏନାରେ ବେନିତୋ ମୁସୋଲିନୀ ଓ ହିଟଲର୍‌ଙ୍କ ସାକ୍ଷାତ।
- ୧୯୪୯-ଭିଏତନାମ ରାଷ୍ଟ୍ର ଗଠନ କରାଗଲା।
- ୨୦୦୩- ଗୋବି ମରୁଭୂମିରୁ ଏକ ବିଶାଳକାୟ ଡାଇନୋସର୍ ଜୀବାଶ୍ମ ଠାବ କରାଗଲା।
- ୨୦୨୩- ୟୁନାନରେ ନୌକା ବୁଡ଼ିବାରୁ ୭୮ ପ୍ରବାସୀଙ୍କ ମୃତ୍ୟୁ।

## ଆସିଛି ରଜ...




ଓଡ଼ିଶା ଏକ ଐତିହ୍ୟ, କଳା, ସଂସ୍କୃତି, ପରମ୍ପରାର ରାଜ୍ୟ। ଆମ ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ଏକ ଅନନ୍ୟ ପରମ୍ପରା। "ରଜ" ଶବ୍ଦଟି "ରଜସ୍ୱଳା" ଶବ୍ଦରୁ ଆନୀତ। ଭୂଦେବୀଙ୍କ ସମ୍ମାନ ପାଇଁ ଏହି ରଜ ପର୍ବର ସୃଷ୍ଟି। ନାରୀଟିଏ ଯେପରି ରଜସ୍ୱଳା ହୋଇଥାଏ ସେହିପରି ଭୂଦେବୀ ରଜସ୍ୱଳା ହୁଅନ୍ତି ବୋଲି କଳ୍ପନା କରାଯାଇଥାଏ। ଦୀର୍ଘ ୫ ଦିନ ଧରି ପାଳନ ହେଉଥିବା ଏହି ପର୍ବ ଓଡ଼ିଶାର ଏକ ଗଣପର୍ବ ଅଟେ। ରଜର ପୂର୍ବ ପ୍ରସ୍ତୁତି ରୂପେ ସଜବାଜ ଏହି ପର୍ବର ପ୍ରଥମ ଦିନ। ଏହାପରେ ବୃଷ ମାସର ଶେଷ ଦିନ ବା ପହିଲି ରଜ ରଜୋବତୀ ହେବାର ପ୍ରାରମ୍ଭ ଦିବସ ଅଟେ। ଦ୍ୱିତୀୟ ବା ମଝି ଦିନ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ନାମେ ପରିଚିତ। ରଜୋବତୀ ହେବାର ଶେଷ ଦିନ ଶେଷ ରଜ ନାମେ ପରିଚିତ। ଜଣେ ନାରୀକୁ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମର ଆବଶ୍ୟକତା ରହିଛି, ଠିକ୍ ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ଧରିତ୍ରୀ ମା'କୁ ରଜ ତିନି ଦିନ ବିଶ୍ରାମ ଦିଆଯାଏ। ଏହି ସମୟରେ ଭୂମିରେ ଲଙ୍ଗଳ ଚଳାଇବା କିମ୍ବା ଅନ୍ୟ କୃଷି କାମ କରିବାରେ ରହିଛି ବାରଣ। ସାଧାରଣତଃ ମୁଖ୍ୟ ରଜ ପର୍ବ ୩ ଦିନ ହୋଇଥିବାବେଳେ ସମୁଦାୟ ୫ ଦିନ ଧରି ଏହା ପାଳନ କରାଯାଏ। ପହିଲି ରଜର ପୂର୍ବଦିନ ପଡ଼ିଥାଏ ସଜବାଜ। ଏହି ଦିନ ଘର ଓ କୃଷି କର୍ମରେ ବ୍ୟବହୃତ ଉପକରଣ ଧୋଇ ପରିଷ୍କାର କରାଯାଏ। ପିଲାଙ୍କ ପାଇଁ ଦୋଳି ବନ୍ଧାଯିବା ସହ କୁଆଁରୀ ଝିଅମାନେ ଅଳତା, କଜଳ, ମେହେନ୍ଦୀ, ମୁଣ୍ଡରେ ଚନ୍ଦନ ଟିପା ଲଗାଇ ହୋଇଥାନ୍ତି ସଜବାଜ। ଏହାର ପରଦିନ ପଡ଼େ ପହିଲି ରଜ। ଏହି ଦିନ ଝିଅମାନେ ନୂଆ ବସ୍ତ୍ର ପିନ୍ଧି ସଜବାଜ ହୋଇ ଦୋଳି ଖେଳିବା ସହ ଏକାଠି ବସି ପିଠାପଣା ଖାଇଥାନ୍ତି। ମିଥୁନ ମାସର ପ୍ରଥମ ଦିନ ହେଉଛି ରଜ ସଂକ୍ରାନ୍ତି। ସଂକ୍ରାନ୍ତି ପରଦିନ ପଡ଼େ ଶେଷ ରଜ ବା ଭୂମି ଦହନ ଓ ଶେଷରେ ମିଥୁନ ମାସର ତୃତୀୟ ଦିନରେ ପଡ଼େ ବସୁମତୀ ସ୍ନାନ। ବସୁମତୀ ସ୍ନାନ ସମୟରେ ପିଢ଼ା ଉପରେ ଶିଳପୁଆ, ପାଞ୍ଚଣ ଓ ଲଙ୍ଗଳ ଲୁହାକୁ ରଖି ସିନ୍ଦୁର ଦିଆଯାଏ। ସୋରିଷ, ହଳଦୀଖଣ୍ଡ, ଫୁଲ, ଜଡ଼ା ତେଲ ପ୍ରଭୃତିରେ ପୂଜାର୍ଚ୍ଚନା କରାଯାଏ। ଶେଷରେ ବସୁଧା ମାତାଙ୍କୁ ପ୍ରଣାମ କରି ଉତ୍ତମ ଚାଷ ଓ ଉପଯୁକ୍ତ ବର୍ଷା ପାଇଁ ପ୍ରାର୍ଥନା କରାଯାଇଥାଏ। ରଜ ତିନି ଦିନ କୁମାରୀ ଝିଅମାନେ ରଜସ୍ୱଳା ନାରୀଙ୍କ ଭଳି ଭୂମିରେ ଚାଲନ୍ତି ନାହିଁ। ଲୁଣ ଖାଆନ୍ତି ନାହିଁ, କେବଳ ଫଳମୂଳ ଓ ମିଠା ସେବନ କରିବାର ବିଧି ରହିଛି। ରଜରେ ଗୃହିଣୀମାନଙ୍କୁ ଗୃହକର୍ମରୁ ମିଳିଥାଏ ବିରତି। ରଜରେ କୁମାରୀମାନଙ୍କ ରଜ ଦୋଳି ଗୀତ ସବୁଠାରୁ ବଡ଼ ଆକର୍ଷଣ। ଦୋଳି ଖେଳିବା ସମୟରେ ସେମାନେ ଓଡ଼ିଶାର ସାମାଜିକ ଚଳଣୀ, ପରମ୍ପରା ଆଦିକୁ ନେଇ ଉଦ୍ଦିଷ୍ଟ ଲୋକଗୀତ ଗାଇଥାନ୍ତି। "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ" ଏହି ଗୀତଟି ଓଡିଶାର ପୁରପଲ୍ଲୀରେ ବେଶ୍ ଆଦୃତି ଲାଭ କରିଛି। ପୋଡ଼ ପିଠା ଓ ଖିଲି ପାନ ବିନା ଅଧୁରା ରଜ। ଅରୁଆ ଚାଉଳ, ବିରି, ଗୁଡ଼ ନଡ଼ିଆ, ଗୁଜରାତି, ଗୋଲମରିଚ, ଗୁଆ ଘିଅର ମିଶ୍ରଣରେ ପ୍ରସ୍ତୁତ ପୋଡ଼ ପିଠାରେ ସତେ ଯେମିତି ମିଶି ରହିଥାଏ ଆବେଗ, ଆତ୍ମୀୟତା, ଅନୁରାଗ। ରଜରେ ଲୋକେ ନିଜ ବନ୍ଧୁ ଓ ପରିଜନଙ୍କୁ ଶ୍ରଦ୍ଧା ପୂର୍ବକ ମିଠା ପାନ ଦେଇଥାନ୍ତି। ଏହି ସମୟରେ ନୂଆ ବାହା ହୋଇଥିବା ଝିଅଟି ଘରୁ ରଜଭାର ଆସିଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ। ସାମ୍ପ୍ରତିକ କାଳରେ ଏହି ରଜ ପର୍ବର ମାର୍ମିକ ଅନୁଭବ ଖୁବ୍ କମ୍ ଲାଗେ। କେବଳ ଦୋଳି ଖେଳ ଓ ପିଠା-ପଣାକୁ ଛାଡ଼ି ଦେଲେ, ରଜ ପର୍ବର ଅନ୍ୟାନ୍ୟ କାର୍ଯ୍ୟସୂଚୀକୁ ପାଳନ କରାଯାଉନି। ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଆଦର ଓ ସରାଗ କମିନାହିଁ।

## ବିଶ୍ୱ ରକ୍ତଦାତା ଦିବସ

ରକ୍ତ ଦାନ ମହତ ଦାନ, କାରଣ ଏହି ଦାନ ଜଣେ ବ୍ୟକ୍ତିକୁ ନୂଆ ଜୀବନ ଦିଏ। ରକ୍ତଦାନ ଭଳି ମହାନ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତଦାନର ମହତ ଆଉ ରକ୍ତଦାତାଙ୍କ ମହାନ ପଣିଆକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍। ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ହେଲେ, ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତ ଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ। ସଚେତନତା ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ କରିବାଠାରୁ ଦୂରେଇ ରୁହନ୍ତି। ରକ୍ତଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ସର୍ବ ପ୍ରଥମେ ୨୦୦୪ରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ନୋବେଲ୍ ପୁରସ୍କାର ବିଜେତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଜନ୍ମଦିନକୁ ବିଶ୍ୱସ୍ତରରେ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତର ବର୍ଗୀକରଣ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ରକ୍ତଦାନ ଯୋଗୁଁ ଲକ୍ଷଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ସୁସ୍ଥ ବ୍ୟକ୍ତିମାନେ ରକ୍ତଦାନ କରିବା ଜରୁରୀ। ରକ୍ତ ଦାନ କେବଳ ଏକ ମହତ କାର୍ଯ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଭଲ ବୋଲି ବିବେଚନା କରାଯାଏ। ରକ୍ତର କୌଣସି ବିକଳ୍ପ ନ ଥିବାରୁ ରକ୍ତ ଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରୀ ହୋଇପଡିଛି। ରକ୍ତ ସଂଗ୍ରହ ନିମନ୍ତେ ବ୍ଲଡ୍ ବ୍ୟାଙ୍କମାନ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଲୋକମାନଙ୍କୁ ରକ୍ତ ଦାନ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି ଏବଂ ଲୋକମାନଙ୍କର ରକ୍ତକୁ ସଂଗ୍ରହ କରାଯାଇ ଆବଶ୍ୟକ କ୍ଷେତ୍ରରେ ବିନିଯୋଗ ମଧ୍ୟ କରାଯାଉଅଛି। ଏହି ଦିନ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୁଏ।

## 'ଏସ୍ଏସ୍ଏମ୍ବି୨୯'ରେ ମାଧବନ୍



'ଆର୍ଆର୍ଆର୍' ଫେମ୍ ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ଏସ୍ଏସ୍ଏମ୍ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ଏହା ଭାରତୀୟ ସିନେମା ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ୧୦୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମରେ ଲିଡ୍ ରୋଲରେ ପ୍ରିୟଙ୍କା ଚୋପ୍ରା ଓ ମହେଶ ବାବୁ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏବେ ଆଉ ଜଣେ ବଲିଉଡ୍ ଅଭିନେତାଙ୍କ ଏଣ୍ଟ୍ରି ଏହି ଆକ୍ସନ୍ ଆଡଭେଞ୍ଚର ଫିଲ୍ମରେ ହୋଇଛି। ଆର୍.ମାଧବନ୍ ଏବେ ଏହି ଫିଲ୍ମରେ ନଜର ଆସିବେ। ଏଥିରେ ମହେଶ ବାବୁଙ୍କ ପିତା ଭୂମିକାରେ ଅଭିନୟ କରିବା ପାଇଁ ରାଜମୌଳି ନାନା ପାଟେକରଙ୍କୁ ଅଫର୍ ଦେଇଥିଲେ। କିନ୍ତୁ ନାନାଙ୍କୁ ଏହି ଭୂମିକା ପସନ୍ଦ ଆସିଲା ନାହିଁ। ଏହାପରେ ମାଧବନ୍‌ଙ୍କୁ ଏହି ଭୂମିକା ମିଳିଥିବା ଚର୍ଚ୍ଚା ହେଉଛି। ଏହାର ସୁଟିଂ ହାଇଦ୍ରାବାଦ୍, ଓଡ଼ିଶା ଓ ବିଦେଶର କେତେକ ସ୍ଥାନରେ କରାଯିବ।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୮

(୧) ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଭାରତରେ କେଉଁ ରାଜ୍ୟରେ ଅଛି?
ଉତ୍ତର: ______

(୨) ବାରୁଦ ତିଆରି ପାଇଁ କେଉଁ ରସାୟନର ବ୍ୟବହାର କରାଯାଏ?
ଉତ୍ତର: ______

(୩) ସ୍ପେନ୍‌ର ରାଜଧାନୀର ନାମ କ'ଣ?
ଉତ୍ତର: ______

(୪) 'ଗୋଧୂଳିର ବାଘ' ଉପନ୍ୟାସର ରଚୟିତାଙ୍କ ନାମ କ'ଣ?
ଉତ୍ତର: ______

(୫) ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ କେତେ ଗରା ଜଳରେ ସ୍ନାନ କରନ୍ତି?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ସ୍ୱାଗତିକା ପଟେଲ, ମଙ୍ଗସପୁର, ସୁନ୍ଦରଗଡ଼
- ଚିନ୍ମୟ ବାରିକ୍, ବିଲିପଡ଼ା, ଯାଜପୁର
- ତୃପ୍ତିମୟୀ ପ୍ରଧାନ, ବାସୁଦେବପୁର, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ରଜ ପରବ



ଅଶୋକ କୁମାର ପ୍ରଧାନ

ବରଷକ ପରେ ଆମରି ଗାଆଁକୁ
କେଡ଼େ ଶରଧାରେ ଆସିଛୁ ରଜ
ତୋ ପାଇଁ ଦେଖୁନୁ ପାଦରେ ଅଳତା
ନାଇ ଝିଅ ବୋହୂ ହେଲେଣି ସଜ।
ତୁ ଆସିଲେ ଆମେ ଭୂଲି ଯାଉ ମନୁ
ଅଭାବ କଷଣ ଗରିବୀ ଦୁଃଖ
ତୋ ପରବ ପାଳି ମନେ ଖୁସି ବୋଲି
ଫୁଲ ପରି ଦିଶେ ଆମରି ମୁଖ।
ଧରଣୀ ମାଆକୁ ସମ୍ମାନ ଜଣାଇ
ଦୋଳି ଖେଳେ ଆମେ ହେଉରେ ରତ
ଦୋଳି ଖେଳି ସକାଳରୁ ସଞ୍ଜ ହୁଏ
ଭୋକ ଭୂଲି ଯିବା କଥାଟା ସତ।
ବନସ୍ତରୁ ଗଜ ଡାକ ଶୁଣି ଆମେ
ଅଧିର ହେଉଛୁ ବେଳରୁ ବେଳ
ଦୋଳି ସାଥେ ପୁଣି ପୁଚି ଖେଳୁଥାଉ
ହୋଇ ସାଙ୍ଗ ସାଥି ସଭିଏଁ ମେଳ।
ରଜପାନ ସାଥେ ପୋଡ଼ ପିଠା ଖାଇ
ଦିନ କାଟିଥାଉ ସଭିଏଁ ଆମେ
ଶପଥ କରୁଛୁ ଆଜିର ଦିନରେ
ଲାଗିବୁ ସଭିଏଁ ଜଗତ କାମେ।
ରଜ ପରବ ତୁ ଆମ ଓଡ଼ିଆଙ୍କ
ପରବ ଭିତରେ ଅଟୁ ତୁ ରାଣୀ
ତୁ ଆସିଲେ କେତେ ପରବ ଆସଇ
ହସ ଖୁସି ସାଥେ ଆଣୁ ତୁ ଟାଣି। ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦



## ଅମୃତ ଗଛ







ରାଜେଶ୍ ରାୟ

ଗୁରୁକୂଳ ଆଶ୍ରମରେ ଶିକ୍ଷା ସମାପ୍ତ ହେବା ପରେ ଧନଞ୍ଜୟ ନାମକ ଶିଷ୍ୟ ନିଜ ଗୁରୁଙ୍କ ପାଖକୁ ଯାଇ କହିଲା, "ଗୁରୁଦେବ, ମୁଁ ଆପଣଙ୍କୁ ଗୁରୁ ଦକ୍ଷିଣା ସ୍ୱରୂପ କିଛି ଉପହାର ଦେବାପାଇଁ ଚାହୁଁଛି, କୁହନ୍ତୁ ଆପଣଙ୍କର କ'ଣ ଦରକାର ? ଗୁରୁ ସାମାନ୍ୟ ହସିଦେଇ ଧନଞ୍ଜୟକୁ କହିଲେ, "ଯଦି ତମେ ମତେ କିଛି ଦେବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ମତେ ଆଣିଦିଅ।" ଗୁରୁଙ୍କ କଥା ଶୁଣି ଶିଷ୍ୟ ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା। ଅମୃତ ଗଛ ! ଏମିତି କିଛି ଗଛ ଅଛି କି ? ସେ ଗୁରୁଙ୍କୁ ପଚାରିଲା। ଗୁରୁ କହିଲେ, ମୁଁ ସେ ବିଷୟରେ କିଛି କହିପାରିବି ନାହିଁ। ତୁମେ ବାହାରକୁ ଯାଇ ଖୋଜ। ଯଦି ମତେ ଗୁରୁ ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ଆଣିଦିଅ। ଧନଞ୍ଜୟ ଚିନ୍ତାରେ ପଡ଼ିଗଲା। କେଉଁଠୁ ପାଇବ ଅମୃତ ଗଛର ପତ୍ର ? ଏହା ଭାବି ଭାବି ସେ ନିକଟସ୍ଥ କିଛି ଗାଁକୁ ଗଲା। ସେଠାକୁ ଯାଇ ବିଭିନ୍ନ ଲୋକଙ୍କୁ ଗଛ ବିଷୟରେ ପଚାରିଲା ହେଲେ କେହି ବି ତା ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଲେ ନାହିଁ। ସମସ୍ତଙ୍କ ପାଖରୁ ନିରାଶ ହେବାପରେ ଧନଞ୍ଜୟ ମନ ଦୁଃଖରେ ଗାଁର ଶେଷ ମୁଣ୍ଡରେ ଯାଇ ପହଞ୍ଚିଲା। ସେଠାରେ ବୁଢ଼ୀଟିଏ ଘରକରି ରହୁଥିଲା। ଧନଞ୍ଜୟ ସେ ବୁଢ଼ୀ ପାଖକୁ ଯାଇ ଅମୃତ ଗଛ ବିଷୟରେ ପଚାରିଲା। ସବୁକଥା ଶୁଣିବା ପରେ ବୁଢ଼ୀ ଲୋକଟି ଧନଞ୍ଜୟର ମୁହଁକୁ କିଛି ସମୟ ପାଇଁ ଅନାଇଲା ଏବଂ କହିଲା 'ହଁ' ଅମୃତ ଗଛ ମୋ' ଘର ପଛପଟ ବାଡ଼ିରେ ଅଛି। ଏ କଥା ଶୁଣି ଧନଞ୍ଜୟ ପ୍ରଥମେ ବିଶ୍ୱାସ କରୁ ନ ଥିଲା। ସେ ଭାବିଲା ଯେ, ବୁଢ଼ୀ ଲୋକଟିର ମୁଣ୍ଡ ବୋଧେ ଖରାପ ହୋଇ ଯାଇଛି। ଏହାପରେ ବୁଢ଼ୀ ଜଣକ ଧନଞ୍ଜୟକୁ ଡାକିନେଇ ତା' ବାଡ଼ି ପଛପଟକୁ ଗଲା ଏବଂ ସେଠାରେ ଥିବା ଏକ ପୁରୁଣା ଅଶ୍ୱତ୍ଥ ଗଛକୁ ଦେଖାଇଲା। ଗଛକୁ ଦେଖି ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା ଏବଂ କହିଲା ଇଏ ତ ଅଶ୍ୱତ୍ଥ ଗଛ। ଏହାକୁ ଆମେ କ'ଣ ପାଇଁ ଅମୃତ ଗଛ ବୋଲି କହିବା ? ବୁଢ଼ୀ ଜଣକ ଧନଞ୍ଜୟକୁ ନିଜ ଭାଷାରେ ବୁଝାଇଲା। ଆମ ପରିବେଶରେ ଥିବା ସମସ୍ତ ସବୁଜ ଉଦ୍ଭିଦମାନେ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ ପରି ଅମୃତ ଦିଅନ୍ତି କିନ୍ତୁ କିଛି ଗଛ ଆମକୁ ଅଧିକ ପରିମାଣର ଅମ୍ଳଜାନ ଦିଅନ୍ତି। ସେହି ଗଛ ମଧ୍ୟରୁ ଅଶ୍ୱତ୍ଥ ଗଛ ଅନ୍ୟତମ। ଏଥିସହ ଏହା ବାୟୁମଣ୍ଡଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ଅଶ୍ୱତ୍ଥ ଗଛର ପତ୍ର , ଛେଲି, ଆଦି ହଜମ ସମସ୍ୟା, ଶ୍ୱାସକ୍ରିୟା ସମସ୍ୟା, ରକ୍ତ ସଫା ଏବଂ ଚର୍ମ ରୋଗ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହି ଗଛ ଅମ୍ଳଜାନ ପରି ଅମୃତକୁ ଗଚ୍ଛିତ ରଖିଥିବାରୁ ଏହାକୁ ଆମେ ଅମୃତ ଗଛ ବୋଲି କହିପାରିବା। ପୂର୍ବରୁ ବରଗଛ ଏବଂ ଅଶ୍ୱତ୍ଥ ଗଛର ବିବାହ କରି ଆମେ ତାହାକୁ ସୁରକ୍ଷା ଦେଉଥିଲେ କିନ୍ତୁ ଦୁଃଖର କଥା ହେଉଛି ଏହା ଯେ, ଆମର ସ୍ୱାର୍ଥଭିତ୍ତିକ କାମ ପାଇଁ ବର୍ତ୍ତମାନ ଅଶ୍ୱତ୍ଥ ଗଛର ସଂଖ୍ୟା ବହୁତ କମି ଗଲାଣି। ଏହି ଗଛର ସୁରକ୍ଷା ଯଦି ସଠିକ୍ ଭାବେ ନ ହେବ ତେବେ ଆଗାମୀ ଦିନରେ ଆମକୁ ବିଶୁଦ୍ଧ ଅମ୍ଳଜାନ ମିଳିବା କଷ୍ଟକର ହୋଇଯିବ। ସବୁକଥା ଶୁଣିବା ପରେ ଧନଞ୍ଜୟ ଅମୃତ ଗଛର ଗୁରୁତ୍ୱକୁ ଭଲଭାବେ ବୁଝିଲା। ଏହାପରେ ସେ ଅଶ୍ୱତ୍ଥ ଗଛର ପତ୍ରଟିଏ ନେଇ ଗୁରୁଙ୍କ ପାଖକୁ ଗଲା ଏବଂ ସେଠାରେ ପହଞ୍ଚି ସବୁକଥା ଗୋଟି ଗୋଟି କରି ବୁଝାଇ କହିଲା। ଉପଯୁକ୍ତ ପତ୍ରଟି ପାଇବା ପରେ ଗୁରୁ ଧନଞ୍ଜୟ ଉପରେ ଅତ୍ୟନ୍ତ ଖୁସି ହୋଇଗଲେ ଏବଂ ଶ୍ରେଷ୍ଠ ଗୁରୁଦକ୍ଷିଣା ପାଇଁ ତାକୁ ଆଶୀର୍ବାଦ କଲେ। ■


ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର,
କୋରାପୁଟ
ମୋ- ୬୩୭୧୫୫୫୯୪୦

## ଅଙ୍କନ ପ୍ରତିଭା





**ଶାନ୍ତନୁ ଶାନ୍ତିସ୍ୱରୂପ ସାହୁ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର






**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଆଦ୍ୟାଶା ନାଏକ**
ଚତୁର୍ଥ ଶ୍ରେଣୀ
ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡ଼ିଆ





**ତନିସ୍କା ପାତ୍ର**
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ପ୍ରହେଳିକା

- ଗଛରେ ଝୁଲେ ବାଉଁଶ ଦୋଳି
ଝୁଲନ୍ତି ପିଲା ମିଶି
ପୋଡ଼ ପିଠାର ସୁଗନ୍ଧ ଆସେ
ପରାଣ ଉଠେ ହସି
ଲୁଡୁ ତାଆସ ବାଗୁଡ଼ି ଖେଳ
ଖେଳନ୍ତି ସର୍ବ ଜନ
ଏହି ପରବେ ଅପା ବାଣ୍ଟଇ
ମସଲା ଖିଲିପାନ
କୁହତ ନାମ ତା'ର
ଆମ୍ବ ପଣସ ମାଂସ କଷାରେ
ମହକି ଉଠେ ଘର।

ଉତ୍ତର-ରଜପର୍ବ



- ଚାଉଳ ଚୂନା ଓ ଗୁଡ଼ ନଡିଆ
କାଜୁ ଅଳେଇଚ ବାସେ ବଢ଼ିଆ
ପିଠାଟିଏ ବନେ ତା'ର ମିଶ୍ରଣେ
ପୋଡ଼ାହୁଏ ସିଏ ଅତି ଯତନେ
ଭାରି ସୁଆଦିଆ ସିଏ
ଖଣ୍ଡ ଖଣ୍ଡ କରି କାଟି ଦିଏ ବୋଉ
କୁହ ତା'ର ନାମ କିଏ।

ଉତ୍ତର-ପୋଡ଼ପିଠା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୨୪୬

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

# ସ୍ୱର୍ଣ୍ଣ ଜିତିଲେ ସୁରୁଚି



**ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଜର୍ମାନୀର ମ୍ୟୁନିକରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପ୍‌ରେ ସୁରୁଚି ସିଂହ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୁରୁଚି ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଚଳିତ ମ୍ୟୁନିକ ବିଶ୍ୱକପ୍‌ରେ ପୂର୍ବରୁ ସିଫ୍ଟ କୌର ଓ ଏଲାଭେନିଲ ଭାଲରିଭାନ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ୧୯ ବର୍ଷୀୟା ସୁରୁଚି ୨୪୧.୯ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫ୍ରାନ୍ସର କାମିଲେ ଜେଡଜେଜେଓ୍ୱସ୍କି (୨୪୧.୭) ଓ ଚାଇନାର କ୍ୱିଆନଜୁନ ୟାଓ (୨୨୧.୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୮ ସ୍କୋର ସହ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲେ। ତେବେ ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ୫୭୪ ସ୍କୋର ସହ ୨୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

## ଏମ୍ଏଲ୍‌ସି-୩ ସିଜନ ଆରମ୍ଭ

# ଫିନ୍ ଆଲେନଙ୍କ ୫୧ ବଲରେ ୧୫୧ ରନ



**କାଲିଫର୍ଣ୍ଣିଆ, ୧୩।୬ (ଏଜେନ୍ସି):** ଆମେରିକାର ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ମେଜର ଲିଗ୍ କ୍ରିକେଟ୍ (ଏମ୍ଏଲ୍‌ସି)ର ୩ୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଶୁକ୍ରବାର କୋରି ଆଣ୍ଡରସନଙ୍କ ନେତୃତ୍ୱାଧୀନ ସାନ୍ ଫ୍ରାନସିସ୍କୋ ୟୁନିକର୍ନ୍ସ ୧୨୩ ରନର ବିଶାଳ ବ୍ୟବଧାନରେ ୱାଶିଂଟନ ଫ୍ରିଡମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସାନ୍ ଫ୍ରାନସିସ୍କୋ ଫିନ୍ ଆଲେନଙ୍କ ବିସ୍ଫୋରକ ଶତକ ବଳରେ ୫ ୱିକେଟ୍‌ରେ ୨୬୯ ରନ କରିଥିଲା। ଜବାବରେ ଗ୍ଲେନ ମ୍ୟାକ୍ସୱେଲଙ୍କ ୱାଶିଂଟନ ଫ୍ରିଡମ ୧୩.୧ ଓଭରରେ ୧୪୬ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ୫୧ ବଲରେ ୧୫୧ ରନ କରିଥିବା ଆଲେନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। କିୱି ବ୍ୟାଟର୍ ଆଲେନ ଏହି ପାଳିରେ ୧୯ ଛକା ଓ ୫ ଚୌକା ମାରିଥିଲେ। ଡାହାଣହାତୀ ବ୍ୟାଟର୍ ଆଲେନ ଏହି ଶତକୀୟ ପାଳିରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ୩୪ ବଲରେ ଶତକ ହାସଲ କରି ଏମ୍ଏଲ୍‌ସି ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସେହିଭଳି ସେ ତାଙ୍କ ଦେଢ଼ଶହ ରନ ୪୯ ବଲରେ ପୂରଣ କରିଥିଲେ। ଯାହାକି ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ୧୫୦ ରନ ରେକର୍ଡ ହୋଇଛି। ଏହାବାଦ୍ ଟି-୨୦ କ୍ରିକେଟ୍‌ରେ ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ଆଲେନଙ୍କ ନାମରେ ଲିପିବଦ୍ଧ ହୋଇଛି। ପୂର୍ବରୁ ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍ ଓ ଇସ୍ତୋନିଆର ସାହିଲ ଚୌହାନ ଗୋଟିଏ ପାଳିରେ ୧୮ ଟି ଲେଖାଏ ଛକା ମାରିଥିଲେ। ଗତ ଆଇପିଏଲ୍ ନିଲାମୀରେ ଆଲେନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ।

## ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍

# ଆଜିଠୁ ଭାରତର ୟୁରୋପ ପର୍ଯ୍ୟାୟ ଆରମ୍ଭ

**ଲଣ୍ଡନ, ୧୩।୬ (ଏଜେନ୍ସି):** ଚଳିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ଏହାର ଅନ୍ତିମ ପର୍ଯ୍ୟାୟ ତଥା ୟୁରୋପ୍ ଲେଗ୍ ଶନିବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳି ଆରମ୍ଭ କରିବାକୁ ଯାଉଛି। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଜୁନ ୧୪ ଓ ୧୫ରେ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ଭାରତ କ୍ରମାଗତ ଦୁଇଟି ମ୍ୟାଚ୍ ଖେଳିବ। ଏହାପରେ ଜୁନ ୧୭ ଓ ୧୮ ରେ ଆର୍ଜେଣ୍ଟିନା ବିପକ୍ଷରେ ଆଉ ଦୁଇଟି ମ୍ୟାଚ୍‌ରେ ସାମ୍ନାସାମ୍ନି ହେବ। ଏହି ୪ଟି ମ୍ୟାଚ୍ ଲଣ୍ଡନର ଲି ଭାଲି ହକି ସେଣ୍ଟରରେ ଖେଳାଯିବ। ଏହାପରେ ଭାରତୀୟ ମହିଳା ହକି ଦଳ ଆଣ୍ଟୱର୍ପ ଗସ୍ତ କରି ସେଠାରେ ଘରୋଇ ବେଲ୍‌ଜିୟମ ବିପକ୍ଷରେ ଜୁନ ୨୧ ଓ ୨୨ରେ କ୍ରମାଗତ ଭାବେ ଦୁଇଟି ମ୍ୟାଚ୍ ଖେଳିବ। ପ୍ରୋ ଲିଗ୍‌ର ଶେଷ ଦୁଇଟି ମ୍ୟାଚ୍‌ରେ ଚାଇନାକୁ ଭେଟିବ ଭାରତ। ଜର୍ମାନୀର ରାଜଧାନୀ ବର୍ଲିନରେ ଜୁନ ୨୮ ଓ ୨୯ ରେ ଏହି ଦୁଇଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଚଳିତ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ଦଳ ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍ ଖେଳି ୯ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

## ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ

# ଟାର୍ଗେଟ୍ ୨୮୨: ଦ.ଆଫ୍ରିକାର ଲଢ଼େଇ ଜାରି

**ଲଣ୍ଡନ, ୧୩।୬ (ଏଜେନ୍ସି)**

ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ମଧ୍ୟରେ ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ତୃତୀୟ ସଂସ୍କରଣର ଫାଇନାଲ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ରହିଛି। ଲର୍ଡ୍ସର ଏହି ସୁଇଂ ଓ ବାଉନ୍ସ ପିଚ୍‌ରେ ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ୨୮୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍ ଦକ୍ଷିଣ ଆଫ୍ରିକା ସାମ୍ନାରେ ଧାର୍ଯ୍ୟ ରଖିଛି। ଏହାକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଶୁକ୍ରବାର ତୃତୀୟ ଦିବସ ଶେଷ ଖବର ସୁଦ୍ଧା ୩୮ ଓଭର ଖେଳି ୨ ୱିକେଟ୍ ବିନିମୟରେ ୧୫୪ ରନ ସଂଗ୍ରହ କରିଛି। ଓପନର୍ ଆଇଡେନ ମାର୍କରାମ ୭୧ ଓ ଅଧିନାୟକ ତେମ୍ବା ବଭୁମା ୪୦ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ବିଜୟଠାରୁ ଦକ୍ଷିଣ ଆଫ୍ରିକା ଆହୁରି ୧୨୮ ରନ ପଛରେ ରହିଛି। ଆଉଟ୍ ହୋଇଥିବା ବ୍ୟାଟର୍‌ଙ୍କ ମଧ୍ୟରେ ର୍‌ୟାନ ରିକଲେଟନ ୬ ଓ ୱିଆନ ମଲଡର୍ ୨୭ ରନ କରି ମିଚେଲ ଷ୍ଟାର୍କଙ୍କ ଶିକାର ବନିଛନ୍ତି।





**● ଷ୍ଟାର୍କଙ୍କ ଲଢୁଆ ଅର୍ଦ୍ଧଶତକ**

ପୂର୍ବରୁ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦଳ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପ୍ସ ଦ୍ୱିତୀୟ ପାଳିରେ ୮ ୱିକେଟ୍ ହରାଇ ୧୪୪ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ଦ୍ୱିତୀୟ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ୬୩ ରନ ଯୋଡ଼ି ୨୦୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୬ ରନ କରି ଅପରାଜିତ ରହିଥିବା ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଜି ବେଶ୍ ସତର୍କତାର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ୨୦୦ ରନ ଅତିକ୍ରମ କରି ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍ ଧାର୍ଯ୍ୟ କରିବାରେ ସକ୍ଷମ ହୋଇଥିଲା। ଷ୍ଟାର୍କ ୧୩୬ ବଲ୍ ସାମ୍ନା କରି ୫ ଚୌକା ସହାୟତାରେ ୫୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ଏହା ସର୍ବାଧିକ ସ୍କୋର ବିବେଚିତ ହୋଇଛି। ୧୦ମ ୱିକେଟ୍ ଭାଗୀଦାରିରେ ସେ ଜୋଶ୍ ହାଜଲେଉଡ୍ (୧୭ ରନ)ଙ୍କ ସହ ମିଶି ୫୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ନାଥନ ଲାୟନ ୨, ଆଲେକ୍ସ କେରୀ ୪୩, ମାର୍ନସ ଲାବୁସେନ ୨୨, ଷ୍ଟିଭେନ ସ୍ମିଥ ୧୩, ଟ୍ରାଭିସ ହେଡ୍ ଓ ବିଉ ୱେବଷ୍ଟର ୯ ରନ ଲେଖାଏ କରିଥିଲେ। ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ସବୁଠୁ ସଫଳ ବୋଲର ଭାବେ ୪ଟି ଓ ଲୁନଗି ଏନ୍‌ଗିଡି ୩ଟି ୱିକେଟ୍ ନେଇଥିଲେ। ପ୍ରଥମ ପାଳିରେ ୫ ୱିକେଟ୍ ସଫଳତା ପାଇଥିବା ରାବାଡା ଏଥିସହ ମ୍ୟାଚରେ ୯ ୱିକେଟ୍ ହାସଲ କରିଛନ୍ତି।

**● ଅହମ୍ମଦାବାଦ୍ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି**

ତୃତୀୟ ଦିବସ ଖେଳ ଆରମ୍ଭ ପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଖେଳାଳି ନୀରବ ପ୍ରାର୍ଥନା କରି ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସମୟରେ କ୍ରିଜରେ ଦକ୍ଷିଣ ଆଫ୍ରିକାର ସମସ୍ତ ଖେଳାଳିଙ୍କ ସମେତ ଅଷ୍ଟ୍ରେଲିଆ ଦୁଇ ବ୍ୟାଟର୍ ଷ୍ଟାର୍କ ଓ ନାଥନ ଲାୟନ ଏବଂ ଦୁଇ ଅମ୍ପାୟର ଫିଲ୍ଡରେ ଉପସ୍ଥିତ ରହିଥିଲେ। ଖେଳାଳିମାନେ ହାତରେ କଳା ପଟି ବାନ୍ଧି ପଡ଼ିଆକୁ ଓହ୍ଲାଇଥିଲେ।

**● ୨୭ ବର୍ଷ ତଳେ ଆଇସିସି ଟ୍ରଫି ଜିତିଥିଲା ଆଫ୍ରିକା**

ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଏହାର କ୍ରିକେଟ୍ ଇତିହାସରେ ଥରେ ମାତ୍ର ଆଇସିସି ଟ୍ରଫି ଜିତିବାରେ ସକ୍ଷମ ହୋଇଛି। ୨୭ ବର୍ଷ ତଳେ ୧୯୯୮ ରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା।

## ଭାରତର ଟେଷ୍ଟ ପ୍ରସ୍ତୁତିରେ ବାଧା

# ସ୍ୱଦେଶ ଫେରିଲେ ହେଡ୍ କୋଚ୍ ଗମ୍ଭୀର



**କେଣ୍ଟ, ୧୩।୬ (ଏଜେନ୍ସି):** ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍ ଲାଗି ପ୍ରସ୍ତୁତି ହେବା ସକାଶେ ଭାରତ ଭ୍ରମଣକାରୀ ଦେଶର କୌଣସି ଟିମ୍ ସହ ଅଭ୍ୟାସ ମ୍ୟାଚ୍ ଖେଳିନାହିଁ। ବରଂ ଇଂଲଣ୍ଡ ଗସ୍ତରେ ଥିବା ଭାରତ-ଏ' ଖେଳାଳିଙ୍କ ସହ ମିଶି ଏକ ୪ ଦିନିଆ ଅଭ୍ୟାସ୍ ମ୍ୟାଚ୍ ଖେଳିବାକୁ ପସନ୍ଦ କରିଛି। ଏହି ମ୍ୟାଚ୍‌ଟି ଏଠାରେ ଆଜିଠାରୁ ଆରମ୍ଭ ହୋଇଛି। ଭାରତୀୟ ଦଳର ଖେଳାଳିମାନେ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଜଣାଇ ବାହୁରେ କଳାପଟି ବାନ୍ଧି ଖେଳିଥିଲେ। କିନ୍ତୁ ଖେଳ ଅଧାରୁ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ସ୍ୱଦେଶ ଫେରିଆସିଛନ୍ତି। ସ୍ୱଦେଶ ଫେରିବାର କାରଣ ହେଲା ତାଙ୍କ ମା'ଙ୍କ ଦେହ ଅସୁସ୍ଥ। ତାଙ୍କ ଚିକିତ୍ସା ସମ୍ପର୍କରେ ବ୍ୟବସ୍ଥା କରିବା ପରେ ସେ ପୁଣି ଦଳ ସହ ଯୋଗଦେବେ। ତାଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ର୍‌ୟାନ୍ ଟେନ୍ ଡୋଏସ୍କେଟ୍ ଦଳର କୋଚ୍ ଦାୟିତ୍ୱରେ ରହିବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ଟେଷ୍ଟ ଦଳର ପ୍ରସ୍ତୁତି ଯେ ବାଧା ପାଇଛି, ଏହା ନିଃସନ୍ଦେହରେ କୁହାଯାଇପାରେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ଏହି ମ୍ୟାଚ୍‌ରେ ରିପୋର୍ଟିଂ କରିବାକୁ ଗଣମାଧ୍ୟମକୁ ବାରଣ କରିଛି। ଏହା ଫଳରେ ମ୍ୟାଚ୍ ସମ୍ପର୍କରେ କେହି କିଛି ଜାଣିବାର ଅବକାଶ ହୋଇନାହିଁ। ଭାରତୀୟ ଟିମ୍ ନିଜ ରଣନୀତି ଅନ୍ୟମାନଙ୍କୁ ନ ଜଣାଇବାକୁ ହେଉ କିମ୍ବା ନିୟମିତ ମ୍ୟାଚ୍ ଖେଳିବାର ନ ଥିବାରୁ ବିସିସିଆଇ ଏହି ମ୍ୟାଚ୍‌କୁ ସର୍ବସାଧାରଣ କିମ୍ବା ଗଣମାଧ୍ୟମକୁ ସୂଚନା ଦେଇନାହିଁ। ଏଣୁ ଭାରତୀୟ ଟିମ୍ ଏହି ସିରିଜ୍‌କୁ କେତେ ଗୁରୁତ୍ୱ ଦେଉଛି ତାହା ଏଥିରୁ ପ୍ରମାଣିତ ହେଉଛି। ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଏହି ମ୍ୟାଚ୍ ୩୬୦ ଓଭର ଖେଳାଯିବ। ଏଥିରେ ଜଣେ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ଯାହା ଫଳରେ ସେ ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ନିଜକୁ ଖାପ୍ ଖୁଆଇପାରିବେ। ଏହାର ଅର୍ଥ ହେଲା ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ଯଦି ଇନିଂସ ଓପନ କରିବାକୁ ସୁଯୋଗ ମିଳେ, ତେବେ ଏମାନଙ୍କୁ କିଛି ନିର୍ଦ୍ଦିଷ୍ଟ ଓଭର ଖେଳିବାକୁ ଦିଆଯିବ। ଯଦି ବି ସେମାନେ ଆଉଟ ହୋଇଯାଆନ୍ତି ତଥାପି କ୍ରିଜ୍‌ରେ ରହି ବ୍ୟାଟିଂ କରିବେ। ଏହି ପରି ସମସ୍ତ ଖେଳାଳିଙ୍କୁ ସେମାନଙ୍କ ପୋଜିସନ ଓ ପ୍ଲେଇଂ ରୋଲ ଅନୁଯାୟୀ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ବୋଲରଙ୍କୁ ଅତିକମ୍‌ରେ ୧୫ ଓଭର ବୋଲିଂ କରିବାକୁ ସୁଯୋଗ ମିଳିବ। ବିଶେଷ କରି ଇଂଲଣ୍ଡର ଜଳବାୟୁ ଓ ପରିବେଶ ସହ ଖେଳକୁ କିପରି ଖାପ୍ ଖୁଆଇବେ ତାହା ଏହି ଅଭ୍ୟାସ ମ୍ୟାଚ୍‌ରେ ଗୁରୁତ୍ୱ ଦିଆଯାଇଛି।

**● ଭାରତ ବିପକ୍ଷ ଟି-୨୦ ସିରିଜ**

# ଇଂଲଣ୍ଡ ଦଳକୁ ଫେରିଲେ ସୋଫି



**ଲଣ୍ଡନ, ୧୩।୬ (ଏଜେନ୍ସି):** ଭାରତ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଶୁକ୍ରବାର ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ସୋଫି ଇକଲେଷ୍ଟୋନ ସାମୟିକ ବିରତିରୁ ବାହାରି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ୨୬ ବର୍ଷୀୟା ସୋଫି ବିଶ୍ରାମ ନେଇଥିଲେ। ନାଟ୍ ସ୍କିଭର-ବ୍ରଣ୍ଟଙ୍କୁ ୧୪ ଜଣିଆ ଇଂଲଣ୍ଡ ଟି-୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଜୁନ ୨୮ରୁ ଆରମ୍ଭ ହେବ। ଟ୍ରେଣ୍ଟବ୍ରିଜରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ଜୁଲାଇ ୧, ୪, ୯ ଓ ୧୨ରେ ପରବର୍ତ୍ତୀ ଚାରୋଟି ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

**ଘୋଷିତ ଇଂଲଣ୍ଡ ଦଳ**

ନାଟ୍ ସ୍କିଭର-ବ୍ରଣ୍ଟ (ଅଧିନାୟକ), ଏମ୍ ଆର୍ଲୋଟ, ଟାମି ବିଉମଣ୍ଟ, ଆମି ଜୋନ୍ସ (ଉଭୟ ୱିକେଟ୍‌କିପର), ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ୍, ସୋଫି ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ପାଇଗେ ସ୍କୋଫିଲ୍ଡ, ଲିନସୀ ସ୍ମିଥ, ଡାନି ୱାଟ ଓ ଇସି ୱଙ୍ଗ୍।

**ଆଜିଠୁ ଫିଫା କ୍ଲବ୍ ବିଶ୍ୱକପ୍**

# ଚାମ୍ପିଅନ ଦଳକୁ ମିଳିବ ୩୪୪.୫ କୋଟି




**ନ୍ୟୁୟର୍କ, ୧୩।୬ (ଏଜେନ୍ସି):** ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ପକ୍ଷରୁ କ୍ଲବ ବିଶ୍ୱକପ୍ ଶନିବାରଠାରୁ ଆମେରିକାରେ ଆରମ୍ଭ ହେବାକୁ ଯାଉଛି। ଫିଫା କ୍ଲବ ବିଶ୍ୱକପ୍‌ର ଏହା ହେବ ୨୧ତମ ସଂସ୍କରଣ। ଜୁନ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୩ରେ ଉଦ୍‌ଯାପିତ ହେବାକୁ ଥିବା ବିଶ୍ୱ କ୍ଲବ ଫୁଟ୍‌ବଲର ଏହି ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ଏଥର ୩୨ ଗୋଟି ଦଳ ଟ୍ରଫି ପାଇଁ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ୩୨ ଗୋଟି ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ। ଏହାପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବେ। ପ୍ରତି ୪ ବର୍ଷରେ ଆୟୋଜିତ ହେଉଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ଫିଫା ଏଥର ଆଖିଦୃଶିଆ ପୁରସ୍କାର ରାଶି ଘୋଷଣା କରିଛି। କ୍ଲବ ବିଶ୍ୱକପ୍‌ର ଏହି ସଂସ୍କରଣ ଲାଗି ମୋଟ୍ ୧ ବିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୮ ହଜାର ୬୧୩ କୋଟି ୪ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳକୁ ଆଖି ଝଲସିବା ଭଳି ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥର କ୍ଲବ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୪୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୪୪ କୋଟି ୫୦ ଲକ୍ଷ ଟଙ୍କା) ଅର୍ଥରାଶି ଫିଫା ପକ୍ଷରୁ ଦିଆଯିବ। ସେହିଭଳି ରନର୍ସଅପ୍ ଦଳ ୨୫୮ କୋଟି ୩୯ ଲକ୍ଷ ଟଙ୍କା ପୁରସ୍କାର ପାଇବ।

**ଫିଫାର କ୍ଲବ୍ ବିଶ୍ୱକପ୍ ପୁରସ୍କାର ରାଶି**

| | |
|---|---|
| ଚାମ୍ପିଅନ | : ୩୪୪.୫ କୋଟି ଟଙ୍କା |
| ରନର୍ସଅପ୍ | : ୨୫୮.୪ କୋଟି |
| ସେମିରେ ପରାଜିତ ଦଳ | : ୧୮୦.୮ କୋଟି |
| କ୍ୱାର୍ଟରରେ ପରାଜିତ ଦଳ | : ୧୧୩ କୋଟି |
| ରାଉଣ୍ଡ-୧୬ରେ ପରାଜିତ ଦଳ | : ୬୪.୬ କୋଟି |
| ଗ୍ରୁପ୍‌ରେ ପ୍ରତି ବିଜୟ ଲାଗି | : ୧୭ କୋଟି ୨୨ ଲକ୍ଷ |
| ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଡ୍ର ଲାଗି | : ୮ କୋଟି ୬୧ ଲକ୍ଷ |

# ସର୍ବଭାରତୀୟ ଏ ଗ୍ରେଡ୍ କବାଡ଼ି ଉଦ୍‌ଘାଟିତ




**ରସୁଲପୁର, ୧୩।୬ (ସମିସ)**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତରଠାରେ ସର୍ବଭାରତୀୟ ଏ-ଗ୍ରେଡ୍ ଦିବାରାତ୍ର ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ୭୦ତମ କବାଡ଼ି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଯାଜପୁର କବାଡ଼ି ଆସୋସିଏସନ ଦ୍ୱାରା ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଜେକେଏର ସଭାପତି ପ୍ରଦୀପ କୁମାର ସେଠୀ ସଭାପତିତ୍ୱ କରିଥିଲେ। ସଂପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଫାଲଗୁନି ବିଭୁକଲ୍ୟାଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅଭୟ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ତିଆଡ଼ି, ଉପଦେଷ୍ଟା ରବୀନ୍ଦ୍ର କୁମାର ପୃଷ୍ଟି, କୃଷ୍ଣକାନ୍ତ ପଣ୍ଡା, ହେମନ୍ତ କୁମାର କର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଖେଳାଳିମାନଙ୍କ ଶପଥ ଗ୍ରହଣ ପରେ ଅନୁଷ୍ଠାନିକ ଭାବରେ ୭୦ତମ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା। ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍ ଛତିଶଗଡ଼ର ବିଳାଶପୁର ଓ ବାରଙ୍ଗର ରେନ୍‌ବୋ କ୍ଲବ୍ ମଧ୍ୟରେ ୧ନଂ କୋର୍ଟରେ ଅନୁଷ୍ଠିତ ହୋଇଥିଲା। ମୁକେଶ କୁମାର ସାହୁ ରେଫରୀ ଏବଂ କେ. ମାଧବ ରାଓ ଓ ପ୍ରକାଶ କୁମାର ସାହୁ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ।

**■ ଜାତୀୟ କରାଟେ ପ୍ରତିଯୋଗିତା**

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୭ ପଦକ

**ଭୁବନେଶ୍ୱର, ୧୩।୬ (ସମିସ):** ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୫ କାଂସ୍ୟ ପଦକ ସହ ମୋଟ ୭ଟି ପଦକ ବିଜୟୀ ହୋଇଛି। ବିଶ୍ୱ କରାଟେ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ସୁଶ୍ରୀ ଅଲିଶା ସୁବୁଦ୍ଧି, ଓମ୍ ସତ୍ୟମ ମହାନ୍ତି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦଳ ଲାଗି ୫ଟି କାଂସ୍ୟ ପଦକ ଜିତିଥିବା କରାଟେକାମାନେ ହେଲେ ତପସ୍ୱିନୀ ନାୟକ, ସୁପ୍ରିୟା ମହାନ୍ତି, ଆର୍ଯ୍ୟବ୍ରତ ବିଶ୍ୱାଳ ଏକକରେ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳଗି ବିଭାଗରେ ମଧ୍ୟ ଦଳକୁ ଆଉ ୨ଟି କାଂସ୍ୟ ପଦକ ମିଳିଛି। ତାହା ମଧ୍ୟରୁ କନିଷ୍ଠ ବାଳକ ଦଳଗତ କାଟାରେ ଶୁଭମ ଦାଶ, ଦୋଳଗୋବିନ୍ଦ ବେହେରା, ରୀତେଶ ପାତ୍ର ଓ ଅଂଶୁମାନ ମିଶ୍ର କାଂସ୍ୟ ପଦକ ଜିତିଥିଲେ।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

# ଅନୁଗୋଳ ଓ କେନ୍ଦ୍ରାପଡ଼ା ବିଜୟୀ


ଗୋବିନ୍ଦ ପଟ୍ଟନାୟକ


ସତ୍ୟ ବେହେରା

**କଟକ, ୧୩।୬ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅନୁଗୋଳ ଏବଂ କେନ୍ଦ୍ରାପଡ଼ା ବିଜୟୀ ହୋଇଛନ୍ତି।

ରେଭେନ୍ସା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜଗତସିଂହପୁର ୧୦୨ ରନରେ ଅଲଆଉଟ ହୋଇଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୨୭ ରନ କରିଥିଲେ। କେନ୍ଦ୍ରାପଡ଼ାର ଗୋବିନ୍ଦ ପଟ୍ଟନାୟକ ୧୨ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୬.୫ ଓଭରରେ ୪ ୱିକେଟ ହରାଇ କେନ୍ଦ୍ରାପଡ଼ା ବିଜୟ ଲକ୍ଷ୍ୟ ହାସଲ କରିଛି। ଗୋବିନ୍ଦ ଅପରାଜିତ ୧୫ ରନ ସହ ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଜିତାଇଥିଲେ। ସେହିଭଳି ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଗୋଳ ୮ ରନରେ ଦେବଗଡ଼କୁ ହରାଇଥିଲା। ଅନୁଗୋଳର ଇନିଂସ ୧୦୪ ରନରେ ସୀମିତ ରହିଥିଲା। ହର୍ଷ କୁମାର ସର୍ବାଧିକ ୨୫ ରନ କରିଥିବାବେଳେ ଦେବଗଡ଼ ତରଫରୁ ଶୁଭମ ଦାସ ୩ଟି ୱିକେଟ ନେଇଥିଲେ। ୧୦୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦେବଗଡ଼ ୯୬ ରନରେ ଅଲଆଉଟ ହୋଇଥିଲା। ଅନୁଗୋଳର ସତ୍ୟ ବେହେରା ୧୩ ରନ ବ୍ୟୟ କରି ୩ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS